ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୪୧
୭ ଜାନୁଆରୀ, ୨୦୨୬ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 241
7th January, 2026 Wednesday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧା ନ ତେ ବୃଦ୍ଧା ଯେ ନ ବଦନ୍ତି ଧର୍ମମ୍**
**ନା ସୌ ଧର୍ମୋ ଯତ୍ର ନ ସତ୍ୟମସ୍ତି ନ ତତ୍ ସତ୍ୟଂ ଯଚ୍ଛଳେନାଭ୍ୟୁପେତମ୍**

ଯେଉଁ ସଭାରେ ବୃଦ୍ଧଜନ ବିଦ୍ୟମାନ ନଥାନ୍ତି ସେ ସଭା ସଭା ନୁହେଁ। ଯେଉଁମାନେ ଧର୍ମସଂଗତ କଥା ନ କହନ୍ତି, ସେମାନେ ଯଥାର୍ଥ ବୃଦ୍ଧ ନୁହନ୍ତି। ଯେଉଁ ଧର୍ମ ସତ୍ୟକୁ ଅନୁସରଣ ନକରେ ତାହା ଧର୍ମ ନୁହେଁ। ଯାହା କପଟତାରେ ପରିପୂର୍ଣ୍ଣ ତାହା ସତ୍ୟ ନୁହେଁ।

# ୩ରୁ ୪ ଦିନ ବଢ଼ିବ ଶୀତ

**ଭୁବନେଶ୍ୱର,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆହୁରି କଲବଲ କରିବ ଥଣ୍ଡା। ୩ରୁ ୪ ଦିନ ରାଜ୍ୟରେ ଶୀତ ବଢ଼ିବ। ତାପମାତ୍ରା ୧ରୁ ଦେଢ଼ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି। ୩ରୁ ୪ ଦିନ ପରେ ତାପମାତ୍ରା ସାମାନ୍ୟ ବଢ଼ିବା ଆଶା କରାଯାଉଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଟ୍ୱିନ୍ ସିଟିଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ପାରଦ ତଳମୁହାଁ ହୋଇଛି। ରାଜଧାନୀ ଭୁବନେଶ୍ୱର ତୁଳନାରେ କଟକରେ ଅନୁଭୂତ ହୋଇଛି ପ୍ରବଳ ଥଣ୍ଡା। ଝାରସୁଗୁଡା ରାଜ୍ୟର ସବୁଠାରୁ ଥଣ୍ଡା ସହରରେ ପରିଣତ ହୋଇଛି।



ଅନ୍ୟପକ୍ଷେ ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମହାନ୍ତି ପ୍ରକାଶ କରିଛନ୍ତି। କାଁ ଭାଁ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ଆକଳନ କରିଛି ପାଣିପାଗ ବିଭାଗ। ତେବେ ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ଆଲର୍ଟ କରାଯାଇଛି।

କିଛି ଦିନ ତଳେ ଶୀତ ସାଙ୍ଗକୁ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ସେଥିପାଇଁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଥିବାରୁ ଶୀତରୁ ଲୋକଙ୍କୁ ସାମାନ୍ୟ ତ୍ରାହି ମିଳିଥିଲା। ଏଭଳି ସ୍ଥିତିରେ ପୁଣି ରାଜ୍ୟରେ ଶୀତ ବଢ଼ିବା ଲୋକଙ୍କ ମଧ୍ୟରେ ଚିନ୍ତା ବଢାଇ ଦେଇଛି।

ଏପଟେ ଝାରସୁଗୁଡାରେ ୭୩ ବର୍ଷର ରେକର୍ଡ ଭାଙ୍ଗିଛି ଥଣ୍ଡା। ଝାରସୁଗୁଡାରେ ରାତି ତାପମାତ୍ରା ୫.୧ ଡିଗ୍ରି ରେକର୍ଡ ହୋଇଛି। ରାଜ୍ୟର ୧୬ ସହରରେ ତାପମାତ୍ରା ୧୦ ଡିଗ୍ରି ତଳେ ରେକର୍ଡ କରାଯାଇଛି। ରାଉରକେଲାରେ ୬.୬ ଡିଗ୍ରି, କିରେଇ ଓ ଜି.ଉଦୟଗିରିରେ ୬.୮ ଡିଗ୍ରି, ଦାରିଙ୍ଗବାଡିରେ ୭.୫ ଡିଗ୍ରି, ସୁନ୍ଦରଗଡରେ ୭.୬ ଡିଗ୍ରି, ସେମିଳିଗୁଡାରେ ୮.୫ ଡିଗ୍ରି, ବଲାଙ୍ଗୀରରେ ୮.୮ ଡିଗ୍ରି, ଫୁଲବାଣୀ ଓ କେନ୍ଦୁଝରେ ୯ ଡିଗ୍ରି, ସୋନପୁରରେ ୯.୧ ଡିଗ୍ରି, ଢେଙ୍କାନାଳରେ ୯.୯ ଡିଗ୍ରି ରେକର୍ଡ କରାଯାଇଛି । ଚଳିତ ବର୍ଷ ପ୍ରଥମଥର କଟକରେ ରାତିର ପାରଦ ୧୦ ଡିଗ୍ରି ଛୁଇଁଥିବା ବେଳେ ଭୁବନେଶ୍ୱରରେ ୧୨.୯ ଡିଗ୍ରି ରେକର୍ଡ ହୋଇଛି।

ବୁଧବାର କଟକ, ଢେଙ୍କାନାଳ, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି ଜିଲା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାଗୁଡ଼ିକରେ ଦୃଶ୍ୟମାନ କ୍ଷମତା ୨୦୦ ମିଟରରୁ କମ୍ ରହିବ ବୋଲି ସୂଚନା ଦିଆଯାଇଛି।

# ନାବାଳିକା ଦୁଷ୍କର୍ମୀକୁ ମୃତ୍ୟୁ ଦଣ୍ଡାଦେଶ




**କଟକ,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ ଜିଲ୍ଲା ପଦ୍ମପୁର ପୋକ୍‌ସୋ କୋର୍ଟ ଆଜି ଜଣେ ୬ ବର୍ଷର ନାବାଳିକାଙ୍କ ଦୁଷ୍କର୍ମ ଓ ନିର୍ମମ ହତ୍ୟା ସଂପର୍କିତ ଅତ୍ୟନ୍ତ ସମ୍ବେଦନଶୀଳ ମାମଲାରେ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ପ୍ରଶାନ୍ତ ବାଗ ଓରଫ ବରିହାକୁ କୋର୍ଟ ମୃତ୍ୟୁଦଣ୍ଡ ସହିତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରି ଏକ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ଏହାସହ ମୃତ ନାବାଳିକାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ନ୍ୟାୟ ସଂହିତାର ସଫଳ କାର୍ଯ୍ୟାନ୍ୱୟନ ଯୋଗୁଁ ରାଜ୍ୟରେ ଅପରାଧ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ଅଧିକ ସୁଦୃଢ଼ ହୋଇ ଦୋଷୀକୁ ଦଣ୍ଡାଦେଶ ସୁନିଶ୍ଚିତ କରାଯିବାର ଏହା ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ମସିହା ନଭେମ୍ବର ୧୫ ତାରିଖରେ ବରଗଡ ଜିଲ୍ଲା ପାଇକମାଳ ଥାନା ଅଧୀନ ସୋଦା ଗ୍ରାମରେ ଘଟିଥିବା ଏହି ଘଟଣା ସଂପର୍କରେ ଥାନାରେ ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୁକ୍ତ ପ୍ରଶାନ୍ତ ବାଗ ନାବାଳିକାକୁ ଦୁଷ୍କର୍ମ କରିବା ସହ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲା। ଏହି ସମ୍ବେଦନଶୀଳ ମାମଲାର ଅଭିଯୋଗ ପାଇବା ପରେ ବରଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସାହାଇ ମୀନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା। ତତ୍କାଳୀନ ଥାନା ଇନ୍‌ସପେକ୍ଟର ମମତା ନାଏକ ଏହି ମାମଲାର ତଦନ୍ତ କରିଥିବା ବେଳେ ସରକାରୀ ଓକିଲ ଦ୍ୟୁତିଶ ଆଚାର୍ଯ୍ୟ ମାମଲାଟିକୁ ପରିଚାଳନା କରିଥିଲେ।

ତଦନ୍ତ ସମୟରେ ପୋଲିସ ପକ୍ଷରୁ ଡିଏନଏ ବିଶ୍ଳେଷଣ, ଫୋରେନସିକ୍ ପ୍ରମାଣ ସହ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିର ଉପଯୋଗ କରାଯାଇଥିଲା। ମାନ୍ୟବର ପୋକ୍‌ସୋ କୋର୍ଟ ମୋଟ ୩୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ଦୃଢ଼ ପ୍ରମାଣ ଆଧାରରେ ଭାରତୀୟ ନ୍ୟାୟ ସଂହିତା ର ଧାରା ୧୪୦(୧), ୧୦୩, ୬୫(୨), ୬୬ ଏବଂ ପୋକ୍‌ସୋ ଆଇନର ଧାରା ୬ ଅନୁଯାୟୀ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ସହିତ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। *(ଶେଷ ପୃଷ୍ଠା ଦେଖନ୍ତୁ)*

# ପିୟୁସି ଦ୍ୱନ୍ଦ୍ୱ: ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍




**କଟକ,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ତେଲ ମନା। ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ କମିଶନରଙ୍କ ସ୍ପଷ୍ଟୀକରଣ ଲୋଡିଲେ ହାଇକୋର୍ଟ। ସେହିପରି ପୁରୁଣା ଜରିମାନା ଭରଣା ନକଲେ ପଲ୍ୟୁସନ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଛି ତା ଉପରୁ ଦ୍ୱନ୍ଦ୍ୱ ହଟୁ ବୋଲି କହିଛନ୍ତି ହାଇକୋର୍ଟ। ଏନେଇ ପରିବହନ ଆୟୁକ୍ତ ଆସନ୍ତା ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଜିଦ୍‌ରେ ଅଟଳ ମିଲର୍ସ ସଂଘ: ମଣ୍ଡିରେ ପଡ଼ିଛି ଧାନ, ଆସୁଛି ବର୍ଷା

**ଭୁବନେଶ୍ୱର,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଅଚଳାବସ୍ଥା ଆଡ଼କୁ ଗତି କରୁଛି। ଗୋଟିଏ ପଟେ ରାଇସ୍ ମିଲରମାନେ ନିଜ ଜିଦ୍‌ରେ ଅଟଳ ଥିବାବେଳେ, ଅନ୍ୟପଟେ ବର୍ଷା ଓ ଲଘୁଚାପ ସୂଚନା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ମଙ୍ଗଳବାର ଖାଦ୍ୟ ଯୋଗାଣ ବିଭାଗ ଓ ମିଲର ସଂଘ ମଧ୍ୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ପୁଣିଥରେ ବିଫଳ ହୋଇଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ବଙ୍ଗୋପ ମହାସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି, ଯାହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହେବ। ରାଜ୍ୟରେ ଶୀତ ଓ କୁହୁଡ଼ି ଜାରି ରହିଥିବା ବେଳେ ଏହି ସମ୍ଭାବ୍ୟ ବର୍ଷା ଖୋଲା ପଡ଼ିଆ ଓ ମଣ୍ଡିରେ ପଡ଼ି ରହିଥିବା ଧାନକୁ ନଷ୍ଟ କରିଦେବା ଆଶଙ୍କା ସୃଷ୍ଟି କରିଛି।

ସେପଟେ ବିଭିନ୍ନ ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ କୌଣସି ଲିଖିତ ପ୍ରତିଶ୍ରୁତି ନ ମିଳିବାରୁ ମିଲରମାନେ *(ଶେଷ ପୃଷ୍ଠା ଦେଖନ୍ତୁ)*



# ଅଣ୍ଡର ପାସ ଦାବିରେ ଅନଶନ ଜାରି

**ମାର୍ଶାଘାଇ,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୫୩ ନମ୍ବର ଜାତୀୟ ରାଜପଥ ଶିଳିପୁର ଛକ ନିକଟରେ ରାଜପଥ ଉପରେ ଅଣ୍ଡରପାସ ଦାବିରେ ଶିଳିପୁର ପଞ୍ଚାୟତବାସୀ ଜାତୀୟ ରାଜପଥ କଡ଼ରେ ଅମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଶାନ୍ତିଶୃଙ୍ଖଳା ସହିତ ଆମରଣ ଅନଶନରେ ବସିଛନ୍ତି। ଅନଶନକାରୀଙ୍କ ମଧ୍ୟରୁ ଗୌରାଙ୍ଗ ଯେନା ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇ ପୁନର୍ବାର ଅନଶନରେ ସାମିଲ ହୋଇଥିଲେ। ଅନଶନକୁ ସମର୍ଥନ କରି ପଞ୍ଚାୟତର ଶତାଧିକ ଯୁବଛାତ୍ର ମହିଳା ଓ ପୁରୁଷ ବିଭିନ୍ନ ସମୟରେ ଅନଶନ ସ୍ଥଳରେ ସାମିଲ ହେଉଛନ୍ତି। ସୂଚନାଯୋଗ୍ୟଯେ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ରାସ୍ତାପାର ପାଇଁ ବିପଦ ଘନାଉଛି। ଯାହାକୁ ନେଇ ଶିଳିପୁର ଛକଠାରେ ଅଣ୍ଡରପାସ ଦାବି ଯୋର ଧରିଛି। ଶିଳିପୁର ପଞ୍ଚାୟତର ଶିଳିପୁର, ଡଅଁରମୁଣ୍ଡ, ଶାସନ, ବାଲିସାହି, ଗ୍ରାମର ଗ୍ରାମବାସୀ ଜାତୀୟ ରାଜପଥ ପାର ହୋଇ ମାର୍ଶାଘାଇ ବ୍ଲକ, ତହସିଲ, କଲେଜ, ସ୍କୁଲ ଏବଂ ସମସ୍ତ ଅଫିସକୁ ଯାତାୟାତ ପାଇଁ ଅଣ୍ଡର ପାସ ପାଇଁ ଆମରଣ ଅନଶନରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ପ୍ରଶାସନ ସେମାନଙ୍କ ଦାବି ପୂରଣ ନକରିଛି ସେ ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଅନଶନକାରୀମାନେ ଚେତାବନୀ ଦେଇଛନ୍ତି।

# କୁଆଖାଇରେ ବୁଡିଗଲେ ଦୁଇ ଛାତ୍ର

**ଭୁବନେଶ୍ୱର,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କୁଆଖାଇରେ ବୁଡି ଦୁଇ ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଛି। ମଙ୍ଗଳବାର ବଣଭୋଜି କରୁଥିବା ବେଳେ ଏହି ଦୁଇ ଛାତ୍ର ନଈରେ ଗାଧୋଉଥିବା ସମୟରେ ବୁଡିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପକ୍ଷରୁ ଏମାନଙ୍କୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ସମୟରେ ଏହି ଦୁଇ ଛାତ୍ରଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଦୁଇ ଛାତ୍ର ଏକ ଘରୋଇ ଇନ୍‌ଷ୍ଟିଚ୍ୟୁଟରେ ପାଠ ପଢୁଥିଲେ। ଏମାନଙ୍କ ନାଁ ପଙ୍କଜ ସାହୁ ଓ ପ୍ରତୀକ ପାଲୁର ବୋଲି ଜଣାପଡିଛି ।

# ଡାକ୍ତରଙ୍କ ଆନ୍ଦୋଳନ ଉପରେ ଏସମା ଲାଗୁ



**ଭୁବନେଶ୍ୱର,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଡାକ୍ତରଙ୍କ ଆନ୍ଦୋଳନ ଉପରେ ଲାଗୁ ହେଲା ଏସମା। ୬ ମାସ ପାଇଁ ଲାଗୁ ହେଲା ଏସମା। ରାଜ୍ୟ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ୬ ମାସ ଯାଏଁ ଏସମା ବଳବତ୍ତର ରହିବ। ରାଜ୍ୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାରେ ଯେପରି ବ୍ୟାଘାତ ନଉପୁଜିବ, ସେଥିପାଇଁ ସମଗ୍ର ରାଜ୍ୟରେ 'ଅତ୍ୟାବଶ୍ୟକ ସେବା ରକ୍ଷଣାବେକ୍ଷଣ ଆଇନ' (ଏସମା) ଲାଗୁ କରାଯାଇଛି।

ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ଏସମା ଅନୁସାରେ, ଆସନ୍ତା ୬ ମାସ ପର୍ଯ୍ୟନ୍ତ କୌଣସି ବି ସ୍ୱାସ୍ଥ୍ୟକର୍ମୀ ଧର୍ମଘଟ କିମ୍ବା କାର୍ଯ୍ୟବନ୍ଦ ଆନ୍ଦୋଳନ କରିପାରିବେ ନାହିଁ। ଏହି ନିୟମ ସ୍ଥାୟୀ ଏବଂ ଚୁକ୍ତିଭିତ୍ତିକ ଉଭୟ କର୍ମଚାରୀଙ୍କ ପାଇଁ ଲାଗୁ ହେବ। ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସବ-ଡିଭିଜନାଲ ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସମସ୍ତ ସରକାରୀ ମେଡିକାଲ କଲେଜରେ ଏହି କଟକଣା ଲାଗୁ ରହିବ।

ଓଡ଼ିଶା ମେଡିକାଲ ସେବା ସଂଘ ପକ୍ଷରୁ ଦରମା ବୃଦ୍ଧି, ପଦୋନ୍ନତି ଏବଂ ସୁରକ୍ଷା ଭଳି ବିଭିନ୍ନ ଦାବି ନେଇ ଜାନୁଆରୀ ୫ ତାରିଖରୁ ଡାକ୍ତରମାନେ ଦୈନିକ ୨ ଘଣ୍ଟା ପାଇଁ ଓପିଡି ବର୍ଜନ କରିଥିଲେ। ରୋଗୀସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ସେଥିପାଇଁ ସରକାର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।

# କେନ୍ଦ୍ରାପଡ଼ା ପାଇଁ ବରୁଣେଇ ଭଳି ଆଖଡ଼ାଶାଳୀ ବନ୍ଦର ଧୂଆଁବାଣ ହେବନି ତ ?

**କେନ୍ଦ୍ରାପଡ଼ା,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଆଖଡାଶାଳୀ ଗ୍ରାମ ନିକଟସ୍ଥ ମହାନଦୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ନେଇ ପୂର୍ବସରକାର ଦେଖାଇଥିବା ସ୍ୱପ୍ନ କ୍ରମେ ମଉଳି ଯିବାକୁ ବସିଛି । ଏହି ନଦୀଭିତ୍ତିକ ବନ୍ଦର ଉପରେ ନିର୍ଭର କରି ଗଢି ଉଠିବାକୁ ଥିବା ଶିଳ୍ପ ପାଇଁ ରାସ୍ତା ବି ବନ୍ଦ ହୋଇଯାଇଛି। ଏଥିନେଇ ବର୍ତ୍ତମାନର ସରକାରଙ୍କ ନିରବତା ହିଁ ଏହାର କାରଣ ହୋଇଛି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ମସିହା ଡିସେମ୍ବର ୮ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ଗସ୍ତ ଅବସରରେ ଏହି ବନ୍ଦର ପାଇଁ ଘୋଷଣା କରିଥିଲେ । ଏହି ବନ୍ଦର ପ୍ରତିଷ୍ଠା ପାଇଁ ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ମସିହା ଜୁଲାଇ ମାସରେ ଏକ ସ୍ୱତନ୍ତ୍ର ବୈଠକ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ବନ୍ଦର ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ୨୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା । ବାର୍ଷିକ ୧୮.୪୩ ନିୟୁତ ଟନ ପଣ୍ୟ କାରବାର ହେବ ବୋଲି ପ୍ରସ୍ତାବ ଥିଲା। ଗତ ୨୦୨୨ମସିହା ଡ଼ିସେମ୍ବର ୨୦ ଶୀତୁଆ ସକାଳୁ ସେତେବେଳର ରାଜ୍ୟ ସରକାରଙ୍କର ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ମୁଖ୍ୟ ଶାସନ ସଚୀବ ଅସିତ ତ୍ରିପାଠୀ, ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚୀବ ମନୋଜ ମିଶ୍ରା ଓ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରାୟଙ୍କ ସହିତ ପାରାଦ୍ୱୀପ ପଟୁ ବୋଟରେ ଆସି ଜିଲ୍ଲାର ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ପ୍ରସ୍ତାବିତ ଉକ୍ତ ବନ୍ଦର ସ୍ଥଳ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ସ୍ଥିତିର ଅନୁଧ୍ୟାନ କରିଥିଲେ ।

ବନ୍ଦର ନିର୍ମାଣରୁ ଏମଓୟୁ କରିଥିବା ଘରୋଇ ସଂସ୍ଥା ଓହରି ଯିବାରୁ ବନ୍ଦର ନିର୍ମାଣ ପାଇଁ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରିଥିବା ସୂଚନା ଦିଆଯାଇଥିଲା। କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଏଥିପାଇଁ ସବୁଜ ସଙ୍କେତ ଦେବାପରେ ନିକଟରେ ବନ୍ଦର ନିର୍ମାଣ ନିମନ୍ତେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଡିଓଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତଙ୍କ ଗିରଫ ଦାବିରେ ବ୍ଲକରେ ତାଲା

**ରାଜନଗର,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବିଡିଓ ତିଳୋତମା ପୃଷ୍ଟିଙ୍କୁ ବିଜେପି ନେତା ଓ କର୍ମୀ ଆକ୍ରମଣ ଘଟଣାରେ ବିଜୁ ଜନତା ଦଳ ସମର୍ଥୀତ ଲୋକ ପ୍ରତିନୀଧି ଓ ନେତାମାନେ ଦୁଇଦିନ ହେଲା ବ୍ଲକ କାର୍ଯ୍ୟାଳୟରେ ତାଲା ଝୁଲାଇ ଧାରଣାରେ ବସିଛନ୍ତି। ଯାହାଫଳରେ ସରକାରୀ କାର୍ଯ୍ୟ ସଂପୂର୍ଣ୍ଣ ଠପ ହେବା ସହ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ଏପରିକି ବ୍ଲକ କାର୍ଯ୍ୟାଳୟରେ ତାଲା ପଡିବା ସହ ବିଜେଡି ନେତାମାନେ ଧାରଣାରେ ବସି ରହିଥିବାରୁ ସରକାରୀ କର୍ମଚାରୀମାନେ ଆସି ଫେରି ଯାଉଥିବା ଦେଖିବାକୁ ମିଳିଛି । ପଚାଂୟତ ସମିତି ଅଧକ୍ଷା ପ୍ରତିଭା ପାତ୍ରଙ୍କ ନେତୃତ୍ୱରେ ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ, ସରଂପଚ ସଂଘ ସଭାପତି ଅଶୋକକୁମାର ମହାନ୍ତି, ଉପାଧକ୍ଷ ଗଣେଶଚନ୍ଦ୍ର ଗୁଡିଆ, ଜିଲ୍ଲା ପରିଷଦ ସଭ୍ୟା ଖୁକୁମୀନା କୁଅଁର, ସରଂପଚ ସମୀର ସେଠୀ, ଶୈଳେନ୍ଦ୍ର ମିଶ୍ର, ଚିତରଂଜନ ପଣ୍ଡା, ପ୍ରସନ୍ନ ପରିଡା, ଶଶ୍ମିତା ମହାନ୍ତି, ବିଣାପାଣୀ ପ୍ରଧାନ, ରାଣୀମଂଜରୀ ସେଠୀ, ସମିତି ସଭ୍ୟ ସୟ ସ୍ୱାଇଁ ଓ ଆର୍ତବନ୍ଧୁ ମହାନ୍ତି ପ୍ରମୁଖଙ୍କ ସହ ବିଜେଡି ନେତା କୈଳାସ ପରିଡା, ଦେବେନ୍ଦ୍ର ଜେନା, ରଂଜନ ମହାନ୍ତି, ମୋହନ ଦାସ, ପାରେଶ୍ୱର ନାୟକ, ଶ୍ରୀକାନ୍ତ ପ୍ରଧାନ, ବିଜୟ ନାୟକ, ଗୋବର୍ଦ୍ଧନ ପ୍ରଧାନ, ରଶ୍ମିରଂଜିତା ସ୍ୱାଇଁ ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ଦୁଇଦିନ ହେଲା ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ଓ ବିଜେପି ନେତାଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି କରିଥିଲେ । ବ୍ଲକ ପ୍ରଶାସନ ସଂପୂର୍ଣ୍ଣ ଅଚଳ ହୋଇଯିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ବିଡିଓ ଯୀଶୁକ୍ରିଷ୍ଟ ଦାସ ଧାରଣାସ୍ଥଳରେ ପହଂଚି ଆଲୋଚନା କରିଥିଲେ ମଧ ଆନ୍ଦୋଳନକାରୀ ବିଜେଡି ନେତାମାନେ ଅଭିଯୁକ୍ତଙ୍କୁ ଗିରଫ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଆଜି ଶ୍ରୀଜୀଉଙ୍କ ୫ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତାକାଲି ମାଘ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀଜୀଉମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବକମାନେ ଶ୍ରୀବିଗ୍ରହଙ୍କ ଶୃଙ୍ଗାର କରିବେ। ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ନୀତି ଆରମ୍ଭ ହେବ। ଏଥିପାଇଁ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି। ବୁଧବାର ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ପ୍ରାୟ ୫ଟାରୁ ବନକଲାଗି ନୀତି ଆରମ୍ଭ ହେବା ସହ ସର୍ବସାଧାରଣ ବନ୍ଦ ରହିବ। ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବ। ରାତି ୧୦ଟା ପରେ ସର୍ବସାଧାରଣ ଦର୍ଶନ ସ୍ୱାଭାବିକ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମ୍ପାଦନ ବେଳେ ଶ୍ରୀଜିଉଙ୍କ ଦର୍ଶନ ବନ୍ଦ ରହିଥାଏ। ବନକଲାଗି ନୀତିରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ହୋଇଥାଏ। ଦତ୍ତମହାପାତ୍ର ରତ୍ନ ସିଂହାସନ ଉପରକୁ ଯାଇ ଠାକୁରମାନଙ୍କର ଶ୍ରୀମୁଖ ଶୃଙ୍ଗାର କରନ୍ତି।

# ସ୍ମାର୍ଟ ମିଟର ଲଗାଇ ୮ବର୍ଷ ପାଇଁ ଅର୍ଥ ଆଦାୟ

**ଭୁବନେଶ୍ୱର,୬।୧**
**ତଥ୍ୟ**

ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲଗାଇବାପାଇଁ ବାଧ କରୁଥିବା ବିଦ୍ୟୁତ୍ ବିତରଣ କମ୍ପାନୀ ହିତାଧିକାରୀଙ୍କୁ ଏକକାଳୀନ ମିଟର କିଣିବାର ସୁଯୋଗ ଦେଉନାହିଁ । କମ୍ପାନୀ କର୍ତ୍ତୃପକ୍ଷ ନିଜ ପସନ୍ଦର ମିଟର ଲଗାଇ ୮ବର୍ଷ ପାଇଁ ଅର୍ଥ ଆଦାୟ କରୁଛନ୍ତି । ଏହା ଉପରେ ଏବେ ପ୍ରଶ୍ନବାଚୀ ଉଠିଲାଣି ।

ଓଡିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ଏବେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲଗାଉଛି। କେତେକ ସ୍ଥାନରେ ଏହାକୁ ବିରୋଧ ହେଉଥିବାବେଳେ ଆଇନ୍ କାନୁନ୍‌ର ଆଳ ଦେଖାଇ କିନ୍ତୁ ଏହାକୁ ଲଗାଯାଉଛି। ତେବେ ମିଟର ଲଗାଇବା ସମୟରେ କିନ୍ତୁ ପୂର୍ବଭଳି ଗ୍ରାହକମାନେ ଆଉ ନିଜ ବଜେଟ୍‌କୁ ଦେଖି ଖୋଲାବଜାରରୁ ମିଟର କିଣିବାର ସୁଯୋଗ ପାଉନାହାନ୍ତି । ବଣ୍ଟନକାରୀ କମ୍ପାନୀ ନିଜ ପସନ୍ଦର ମିଟର ଲଗାଇବା ସହିତ ନିଜେ ଧାର୍ଯ୍ୟ କରୁଥିବା ଅର୍ଥ ଆଦାୟ କରୁଛି ।

ପୂର୍ବରୁ ଉପଭୋକ୍ତାମାନେ ନିଜେ ବିଦ୍ୟୁତ୍ ମିଟର ଖରିଦ କରୁଥିଲେ ଓ ତାହାକୁ ବିଦ୍ୟୁତ୍ ବିଭାଗର ପରୀକ୍ଷାଗାରରେ ପରୀକ୍ଷାକରି ସାର୍ଟିଫିକେଟ ହାସଲ କରୁଥିଲେ । ପରୀକ୍ଷା ପାଇଁ ଦେୟ ଦେବାକୁ ପଡୁଥିଲା। ସାର୍ଟିଫିକେଟ ମିଳିବାପରେ ବିଦ୍ୟୁତ୍ ବିଭାଗ ତାହାକୁ ଲଗାଉଥିଲା । ଯେହେତୁ ଗ୍ରାହକମାନେ ଏହି ମିଟର କିଣୁଥିଲେ ତେଣୁ ସେମାନଙ୍କୁ ଆଉ ମାସକୁ ମାସ ଅର୍ଥ ଗଣିବାକୁ ପଡୁନଥିଲା । ଯେଉଁମାନଙ୍କ ଘରେ ବିଦ୍ୟୁତ୍ ବିଭାଗ ମିଟର ଲଗାଉଥିଲା ସେମାନେ ୫ବର୍ଷ ପାଇଁ ମାସକୁ ମାସ ମିଟର ଦେୟ ଦେଉଥିଲେ । ମିଟର ବାବଦୀୟ ଅର୍ଥ ସୁଝିଯିବା ପରେ ଆଉ ଅର୍ଥ ଦେବାକୁ ପଡୁନଥିଲା ।



ତେବେ ଟାଟାପାୱାର କର୍ତ୍ତୃପକ୍ଷ ସାଧାରଣ ମିଟର ସ୍ଥାନରେ ସ୍ମାର୍ଟ ମିଟର ବସାଉଛନ୍ତି । ହେଲେ ଉପଭୋକ୍ତାଙ୍କୁ ମିଟର ବାବଦରେ ଏକକାଳୀନ ଅର୍ଥ ପ୍ରଦାନ କିମ୍ବା ଖୋଲା ବଜାରରୁ ମିଟର କିଣିବାକୁ ସୁଯୋଗ ଦେଉନାହାନ୍ତି । ସେମାନେ ନିଜେ ଆଣିଥିବା ମିଟର ଲଗାଇବା ସହିତ ୮ବର୍ଷ ପାଇଁ ମାସକୁ ୬୦ଟଙ୍କା କରି ଆଦାୟ କରୁଛନ୍ତି। ଫଳରେ ଏହି ମିଟର ବାବଦରେ ଉପଭୋକ୍ତାଙ୍କୁ ୫୭୬୦ ଟଙ୍କା ଦେବାକୁ ପଡିବ ।

ବିଦ୍ୟୁତ୍ ବିତରଣ କମ୍ପାନୀର ଏଭଳି ଏକଚାଟିଆ ବିଦ୍ୟୁତ୍ ମିଟର କାରବାର ଯୋଗୁଁ ଉପଭୋକ୍ତା ଜଣଙ୍କ କେତେ ଅଧିକ କିମ୍ବା କମ୍ ଦରରେ ମିଟର ପାଉଛନ୍ତି ତାହା ଜାଣିପାରୁ ନାହାନ୍ତି। *(ଶେଷ ପୃଷ୍ଠା ଦେଖନ୍ତୁ)*

## ଗୋରୁ ଚମଡା ଚାଲାଣକାରୀଙ୍କୁ ଘେରିଲେ ବଜରଙ୍ଗ କର୍ମୀ

**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ବାଲିପାଟଣା ଥାନା ଅନ୍ତର୍ଗତ ସିରିପାରୀ ଗ୍ରାମର ଜନୈକ ବ୍ୟବସାୟୀ ଗୋଟିଏ ଟ୍ରକରେ ଗୋଟିଏ ଷଣ୍ଢ ଓ ୩ ଗାଈଙ୍କ ଚମଡା କାଟି ନେଇ ଯାଉଥିବା ସମୟରେ ବଜରଙ୍ଗ ଦଳର କର୍ମୀମାନଙ୍କ ଦ୍ୱାରା ଧରାପଡିଥିବା ପରେ ଅଭିଯୁକ୍ତ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ସୂଚନା ଅନୁଯାୟୀ ଗୋପ ବ୍ରାଞ୍ଚ୍ କେନାଲ ବନ୍ଧ ହଂସପାଳରୁ ନିମାପଡା ରାସ୍ତାରେ ଉକ୍ତ ଅଭିଯୁକ୍ତ ଟ୍ରକ୍‌କୁ ବଜରଙ୍ଗ ଦଳ କର୍ମୀ ଅଟକାଇ ଯାଞ୍ଚ କରିଥିଲେ । ଅଧିକ ପଚରାଉଚରା ପରେ ଗୋରୁ ଚମଡା ଥିବା ଜଣାପଡିଥିଲା । ଏହାକୁ ନେଇ ବଜରଙ୍ଗ ଦଳ କର୍ମୀମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା । ଇତିମଧ୍ୟରେ ଚାଲାଣ କରୁଥିବା ବ୍ୟକ୍ତି ଜଣଙ୍କ ସୁଯୋଗ ଉଣ୍ଡି ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ଏହାକୁ ନେଇ ଉତ୍ତପ୍ତ ଲୋକେ ହଂସପାଳ ନିମାପଡା ରାସ୍ତାକୁ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଫଳରେ ଏହି ରାସ୍ତାରେ ଯାତାୟାତ ବନ୍ଦ ହୋଇ ଯାଇଥିଲା । ବନମାଳୀପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଗୋ ଚାଲାଣକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି ।

## ବାଘେଶ୍ୱର ବାବାଙ୍କ ନାମରେ ୧୮ ଲକ୍ଷ ଠକେଇ

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳରେ ସାଇବର ଠକାମିର ଏକ ବଡ଼ ମାମଲା ସାମ୍ନାକୁ ଆସିଛି । କୁମଣ୍ଡ ଗାଁର ବିନିତ କୁମାର ସେଠିଙ୍କ ନିକଟରୁ ସାଇବର ଠକମାନେ ପ୍ରାୟ ୧୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଏହି ଘଟଣାରେ ଅନୁଗୁଳ ସାଇବର ଥାନାରେ ମାମଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ, ଏକ ଅଜଣା ନମ୍ବରରୁ ବିନିତଙ୍କୁ ଫୋନ କଲ୍ ଆସିଥିଲା । କଲ କରିଥିବା ବ୍ୟକ୍ତି ନିଜକୁ ବାଘେଶ୍ୱର ବାବାଙ୍କ କର୍ମଚାରୀ ବୋଲି ପରିଚୟ ଦେଇଥିଲେ ଏବଂ ବିନିତଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିଦେବେ କହି ୧ ଲକ୍ଷ ଟଙ୍କା ମାଗିଥିଲେ । ବିନିତ ପ୍ରଥମେ ୧ ଲକ୍ଷ ଟଙ୍କା ଦେଇଥିଲେ । ପରେ ସାଇବର ଠକମାନେ ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ପାଖରୁ ୧୭ ଲକ୍ଷ ୮୨ ହଜାର ଟଙ୍କା ଠକି ନେଇଥିଲେ । ବିନିତ ଠକାମିର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏହି ମାମଲାରେ ତଦନ୍ତ ଆରମ୍ଭ କରିଛି ଏବଂ ସାଇବର ଠକମାନଙ୍କୁ ଧରିବା ପାଇଁ ଚେଷ୍ଟା କରୁଛି ।

## ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ଫୁଲପଡା ପଞ୍ଚାୟତ ଗିରିଧି ବାସିଆ ଗ୍ରାମ ଜଙ୍ଗଲରେ ଜଣେ ଯୁବକର ଶବ ଉଦ୍ଧାର ହୋଇଛି । ଗ୍ରାମର କିଛି ମହିଳା କାଠ ଗୋଟାଇବାକୁ ଯାଇଥିବା ବେଳେ ଏକ ଗଛରେ ଜଣେ ଅଜଣା ଯୁବକ ଝୁଲୁଥିବା ଦେଖିଥିଲେ । ସେମାନେ ଗ୍ରାମରେ ଖବର ଦେବାରେ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ । ଘଟଣାସ୍ଥଳରେ ମହାଧର ପୁର ଫାଣ୍ଡି ଅଧିକାରୀ ଓ ବଅଁରପାଳ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇଥିଲା । ଆଖ ପାଖରେ କୌଣସି ଲୋକ ଶବକୁ ଚିହ୍ନଟ କରି ପାରିନଥିଲେ । ତେଣୁ ଶବକୁ ଅନୁଗୁଳ ଡାକ୍ତରଖାନା ଶବ ଗୃହରେ ରଖାଯାଇ ବଅଁରପାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି । ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖୁଛି ଏବଂ ଯୁବକଙ୍କ ପରିଚୟ ଜାଣିବା ପାଇଁ ଚେଷ୍ଟା କରୁଛି ।

## ମଣ୍ଡି ଖୋଲିବା ଦାବିରେ ତେଜିଲା ଚାଷୀ ଆନ୍ଦୋଳନ

**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**



ବଢିଲା ମଣ୍ଡି ବିବାଦ । ରାଜ୍ୟ ସରକାରଙ୍କ ଆଦେଶ ଜିଲ୍ଲାରେ ବଦଳିଗଲା । ପୁଣି ସରକାର ଓ ଜିଲ୍ଲାପାଳଙ୍କ ଆଦେଶ ବ୍ଲକରେ ଓଲଟିଗଲା । କାହା ନିର୍ଦ୍ଦେଶକୁ ମାନିବେ ଚାଷୀ । କେଉଁଠି ବିକିବେ ଧାନ ? ଧାନ ବିକିବା ପରେ ଚାଷୀ ପ୍ରାପ୍ୟ ପାଇବେ କିମିତି ? କେଉଁ କାରଣ ଯୋଗୁଁ ସମବାୟ ସମିତିକୁ ବାଦ ଦେଇ ଏସଏଚଜିକୁ ଦିଆଗଲା ମଣ୍ଡି ଦାୟିତ୍ୱ ? ମଣ୍ଡିକୁ ତାତିଲେ ଚାଷୀ ଆଜି ଶହ ଶହ ଚାଷୀ ବନଦେବୀ ମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ଧସେଇ ପଶିଥିଲେ । ସମବାୟ ଜରିଆରେ ଧାନ କିଣା ନଗଲେ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦେଇଛନ୍ତି । ଏପଟେ ଶହ ଶହ ଚାଷୀଙ୍କୁ ଦେଖି ବିଡ଼ିଓ ତହସିଲଦାର ଲୁଚିବା ନେଇ ହୋହାଲ୍ଲା ବଢିଲା । ଯୋଗାଣ ଅଧିକାରୀଙ୍କୁ ଦୀର୍ଘ ସମୟ ଘେରାଉ କରି ରଖିଲେ ଚାଷୀ । କୌଣସି ସମାଧାନର ରାସ୍ତା ବାହାରି ପାରିନଥିବା ବେଳେ କବିସୂର୍ଯ୍ୟନଗର ଥାନା ଅଧିକାରୀ ଛତ୍ରପୁର ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି । ଯାହା ସୂଚନା ରହିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକରେ ୧୫ଟି ସେବା ସମବାୟ ସମିତି ଥିବା ବେଳେ ୯ଟି ସମବାୟ ସମିତି ଧାନ କିଣିବା ପାଇଁସ୍ଥିର ହୋଇଥିବା ବଳେ ଆଉ ୬ଟି ସମିତିରେ ମହିଳା ଗୋଷ୍ଠୀ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦିଆଯିବା ପରେ ମୁଣ୍ଡ ଟେକିଛି ଆନ୍ଦୋଳନ । ଏ ନେଇ ଯୋଗାଣ ଅଧିକାରୀ ଶିବାରମ ମିଶ୍ର ପ୍ରତିକ୍ରିୟାରେ କହିଛନ୍ତି ଜିଲ୍ଲା ଯୋଗାଣ ବିଭାଗ ନିର୍ଦ୍ଦେଶର ସରକାରଙ୍କ ଗାଇଡଲାଇନ ଅନୁଯାୟୀ ମହିଳା ଗୋଷ୍ଠୀଙ୍କୁ ଚୟନ କରାଯାଇଛି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ ସରକାରୀ ବାବୁମାନେ କରନ୍ତି ରାଜନୀତି । ଚାଷୀଙ୍କ ଅଭିଯୋଗକୁ ଗ୍ରହଣ କରାଯାଉନି । ଚାଷୀଙ୍କୁ ଲୁଟିବା ପାଇଁ କରାଯାଇଛି ଯୋଜନା. ଏନେଇ ଆଜି ୬ଟି ସମିତିର ସଭାପତି ଏବଂ ୯ଟି ପଞ୍ଚାୟତର ଶତାଧିକ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାଯାଇଛି । ଆଜିର ଆନ୍ଦୋଳନରେ ଋଷୁକୂଲ୍ୟା ରୟିତ ମହାସଭାର ସମ୍ପାଦକ, କୁମର ଜେନା, ବାବୁ ଭୂୟାଁ, ଗୌର ହରି ଜେନା, ପୀତବାସ ପଣ୍ଡା, ଯୋଗୀନ୍ଦ୍ର ବିଶୋଇଙ୍କ ସମେତ ବହୁ ଚାଷୀ ନେତା ସରପଞ୍ଚ, ନିର୍ବାଚିତ ପ୍ରତିନିଧି, ଆନ୍ଦୋଳନରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ହେଲେ ଆନ୍ଦୋଳନ ଜାରି ରହିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସମାଧାନର ରାସ୍ତା ଫିଟିନଥିବା ଚାଷୀମାନେ କହିଛନ୍ତି ।

## ପଦ୍ମଲୋଚନ ପାଠାଗାର ତରଫରୁ ସମ୍ବର୍ଦ୍ଧନା

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ପଦ୍ମଲୋଚନ ପାଠାଗାର ଆନୁକୂଲ୍ୟରେ କବି ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବାଟୋଇ ପତ୍ରିକାର ସମ୍ପାଦକ କବି ଶତ୍ରୁଘ୍ନ ତରାଇ, ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା, କଳାକାର ଅରୁଣ କୁମାର ପାତ୍ର, ଶିବରାମ ବେହେରା, ରବିନ୍ଦ୍ର କୁମାର ପାତ୍ର, ହିମାଂଶୁ ଶେଖର ମହାଳିକ ଓ କବି ସଂଗ୍ରାମ କେଶରୀ ବେହୁରାଙ୍କୁ ଉତ୍ତରୀୟ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସମ୍ପାଦକ ନିର୍ମଳା ମହାକୁଡ଼ ଓ ସଭାପତି ପୁରୁଷୋତ୍ତମ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଓପଲଫେଡ କାଉଁଟରକୁ ବିରୋଧ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ସହରର ସୌନ୍ଦର୍ଯ୍ୟକରଣ ଆଳରେ ରାସ୍ତା ପାଶ୍ୱରୁ ଆମିଷ ଦୋକାନ ଉଚ୍ଛେଦ ପ୍ରଶାସନ କରୁଥିବାବେଳେ ପୌରାଞ୍ଚଳର ୩ଟି ଓ୍ୱାର୍ଡର ପ୍ରମୁଖ ଜନଗହଳୀପୂର୍ଣ୍ଣ ସ୍ଥାନ କୁହାଯାଉଥିବା ନବୀନାବାଗ ଛକଠାରେ ଓପଲଫେଡ କାଉଁଟର ଖୋଲିବାକୁ ସ୍ଥାନୀୟ ଲୋକ ବିରୋଧ କରିଛନ୍ତି । ଏହି ମର୍ମରେ ଉକ୍ତ କାଉଁଟରକୁ ସେଠାରୁ ସ୍ଥାନାନ୍ତର କରି ଅନ୍ୟ ଯେ କୌଣସି ସ୍ଥାନରେ କରାଯିବା ଦାବିରେ ଏକ ଦାବିପତ୍ର ଖୋର୍ଦ୍ଧା ପୌରନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ଖୋର୍ଦ୍ଧା ପୌରପରିଷଦ ଅଧିନ ୬ନଂ ଓ୍ୱାର୍ଡ ଅନ୍ତର୍ଗତ ନବୀନାବାଗ ଛକଠାରେ ଗଢି ଉଠିଛି ବହୁ ଆମିଷ ପସରା ଉକ୍ତ ପସରା ଗୁଡିକୁ ବିରୋଧ ହେଉଥିବାବେଳେ ପୁଣି ଓପଲଫେଡ କାଉଁଟର ଖୋଲାଯାଉଛି । ଯାହାକୁ ସ୍ଥାନୀୟ ଅଂଚଳରେ ବିରୋଧ ହୋଇଛି । ଉକ୍ତ ଛକ ଦେଇ କୋମଳମତୀ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଦ୍ୟାଳୟକୁ ଯାତାୟତ କରୁଥିବାବେଳେ ୩ଟି ଓ୍ୱାର୍ଡର ବାସିନ୍ଦାଙ୍କ ଏହା ଚଳପ୍ରଚଳ ରାସ୍ତା । ଉକ୍ତ ରାସ୍ତାଦେଇ ଛାତ୍ରୀମାନେ ମହିଳା ମହାବିଦ୍ୟାଳୟ ଯାଉଥିବାବେଳେ ନିକଟରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର, ମଙ୍ଗଳା ମନ୍ଦିର ପ୍ରମୁଖକୁ ଶ୍ରଦ୍ଧାଳୁମାନେ ଯାଆସ କରନ୍ତି । ଏପରି ସ୍ଥଳରେ ଛକ ଉପରେ ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ ନୂତନ କରି ଏକ ଓପଲଫେଡ କାଉଁଟର ଖୋଲିବାକୁ ଦିଆଯାଇଥିବା ଅନୁମତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି ।

ପ୍ରକାଶ ଥାଉକି, ସହରର ସୌନ୍ଦର୍ଯ୍ୟକରଣ ଲାଗି ରାସ୍ତାପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ଚାଲିଥିବା ମଟନ, ଚିକେନ୍ ଓ ମାଛ ଦୋକାନ ଗୁଡିକୁ ଉଚ୍ଛେଦ କରାଯାଇଥିଲା । ଏ ସମସ୍ତ ବ୍ୟବସାୟୀଙ୍କୁ ଟିଏଲସି ଠାରେ ସ୍ଥାନ ନିରୁପଣ କରାଯାଇ ବ୍ୟବସାୟ କରିବା ଲାଗି ଦିଆଯାଇଛି । କିନ୍ତୁ ୩ଟି ଓ୍ୱାର୍ଡର ପ୍ରମୁଖ ଜନଗହଳୀପୂର୍ଣ୍ଣ ସ୍ଥାନ କୁହାଯାଉଥିବା ନବୀନାବାଗ ଛକଠାରେ ଅନେକ ଗୁଡିଏ ଉଠାବ୍ୟବସାୟୀ ଆମିଷ ପସରା ମେଲାଇଥିବାବେଳେ ସେମାନଙ୍କୁ ଉଚ୍ଛେଦ ପରିବର୍ତ୍ତେ ପୁଣି ଆଉ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଓପଲଫେଡ କାଉଁଟରକୁ କିପରି ପୌରପ୍ରଶାସନ ଅନୁମତି ଦେଲା ତାକୁ ନେଇ ଉଠିଛି ପ୍ରଶ୍ନ ।

ଅନ୍ୟପକ୍ଷରେ ଅନୁମତି ପ୍ରଦାନ କରାଯାଇଥିବା ବ୍ୟକ୍ତି ଜଣେ ରାଜନୈତିକ ଦଳର ଟାଣୁଆ ମହିଳା ନେତ୍ରୀଙ୍କ ସମ୍ପର୍କୀୟ ତଥା ପୌରପରିଷଦର ଜଣେ ମହିଳା କାଉନ୍ସିଲରଙ୍କ ସ୍ୱାମୀ ବୋଲି ପୌରନିର୍ବାହୀ ଅଧିକାରୀ ଅନୁକମ୍ପା ଦେଖାଇଛନ୍ତି କି ବୋଲି ମଧ ପ୍ରଶ୍ନ ଉଠିଲାଣି ।

## ରାସ୍ତା ସଫେଇରେ ବ୍ୟାପକ ଅର୍ଥ ହେରଫେର !

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



କଣ୍ଟାପଡ଼ା ବ୍ଲକ୍ ବାଗଲପୁର ତ୍ରିଛକି ଠାରୁ ପାଟସୁନ୍ଦରପୁର ପର୍ଯ୍ୟନ୍ତ ଓ ପାଟସୁନ୍ଦର ପୁର ଠାରୁ ଝାରପଡ଼ା ପର୍ଯ୍ୟନ୍ତ ରାସ୍ତାସଫେଇ ପାଇଁ ଲକ୍ଷାଧିକ ଟଙ୍କା ଚିଠାରେ କାମ ହେଉଥିବା ବେଳେ ଉକ୍ତ ରାସ୍ତାଟି କଣ୍ଟାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ସଫେଇ କରାଯାଇଛି । ଚିଠାପାଇ ଠିକାଦାର ଜେସିବି ମେସିନ୍ ସହାୟତାରେ ନାମକୁ ମାତ୍ର କିଛି କିଛି ଜାଗାରେ ସଫେଇ କରି ଅଧିକାଂଶ ଜାଗା ସଫେଇ ନକରି ଟଙ୍କା ହଡପ କରିବାପାଇଁ ଉଦ୍ୟମ କରିଛନ୍ତି । ଉକ୍ତ କାମଟି କଣ୍ଟାପଡ଼ା ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରେମଲତା ଦାସ କାମ ତଦାରଖ କରିବା ତ ଦୂରର କଥା ସଫେଇ ସ୍ଥଳକୁ ଯାଇନଥିବା ଅଭିଯୋଗ ହୋଇଛି । ଦୀର୍ଘ ବର୍ଷ ହେବ କଣ୍ଟାପଡ଼ା ପୂର୍ତ୍ତ ବିଭାଗ ଯନ୍ତ୍ରୀ ରହିଥିବା ବେଳେ ଅନେତ୍ର ବଦଳି ଭୟ ନାଁ ମୋଟା ଅଙ୍କର ପିସି, କାରବାର ଯୋଗୁ ରାସ୍ତା ସଫେଇ ନକରି ଟଙ୍କା ହଡପ କରିବା ପାଇଁ ଠିକାଦାର କାମକରୁଥିବା ବେଳେ ପୂର୍ତ୍ତ ବିଭାଗ ଅଧିକାରୀମାନେ ଚୁପ୍ ବସିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ପୂର୍ବରୁ ଥରେ ଏହି ରାସ୍ତା ସଫେଇରେ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଛି । ଏହି କାମ ଉପରେ ଭିଜିଲାନ୍ସରେ ଅଭିଯୋଗ କରାଯିବ ବୋଲି ଅଞ୍ଚଳବାସି ଚେତାବନୀ ଦେଇଛନ୍ତି । ବିଭାଗୀୟ ଯନ୍ତ୍ରୀ ଖୁବ୍ କମ୍ ସମୟ ମଧ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା କାମରେ ମୋଟ ଅର୍ଥ ଆତ୍ମସାତ କରି କୋଟି ପତି ହେଉଥିବା ଅଭିଯୋଗ ହେଉଛି ।

## ୧୨ ଚୋରା ଗାଡ଼ି ଜବତ

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ରାତ୍ରି ପାଟ୍ରୋଲିଂ ବେଳେ ଅନୁଗୁଳ ଜିଲ୍ଲା ଜରପଡ଼ା ସେକ୍ସନ ଜଙ୍ଗଲ ବିଭାଗ ଅଧିକାରୀମାନେ ୧୨ଟି ଚୋରା ଗାଡ଼ି ଜବତ କରିଛନ୍ତି । କତଡ଼ା ବଙ୍ଗଳା ସାହି ରେଲୱେ ସାଇଟ୍ ନିକଟରେ ୧୨ଟି ଗାଡ଼ି ଥିବା ଅଧିକାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ଚଢ଼ଉ ବେଳେ ୧୨ଟି ଗାଡ଼ିରେ ପ୍ରାୟ ୩୯ ସିଏଫ୍‌ଟି ଥିବା ଜଣାପଡ଼ିଛି । କାଠ ସବୁକୁ ଜବତ କରାଯାଇ ଜରପଡା ରେଞ୍ଜକୁ ଅଣାଯାଇଛି । ଏହି ଚଢ଼ଉରେ ଫରେଷ୍ଟର ବସନ୍ତ ଗଡ଼ନାୟକ, ରିତାରାଣୀ ସେଠୀ, ଗାର୍ଡବଲିଜା ରାଣୀ ମାଝୀ ଏବଂ ହାତୀ ସ୍କ୍ୱାର୍ଡର ସଦସ୍ୟମାନେ ସାମିଲ ଥିଲେ ।

### ବାଣିଜ୍ୟ

## ଆଧାର ଲିଙ୍କ ବିନା ଟ୍ରେନ ଟିକେଟ ବୁକ୍ କରିପାରିବେ ନାହିଁ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଟିକେଟ ବୁକିଂ ଠକେଇକୁ ରୋକିବା ପାଇଁ ଆଇଆରସିଟିସି କଡ଼ା ପଦକ୍ଷେପ ନେଇଛି । ଏହା ଅଧୀନରେ, ଆଇଆରସିଟିସି ଉପଭୋକ୍ତାମାନଙ୍କୁ ସେମାନଙ୍କର ଆଧାର କାର୍ଡ ଲିଙ୍କ କରିବାକୁ ପଡିବ । ଯଦି ସେମାନେ ଏହା କରିବାରେ ବିଫଳ ହୁଅନ୍ତି, ତେବେ ନୂତନ ନିୟମ ଅନୁଯାୟୀ, ଜାନୁଆରୀ ୧୨ ତାରିଖରୁ, ଟ୍ରେନ ଟିକେଟ୍ ବୁକିଂର ପ୍ରଥମ ଦିନ, ସେମାନେ ସକାଳ ୮ଟାରୁ ଅପରାହ୍ନ ୧୨ଟା ମଧ୍ୟରେ ଟ୍ରେନ ଟିକେଟ ବୁକ କରିପାରିବେ ନାହିଁ । ଆଇଆରସିଟିସି ଏହି ନିୟମଗୁଡ଼ିକୁ ଅନେକ ପର୍ଯ୍ୟାୟରେ ଲାଗୁ କରିଛି । ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୯ ତାରିଖରେ କାର୍ଯ୍ୟକାରୀ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୫ ତାରିଖରେ ଆରମ୍ଭ ହୋଇଥିଲା ଏବଂ ତୃତୀୟ ପର୍ଯ୍ୟାୟ ଜାନୁଆରୀ ୧୨ ତାରିଖରେ କାର୍ଯ୍ୟକାରୀ ହେବ । ବର୍ତ୍ତମାନ, ଯେଉଁ ଉପଭୋକ୍ତାମାନଙ୍କର ଆଧାର ଆକାଉଣ୍ଟ ସହିତ ଲିଙ୍କ ହୋଇନାହିଁ ସେମାନେ ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ଟିକେଟ୍ ବୁକ କରିପାରିବେ ନାହିଁ । ଦୟାକରି ଧ୍ୟାନ ଦିଅନ୍ତୁ ଯେ ସଂରକ୍ଷିତ ଟିକେଟ ବୁକିଂ ୬୦ ଦିନ ପୂର୍ବରୁ ଖୋଲିଥାଏ ଏବଂ ନୂତନ ନିୟମ କେବଳ ପ୍ରଥମ ଦିନ ସଂରକ୍ଷିତ ଟ୍ରେନ ଟିକେଟ୍ ବୁକିଂ ଖୋଲିବା ସମୟରେ ଲାଗୁ ହେବ ।

ଆଇଆରସିଟିସି ଆପଣଙ୍କ ଆକାଉଣ୍ଟକୁ ଆଧାର ସହିତ ଲିଙ୍କ କରିବାକୁ ବାଧ୍ୟତାମୂଳକ କରିଛି । ବୁକିଂ ସମୟରେ, ଆପଣଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ ଏକ ଓଟିପି ପଠାଯିବ, ଏବଂ ଏହି ଓଟିସି ପ୍ରବେଶ କରିବା ପରେ ହିଁ ଟିକେଟ୍ ବୁକ କରାଯିବ । ଏହି ପ୍ରକ୍ରିୟା ଠକେଇକୁ କଷ୍ଟକର କରିବ । ଏହି ନିୟମ ଭାରତର ସମସ୍ତ ରେଳ ଜୋନ ପାଇଁ ଲାଗୁ ହେବ । ଦିଲ୍ଲୀରୁ ମୁମ୍ବାଇ କିମ୍ବା ଚେନ୍ନାଇ ହେଉ, ସମସ୍ତ ରୁଟରେ ଅନଲାଇନ ଏବଂ କାଉଣ୍ଟର ବୁକିଂ ପାଇଁ ଆଧାର ପ୍ରମାଣୀକରଣ ଏବେ ଆବଶ୍ୟକ ।

## ପ୍ରସଙ୍ଗ ଲୁଚାଉଛନ୍ତି ଅଧିକାରୀ: ଚାବି ରଖୁନାହାନ୍ତି ଡିଆଇପିଆରଓ

**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖୋଦ୍ ରାଜସ୍ୱ ମନ୍ତ୍ରୀ ସରକାରୀ ଜମି କିମ୍ବା ଘର ଦଖଲ କରିଥିବା ଲୋକଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି । ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ଜମି ଓ ଘର ସରକାରୀ ଖାତାକୁ ଫେରସ୍ତ ଅଣାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ହେଲେ ଝାରସୁଗୁଡ଼ା ଜିଲାରେ ଜଣେ ବ୍ୟକ୍ତି ଫାଣ୍ଡି କ୍ୱାର୍ଟର୍ସକୁ ଦୀର୍ଘ ବର୍ଷ ହେଲା ଦଖଲ କରିଥିବା ବେଳେ ଏବେ ରାଜସ୍ୱ ବିଭାଗ କ୍ୱାର୍ଟର୍ସକୁ ଦଖଲ କରିଥିବା ନେଇ ଚର୍ଚ୍ଚାରେ ରହିଛନ୍ତି । ଅନ୍ୟପକ୍ଷରେ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ସ୍ୱାଇଁ କିନ୍ତୁ ଏହି ପ୍ରସଙ୍ଗକୁ ଲୁଚାଉଥିବା ଅନୁସନ୍ଧାନରୁ ଜଣାପଡ଼ିଛି । ଏହି କ୍ୱାର୍ଟରର ଚାବି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡ଼ିଆଇପିଆରଓ)ଙ୍କ ନିକଟରେ ରହିଥିବା କୁହାଯାଉଥିବା ବେଳେ ଚାବି କିନ୍ତୁ ଉକ୍ତ ଦଖଲକାରୀଙ୍କ ନିକଟରେ ଥିବା ଜଣାପଡ଼ିଛି । ଅତିରିକ୍ତ ଜିଲ୍ଲାପାଳ ଓ ଉକ୍ତ ଦଖଲକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ସମ୍ଭବ ହୋଇଥିବାରୁ ଏହାର ତଦନ୍ତ କରାଯିବାର ଆବଶ୍ୟକତା ରହିଛି । ଜିଲ୍ଲାପାଳ ଏହି ଘଟଣାକୁ ଗୁରୁତର ସହିତ ନେଇ ତଦନ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

ସୂଚନାଯୋଗ୍ୟ ଯେ, ବିଟିଏସ୍‌ରେ ସଦର ପୁଲିସର ଫାଣ୍ଡି ଚାଲୁଥିବା ବେଳେ ସଦର ଥାନା ହେବା ପରେ ଏହାର କ୍ୱାର୍ଟର୍ସ ଫାଙ୍କା ପଡ଼ିଥିଲା । ଜଣେ ବ୍ୟକ୍ତି ଗଣମାଧ୍ୟମ ସଂସ୍ଥାର କାର୍ଯ୍ୟାଳୟ କରିବା ବାହାନା ଦେଖାଇ ଉକ୍ତ କ୍ୱାର୍ଟର୍ସକୁ ଦଖଲ କରିଥିଲା । ଦୀର୍ଘବର୍ଷ ଧରି ଉକ୍ତ କ୍ୱାର୍ଟର୍ସ ଅନ୍ୟଜଣଙ୍କ ଦଖଲରେ ରହିଥିବାରୁ ପୂର୍ବରୁ ସଦର ଥାନାରେ ରହିଥିବା ପୁଲିସ ଅଧିକାରୀମାନେ ପୁଲିସ ହାତକୁ କ୍ୱାର୍ଟର୍ସ ଫେରାଇ ଆଣିବାକୁ ଚେଷ୍ଟା କରିଥିବା ବେଳେ ଆରକ୍ଷୀ ଅଧୀକ୍ଷକଙ୍କୁ ହାତକରି ଉକ୍ତ ବ୍ୟକ୍ତି ଦଖଲରେ ରଖୁଆସୁଛି । ଏବେ ଆଉ ଏକ କ୍ୱାର୍ଟର୍ସକୁ ନେବା ଦଖଲକୁ ପରେ ବିବାଦ ମୁଣ୍ଡ ଟେକିଛି । ବର୍ଷେ ହେବ ସମ୍ପୃକ୍ତ ବ୍ୟକ୍ତି ରାଜସ୍ୱ କ୍ୱାର୍ଟର୍ସ ହାତେଇବା ପାଇଁ ଅତିରିକ୍ତ ଜିଲାପାଳ ଶ୍ରୀ ସ୍ୱାଇଁଙ୍କୁ ହାତବାରିସ କରି ପୂର୍ବତନ ଜିଲ୍ଲାପାଳ ଅବୋଲି ସୁନୀଲ୍ ନରଓ୍ୱଣେଙ୍କୁ ଚିଠି କରିଥିଲା । ହେଲେ ପୂର୍ବତନ ଜିଲାପାଳ ଏହି ଆବେଦନକୁ ନାକଚ୍ କରିଦେଇଥିଲେ । ନୂତନ ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ଲାଣ ଝାରସୁଗୁଡ଼ା ଆସିବା ପରେ ପୁଣି ଅତିରିକ୍ତ ଜିଲାପାଳ ଶ୍ରୀ ସ୍ୱାଇଁଙ୍କୁ ହାତ କରି କ୍ୱାର୍ଟର୍ସ ପାଇଁ ଆବେଦନ କରିଥିଲା । ମୋଟାମୋଟି ଭାବେ କହିବାକୁ ଗଲେ, ସମ୍ପୃକ୍ତ ବ୍ୟକ୍ତିଙ୍କୁ କ୍ୱାର୍ଟର୍ସ ଦିଆଯାଇଛି । ହେଲେ ରାଜସ୍ୱ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ କ୍ୱାର୍ଟର୍ସ ମିଳୁ ନଥିବାରୁ ସେମାନେ ବାହାରେ ଘରଭଡ଼ା ନେଇ ରହୁଛନ୍ତି । ଏପଟେ ଗୋଟିଏ ବ୍ୟକ୍ତିଙ୍କୁ ଦୁଇ ଦୁଇଟି କ୍ୱାର୍ଟର୍ସ ପ୍ରଶାସନ ପ୍ରଦାନ କରିଛି । ତେବେ ଏଥିନେଇ ଅତିରିକ୍ତ ଜିଲାପାଳ ଶ୍ରୀ ସ୍ୱାଇଁଙ୍କୁ ପଚାରିବାରୁ ସରକାରୀ ମିଡ଼ିଆ ପାଇଁ କ୍ୱାର୍ଟର୍ସ ପ୍ରଦାନ କରାଯାଇଛି ବୋଲି କହିଥିଲେ । ଏହାସହିତ ଓ୍ୱାଲଟପ ସେଣ୍ଟର ଆଣ୍ଡ ଷ୍ଟୋରେଜ ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଦିଆଯାଇଛି । ଏହାର ଚାବି ଡିଆଇପିଆରଓଙ୍କ ନିକଟରେ ରହିଛି ବୋଲି ଏଡିଏମ୍ କହିଥିଲେ ହେଁ ମାତ୍ର ଏହାର ଚାବି ଡିଆଇପିଆରଓଙ୍କ ପାଖରେ ନାହିଁ । ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଦଖଲକାରୀଙ୍କ ଠାରୁ କ୍ୱାର୍ଟର୍ସ ଫେରାଇ ଆଣି ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ଦେବାକୁ ଦାବି ହେଉଛି ।

## ବ୍ରାହ୍ମଣୀ ନଦୀ ବନ୍ଧ–କଇଥା ରାସ୍ତା କାମରେ ଖୋଲା ଦୁର୍ନୀତି



### ଉଚ୍ଚସ୍ତରୀୟ ତଦନ୍ତ ଦାବି

**କଳିଙ୍ଗନଗରତା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିଙ୍ଗଳ ପଞ୍ଚାୟତର କଇଥା ଗ୍ରାମକୁ ଜାତୀୟ ରାଜପଥ–୫୩ ନମ୍ବର ବ୍ରାହ୍ମଣୀ ବ୍ରିଜ ସହିତ ସଂଯୋଗ କରୁଥିବା ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା କାମରେ ଭୟାବହ ଅନିୟମିତତା ଓ ଖୋଲା ଦୁର୍ନୀତିର ଗନ୍ଧ ସାଧାରଣ ଜନତାକୁ ଆତଙ୍କିତ କରିଛି । ଲୋକଙ୍କ ବହୁଦିନର ଦାବି ପରେ ସରକାରୀ ଅର୍ଥରେ ହେଉଥିବା ଏହି ବନ୍ଧ ରାସ୍ତା କାମ ଏବେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମିଳିତ ହରିଲୁଟର ନମୁନା ଭାବେ ଚର୍ଚ୍ଚାରେ ରହିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କାମରେ ବ୍ୟବହୃତ ଚିପ୍ସ, ବଜୁରୀ ଓ ପିଚୁର ମାନ ଅତ୍ୟନ୍ତ ନିମ୍ନମାନର । ପିଚୁର ମୋଟାଇ ନିର୍ଦ୍ଧାରିତମାନକୁ ସମ୍ପୂର୍ଣ୍ଣ ଅବହେଳା କରାଯାଇଥିବା ବେଳେ, ମାଟେରିଆଲ୍ ଟେଷ୍ଟିଂ ଓ କ୍ୱାଲିଟି କଣ୍ଟ୍ରୋଲ୍ ପ୍ରକ୍ରିୟା କେବଳ କାଗଜରେ ସୀମିତ ରହିଛି ବୋଲି ଗୁରୁତର ଅଭିଯୋଗ ଉଠିଛି । ଏପରି ନିମ୍ନମାନର କାମ ରାସ୍ତାର ସ୍ଥାୟୀତ୍ୱ ଉପରେ ଗଭୀର ପ୍ରଶ୍ନଚିହ୍ନ ଲଗାଇଛି । ଚିନ୍ତାଜନକ କଥା ହେଉଛି, ପିଚୁ କାମ ପ୍ରାୟ ସମାପ୍ତ ହେବାକୁ ଯାଉଥିବା ସତ୍ତ୍ୱେ କାର୍ଯ୍ୟସ୍ଥଳରେ ଏପର୍ଯ୍ୟନ୍ତ କୌଣସି ସୂଚନା ଫଳକ ଲଗାଯାଇନାହିଁ । କାମର ମୋଟ ଅନୁମୋଦିତ ଖର୍ଚ୍ଚ, ଠିକାଦାରଙ୍କ ନାମ, ସମ୍ପୃକ୍ତ ବିଭାଗ ଓ ନିରୀକ୍ଷଣକାରୀ ଅଧିକାରୀଙ୍କ ସୂଚନା ଜଣାଶୁଣାଭାବେ ଲୁଚାଇ ରଖାଯାଇଛି, ଯାହା ସରକାରଙ୍କ ସ୍ୱଚ୍ଛତା ଓ ପାରଦର୍ଶିତା ନୀତିକୁ ସିଧାସଳଖ ଉଲ୍ଲଂଘନ କରୁଛି । ଅଭିଯୋଗ ଆହୁରି ଭୟାବହ–ରାସ୍ତା କାମରେ ଚୋରା ଓ ବେଆଇନ ମୋରମ୍ ବ୍ୟବହାର କରାଯାଉଛି । ବନ୍ଧ ରାସ୍ତା ଉପରେ ଅବୈଧ ମୋରମ୍ ଢେର ପଡ଼ିଥିବା ଦୃଶ୍ୟ ସାମ୍ନାକୁ ଆସିଥିବା ସତ୍ତ୍ୱେ ପ୍ରଶାସନୀୟ ନୀରବତା ସନ୍ଦେହକୁ ଆହୁରି ଘନୀଭୂତ କରିଛି । ସୁକିନ୍ଦା ତହସିଲଦାର, ଖଣି ବିଭାଗ ଓ ଜଳସେଚନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ନା କି ଉଦ୍ଦେଶ୍ୟମୂଳକ ଅଣଦେଖା ହୋଇଛି ସେ ନେଇ ତୀବ୍ର ପ୍ରଶ୍ନ ଉଠୁଛି । ସବୁଠୁ ଗୁରୁତର ଅଭିଯୋଗ ହେଉଛି, କାର୍ଯ୍ୟସ୍ଥଳରେ ଦାୟୀ ବିଭାଗୀୟ ଅଧିକାରୀ କିମ୍ବା ଜୁନିୟର ଇଞ୍ଜିନିୟରଙ୍କ ଉପସ୍ଥିତି ପ୍ରାୟ ଦେଖାଯାଉନାହିଁ । ଏହି ଅନୁପସ୍ଥିତିକୁ ଅସ୍ତ୍ର କରି ଠିକାଦାର ନିଜ ମନମାନିରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ରାସ୍ତା କାମ ସାରୁଥିବା ଅଭିଯୋଗ ସାଧାରଣରେ ଜୋର ଧରୁଛି ।

ଏହି ସମଗ୍ର ପରିସ୍ଥିତିକୁ ନେଇ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଦୃଢ଼ ଭାବେ ଦାବି କରୁଛନ୍ତି ଯେ,ସମ୍ପୂର୍ଣ୍ଣ ରାସ୍ତା କାମର ଉଚ୍ଚସ୍ତରୀୟ ସ୍ୱାଧୀନ ତଦନ୍ତ, ମାପ ପୁସ୍ତକ, ବିଲ୍, ମାଟେରିଆଲ୍ ଟେଷ୍ଟ ରିପୋର୍ଟ ଓ ଅନୁମୋଦନ ପତ୍ର ସାର୍ବଜନୀନ କରାଯାଉ ଏବଂ ଦୋଷୀ ଠିକାଦାର ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ । ନଚେତ୍, ସରକାରୀ ଟଙ୍କାରେ ହେଉଥିବା ଏପରି ନିମ୍ନମାନର ରାସ୍ତା କାମ ଆଗାମୀ ଦିନରେ ବଡ଼ ଦୁର୍ଘଟଣାର କାରଣ ହେବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରୁଛନ୍ତି । ଏହାଉପରେ ପ୍ରଶାସନ ବିଧିବଦ୍ଧ ଭାବେ କାର୍ଯ୍ୟାନୁଷ୍ଠାନ ନେବେ ଦେଖିବାକୁ ରହିଲା ବାକି ।

## ଓସ୍କାର ଭୋଟିଂ ରାଉଣ୍ଡରେ 'ହୋମବାଉଣ୍ଡ'



### ସିନେମାଫିନେମା ଟିଭିଫିବି

'ହୋମବାଉଣ୍ଡ' ଏକାଡେମୀ ପୁରସ୍କାରରେ ଅନ୍ତର୍ଜାତୀୟ ଫିଚର ଫିଲ୍ମ ବର୍ଗରେ ପରବର୍ତ୍ତୀ ରାଉଣ୍ଡ ଭୋଟିଂ ରାଉଣ୍ଡକୁ ଉନ୍ନୀତ ହୋଇଥିବାରୁ ଭାରତୀୟ ସିନେମା ପୁଣି ବିଶ୍ୱ ପୁରସ୍କାର ସ୍ପଟଲାଇଟରେ ଆସିଛି ।

ଏକାଡେମୀ ଘୋଷଣା କରିଛି ଯେ ବିଶ୍ୱର ପନ୍ଦରଟି ଚଳଚ୍ଚିତ୍ର ଅନ୍ତର୍ଜାତୀୟ ଫିଚର ଫିଲ୍ମ ବର୍ଗରେ ପରବର୍ତ୍ତୀ ରାଉଣ୍ଡ ଭୋଟିଂ ରାଉଣ୍ଡକୁ ଉନ୍ନୀତ ହୋଇଛି । ଭାରତର 'ହୋମବାଉଣ୍ଡ' ଆର୍ଜେଣ୍ଟିନା, ବ୍ରାଜିଲ, ଫ୍ରାନ୍ସ, ଜର୍ମାନୀ, ଇରାକ, ଜାପାନ, ଜୋର୍ଡାନ, ନରୱେ, ପାଲେଷ୍ଟାଇନ, ଦକ୍ଷିଣ କୋରିଆ, ସ୍ପେନ, ସ୍ୱିଜରଲ୍ୟାଣ୍ଡ, ତାଇଓ୍ୱାନ ଏବଂ ଟ୍ୟୁନିସିଆର ପ୍ରବେଶିକା ସହିତ ଯୋଗ ଦେଇଛି । ଅନ୍ୟ ସଂକ୍ଷିପ୍ତ ତାଲିକାରେ ଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ବେଲେନ୍ (ଆର୍ଜେଣ୍ଟିନା), ଦି ସିକ୍ରେଟ୍ ଏଜେଣ୍ଟ (ବ୍ରାଜିଲ୍), ଇଟ୍ ଓ୍ୱାଜ୍ ଜଷ୍ଟ ଆନ୍ ଆକ୍ସିଡେଣ୍ଟ (ଫ୍ରାନ୍ସ), ସାଉଣ୍ଡ ଅଫ୍ ଫଲିଂ (ଜର୍ମାନୀ), ଦି ପ୍ରେସିଡେଣ୍ଟ୍ସ କେକ୍ (ଇରାକ୍), କୋକୁହୋ (ଜାପାନ), ଅଲ୍ ଥାଟ୍ସ ଲେଫ୍ଟ ଅଫ୍ ୟୁ (ଜର୍ଡାନ), ସେଣ୍ଟିମେଣ୍ଟାଲ୍ ଭାଲ୍ୟୁ (ନରୱେ), ପାଲେଷ୍ଟାଇନ୍ ୩୬ (ପାଲେଷ୍ଟାଇନ୍), ନୋ ଅଦର ଚଏସ୍ (ଦକ୍ଷିଣ କୋରିଆ), ସିରାଟ୍ (ସ୍ପେନ୍), ଲେଟ୍ ସିଫ୍ଟ (ସ୍ୱିଜରଲ୍ୟାଣ୍ଡ), ଲେଫ୍ଟ-ହାଣ୍ଡେଡ୍ ଗାର୍ଲ (ତାଇଓ୍ୱାନ୍), ଏବଂ ଦି ଭଏସ୍ ଅଫ୍ ହିନ୍ଦ୍ ରଜବ୍ (ଟ୍ୟୁନିସିଆ) ଅନ୍ତର୍ଭୁକ୍ତ ।




ଅପଡେଟ୍ ଘୋଷଣା କରି, ଏକାଡେମୀର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକ ପୋଷ୍ଟ କରିଛନ୍ତି, 'ଆନ୍ତର୍ଜାତୀୟ ଫିଚର୍ ଫିଲ୍ମ ବର୍ଗରେ ପନ୍ଦରଟି ଫିଲ୍ମ ଭୋଟିଂର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଏଠାରେ ସେମାନେ ମାନଚିତ୍ରରେ ଅଛନ୍ତି' । ଆକାଡେମୀ ପୁରସ୍କାର ପାଇଁ ଚୂଡ଼ାନ୍ତ ନାମାଙ୍କନ ୨୨ରେ ଘୋଷଣା କରାଯିବ ।

'ହୋମବାଉଣ୍ଡ' ବିଶ୍ୱବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ପ୍ରଶଂସା ପାଇଛି, ଯେଉଁଥିରେ ପ୍ରତିଷ୍ଠିତ କାନ୍ସ ଫିଲ୍ମ ଫେଷ୍ଟିଭାଲ, ଟୋରଣ୍ଟୋ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍ ଏବଂ ମେଲବର୍ଣ୍ଣ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରିମିୟର୍ ଅନ୍ତର୍ଭୁକ୍ତ । ସାମ୍ପ୍ରତିକ ଓସ୍କାର ସର୍ଟଲିଷ୍ଟ ସହିତ, 'ହୋମବାଉଣ୍ଡ' ଏବେ ଏକ ଅନନ୍ୟ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏକାଡେମୀ ପୁରସ୍କାରର ୯୮ ବର୍ଷର ଇତିହାସରେ ସର୍ବୋତ୍ତମ ଆନ୍ତର୍ଜାତୀୟ ଫିଚର୍ ଫିଲ୍ମ ପାଇଁ ସଂକ୍ଷିପ୍ତ ତାଲିକାରେ ପଞ୍ଚମ ଭାରତୀୟ ଚଳଚ୍ଚିତ୍ର ପାଲଟିଛି ।

ଈଶାନ ଖଟ୍ଟର ଏବଂ ବିଶାଲ ଜେଠ୍ୱା ଅଭିନୀତ, 'ହୋମବାଉଣ୍ଡ' ୨୦୨୬ ଅସ୍କାରରେ ଆନ୍ତର୍ଜାତୀୟ ଫିଚର୍ ଫିଲ୍ମ ବର୍ଗରେ ଚୂଡ଼ାନ୍ତ ନାମାଙ୍କନ ପାଇଁ ଯୋଗ୍ୟ ୧୫ ଟି ଚଳଚ୍ଚିତ୍ର ମଧ୍ୟରୁ ମନୋନୀତ ହୋଇଛି । ଈଶାନ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିଜରେ ଏହି ଗର୍ବର ମୁହୂର୍ତ୍ତ ସେୟାର କରିଛନ୍ତି । ଏହି ମର୍ଯ୍ୟାଦାଜନକ ସର୍ଟଲିଷ୍ଟରେ 'ହୋମବାଉଣ୍ଡ'ର ଅନ୍ତର୍ଭୁକ୍ତି ଦେଶର ଚଳଚ୍ଚିତ୍ର ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ।

ଏକାଡେମୀ ଅଫ୍ ମୋସନ୍ ପିକଚର୍ ଆର୍ଟସ୍ ଆଣ୍ଡ ସାଇନ୍‌ସେସ୍ ଓ୍ୱେବସାଇଟ୍‌ରେ କୁହାଯାଇଛି, '୯୮ତମ ଏକାଡେମୀ ପୁରସ୍କାର ପାଇଁ ଆନ୍ତର୍ଜାତୀୟ ଫିଚର୍ ଫିଲ୍ମ ବର୍ଗରେ ପନ୍ଦରଟି ଚଳଚ୍ଚିତ୍ର ଭୋଟିଂର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେବ । ୮୬ଟି ଦେଶ କିମ୍ବା କ୍ଷେତ୍ରର ଚଳଚ୍ଚିତ୍ର ଏହି ବର୍ଗ ପାଇଁ ଯୋଗ୍ୟ ଥିଲା ।' 'ହୋମବାଉଣ୍ଡ' ପିଲାଦିନର ବନ୍ଧୁ ସୋଏବ (ଈଶାନ ଖଟ୍ଟର) ଏବଂ ଚନ୍ଦନ (ବିଶାଲ ଜେଠ୍ୱା)ଙ୍କ କାହାଣୀ ବର୍ଣ୍ଣନା କରେ, ଯାହାଙ୍କ ପୋଲିସ ବାହିନୀରେ ଯୋଗଦେବାର ସ୍ୱପ୍ନ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ । ଜାହ୍ନବୀ କପୁର ବନ୍ଧୁତା, କର୍ତ୍ତବ୍ୟ ଏବଂ ଯୁବ ଭାରତର ଚାପର ଏହି କାହାଣୀରେ ଭାବପ୍ରବଣ ଗଭୀରତା ଆଣିଛନ୍ତି । ନୀରଜ ଘାୟଓ୍ୱାନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି କରଣ ଜୋହର, ଆଦର ପୁନାଓ୍ୱାଲା ଏବଂ ଅପୂର୍ବ ମେହେଟାଙ୍କ ଦ୍ୱାରା ପ୍ରଯୋଜିତ ଏବଂ ମାରିଜକେ ଡି'ସୁଜା ଏବଂ ମେଲିଟା ଟୋସ୍କାନ ଡୁ ପ୍ଲାଣ୍ଟିଅରଙ୍କ ଦ୍ୱାରା ସହ-ପ୍ରଯୋଜିତ, ମାର୍ଟିନ୍ ସ୍କୋରସେସ୍ ଏବଂ ପ୍ରବୀଣ ଖୈରନାର୍ କାର୍ଯ୍ୟନିର୍ବାହୀ ପ୍ରଯୋଜକ ଭାବରେ କାର୍ଯ୍ୟ କରୁଛନ୍ତି ।

ଗଞ୍ଜାମ

# ଗଞ୍ଜାମ ମାନଚିତ୍ରରୁ ଲିଭିଯିବ ପୋଡ଼ମପେଟା



**୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ସ୍ଥିତ ସମୁଦ୍ରକୂଳ ନିକଟବର୍ତ୍ତୀ ପୁରୁଣା ପୋଡ଼ମପେଟା ଗ୍ରାମ । ଏହି ଗାଁ ଏବେ ଜନଶୂନ୍ୟ । ପୂର୍ବେ ଏହି ଗାଁରେ (ପୋଡ଼ମପେଟା) ୫୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ବସବାସ କରି ଆସୁଥିଲେ । ସମୁଦ୍ରରେ ମାଛ ମାରିବା ତାଙ୍କର ମୁଖ୍ୟ ଜୀବିକା ଥିଲା । ବେଳକୁ ବେଳ ସମୁଦ୍ରର ଉଚ୍ଚ ଜୁଆର ଯୋଗୁ ଦିନେ ଏହି ଗ୍ରାମଟି ସମ୍ପୂର୍ଣ୍ଣ ସମୁଦ୍ର ଗର୍ଭରେ ଲୀନ ହେଇଯିବା ଆଶଙ୍କା କରାଯାଉଛି । ଜିଲ୍ଲା ପ୍ରଶାସନ ୨୦୦୪ରେ ସେମାନଙ୍କ ଥଇଥାନ ବ୍ୟବସ୍ଥା ଆରମ୍ଭ କରିଥିଲା । ପ୍ରଶାସନ ପକ୍ଷରୁ ଓଡ଼ିଶା ବିପର୍ଯ୍ୟୟ ଓ ଥଇଥାନ ପ୍ରକଳ୍ପ (ଓଡିଆରପି ) ପ୍ରଥମେ ଉକ୍ତ ଗ୍ରାମର ୧୧୦ ପରିବାରକୁ ଓଡିଆରପି ଯୋଜନାରେ ରାମଗଡ଼ ପଞ୍ଚାୟତ ଡୁମୁନାଗିରି ପାହାଡ଼ ପାଦଦେଶ ସାହେବ କେନାଲ ପାର୍ଶ୍ୱରେ ଥଇଥାନ କରିଥିଲା । ପରେ ୨୦୧୩ରେ ଓଡିଆରପି କଲୋନୀରେ ୧୦୨ ପରିବାରକୁ ସ୍ଥାନାନ୍ତରିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ୨୦୧୮ରେ ଏକକାଳୀନ ୩୦୦ରୁ ଊର୍ଦ୍ଧ୍ୱ ପରିବାରକୁ ମୟୂରପଦା ଗ୍ରାମ ନିକଟସ୍ଥ ସାହେବ କେନାଲ ପାର୍ଶ୍ୱରେ ଥଇଥାନ କରିଛି ପ୍ରଶାସନ । ବର୍ତ୍ତମାନ ପୋଡ଼ମପେଟା ଗ୍ରାମ ଜନଶୂନ୍ୟ । ସମୁଦ୍ରକୂଳ ଠାରୁ ପ୍ରାୟ ତିନି କିମି ଦୂରରେ ଏହି ଗ୍ରାମ ଥିବା ବେଳେ ପ୍ରାୟ ତିନୋଟି ସାହି ଅର୍ଥାତ ଶହେରୁ ଊର୍ଦ୍ଧ୍ୱ ଘର ସମୁଦ୍ର ଗର୍ଭରେ ଲୀନ ହୋଇସାରିଥିବା ସେହି ଗ୍ରାମର ଜି. ରାମେୟା ସୂଚନା ଦେଇଛନ୍ତି । ଏବେ ସୁଦ୍ଧା ସେଠାରେ ବହୁ ଘର ସେମିତି ଥିବା ଦେଖିବାକୁ ମିଳୁଛି । ସେହି ଗାଁରେ କେହି ଲୋକ ରହୁ ନ ଥିଲେ ମଧ୍ୟ ମତ୍ସ୍ୟଜୀବୀଙ୍କ ଇଷ୍ଟ ଦେବୀ ଏବେବି ଉକ୍ତ ପୋଡ଼ମପେଟା ଗ୍ରାମ ଶେଷରେ ଥିବା ମନ୍ଦିରରେ ପୂଜା ପାଉଛନ୍ତି । ଜଣେ ଅବିବାହିତ ମହିଳା ମା' ଙ୍କୁ ପୂଜାର୍ଚ୍ଚନା କରି ନିଜ ଘରକୁ ଯାଉଥିବା ସୂଚନା ମିଳିଛି । ଗତ କିଛିଦିନ ମଧ୍ୟରେ ସମୁଦ୍ର ଅଶାନ୍ତ ହୋଇ ପଡିବା ସହ ପ୍ରବଳ ଜୁଆର ମାଡି ଆସୁଥିବା କହିଛନ୍ତି ଜଣେ ମତ୍ସ୍ୟଜୀବୀ । ସମୟ ଆସିବ ଦିନେ ଗଞ୍ଜାମ ମାନଚିତ୍ରରୁ ଲିଭିଯିବ ପୋଡ଼ମପେଟା ଗ୍ରାମ ବୋଲି ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ବୁଧବାର-ଚତୁର୍ଥୀ |
|---|---|
| ୭.୧.୨୦୨୬ | ନକ୍ଷତ୍ର- ମଘା, ସିଂହଚନ୍ଦ୍ର |



| | |
|---|---|
| ମେଷ | : କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବେ । |
| ବୃଷ | : ଋଣଭାର ବୃଦ୍ଧି ପାଇବ । |
| ମିଥୁନ | : ସମ୍ମାନ ପ୍ରତିଷ୍ଠା କରିବେ । |
| କର୍କଟ | : ଶତ୍ରୁ ବୃଦ୍ଧି ପାଇବେ । |
| ସିଂହ | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| କନ୍ୟା | : ଅଶାନ୍ତିରେ ଦିନଟି କଟିବ । |
| ତୁଳା | : ଚାକିରି କ୍ଷେତ୍ରରେ ପଦୋନ୍ନତି ପାଇବେ । |
| ବିଛା | : ଅପେକ୍ଷା କରିଥିବା କାର୍ଯ୍ୟରେ ସଫଳତା ପାଇବେ । |
| ଧନୁ | : ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ । |
| ମକର | : ମାନସିକ ଯନ୍ତ୍ରଣା ପାଇବେ । |
| କୁମ୍ଭ | : ହସଖୁସିରେ ଦିନଟି କଟିବ । |
| ମୀନ | : ସୁସ୍ୱାଦ ପ୍ରାପ୍ତି ହେବେ । |

## ବିଦ୍ୟୁତ ଖୁଣ୍ଟିରେ ପିଟିହେଲା ଯାତ୍ରୀବାହୀ ବସ

**ପିପିଲି, ୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ତେଇଶିପୁର ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ମଧ୍ୟପ୍ରଦେଶର ଏକ ଯାତ୍ରୀବାହୀ ମିନିବସ ରାଜପଥ ପାର୍ଶ୍ୱ ଏକ ୩୩ କେଭି ବିଦ୍ୟୁତ ଖୁଣ୍ଟିକୁ ଧକ୍କା ଦେବା ଫଳରେ ୬ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଉକ୍ତ ବସଟି ମଧ୍ୟପ୍ରଦେଶରୁ ଜଗା ଦର୍ଶନ ଲାଗି ପୁରୀ ଯାଉଥିଲା । ଆଜି ଭୋର ପ୍ରାୟ ୪ଟା ସମୟରେ ବସଟି କୌଣସି କାରଣବଶତଃ ଭାରସାମ୍ୟ ହରାଇ ତେଇଶିପୁର ଛକ ନିକଟ ରାଜପଥ ପାର୍ଶ୍ୱରେ ଥିବା ୩୩ କେଭି ବିଦ୍ୟୁତ ଖୁଣ୍ଟର ପିଟି ହୋଇ ଯାଇଥିଲା । ଖବର ପାଇ ସାତଶଙ୍ଖ ଫାଣ୍ଡି ପୁଲିସ ଓ ହାଇୱେ ପୁଲିସ ଗାଡ଼ିରୁ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ପହଞ୍ଚାଇଥିଲେ । ପିପିଲି ପୁଲିସ ବସକୁ ଜବତ କରି ତଦନ୍ତ ଚଳାଇଛି । ଉକ୍ତ ବସରେ ୧୩ଜଣ ଯାତ୍ରୀ ଥିଲେ ।

## ବାର୍ହା ଆକ୍ରମଣରେ ଚାଷୀ ଗୁରୁତର

**ଭୁବନ, ୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନ ଥାନା ଏକତାଳି ଗ୍ରାମର ଅରୁଣ ମନ୍ତ୍ରୀ (୬୫) ମଙ୍ଗଳବାର ବାର୍ହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ସେ ସକାଳ ସମୟରେ ବାଦାମ ବିଲକୁ ଯାଇଥିବା ବେଳେ ବାର୍ହା ସହ ମୁହାଁମୁହିଁ ହୋଇଯାଇଥିଲେ । ବାଦାମ ଓପାଡୁଥିବାବେଳେ ବାର୍ହାଟି ଚାଷୀଙ୍କୁ କାମୁଡ଼ି କ୍ଷତ ବିକ୍ଷତ କରିଦେଇଥିଲା । ବାରମ୍ବାର ଅଞ୍ଚଳବାସୀ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁବିଧା ନ ମିଳିବାରୁ ଯୁବକମାନେ ଗୁରୁତର ଚାଷୀଙ୍କୁ ଏକ ମୋଟର ସାଇକେଲ ଯୋଗେ ଭୁବନ ଡାକ୍ତରଖାନାକୁ ନେଇ ଆସିଥିଲେ । ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## ୧୫ ପରିବାର ପାଣି ପାଇଁ ତହଲବିକଳ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ପଞ୍ଚାୟତ ବ୍ରାହ୍ମଣଧରା ଗ୍ରାମର ପୂର୍ତ୍ତ ବିଭାଗ ଜାଙ୍ଗୁ ଠାରୁ ବ୍ରାହ୍ମଣଧରା ଭାୟା କେନ୍ଦୁମୁଣ୍ଡା ରାସ୍ତାର ଘରୋଇ ଠିକା ସଂସ୍ଥା ଅତି ଧୀରେ ଧୀରେ କାର୍ଯ୍ୟ କରୁଅଛି । ଯାହା ଫଳରେ କ୍ରସର ଗୁଣ୍ଡ ବଦଳରେ ଚୋରା ମୋରମ ଆଣି ପକାଉଯାଉଛି, ଯାହା ସରକାରଙ୍କ ରାଜସ୍ୱ ହାନି ହେଉଛି । ରାସ୍ତା କାମ କରିବା ସମୟରେ ପାଣି ପାଇପ ଫଟେଇ ମରାମତି କରାଯାଉ ନାହିଁ । ଆଜକୁ ଦୁଇ ମାସରୁ ଉର୍ଦ୍ଧ୍ୱ ହେଲାଣି ଠିକାଦାର ଏବଂ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କଲେ କର୍ଣ୍ଣପାତ କରୁନାହାନ୍ତି । ବ୍ରାହ୍ମଣଧରା ସାମଘନିଆ ସାହିର ପନ୍ଦର ପରିବାର ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଏହି ବ୍ରାହ୍ମଣଧରା ରାଜସ୍ୱ ଗ୍ରାମ ବିଧାୟକଙ୍କ ପଞ୍ଚାୟତରେ ଅନ୍ତର୍ଭୁକ୍ତ । ପିଇବା ପାଇଁ ଏକ ନଳକୂପ ଥିଲେ ମଧ୍ୟ ପାଣି ପାଇଁ ସମ୍ଭବ ନୁହେଁ । ସେଥିରୁ ଲୁହା ପାଣି ବାହାରୁଅଛି । ଯଦି ଶୀଘ୍ର ଠିକାଦାର ଏହାର ମରାମତି ନ କରନ୍ତି ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ବୁଲାକୁକୁରଙ୍କ ଉତ୍ପାତ, ଚିରନିଦ୍ରାରେ ଏନ୍ଏସି

**ନୀଳଗିରି, ୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ୍ଏସିରେ ମାତିଛନ୍ତି କୁକୁର ଗ୍ୟାଙ୍ଗ । ଟିକିଏ ଗଡବଡ ହେଲେ ଘଟିବ ଅଘଟଣ, ମାତ୍ର ଏଥିପ୍ରତି ଧ୍ୟାନ ନ ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଏନ୍ଏସି କର୍ତ୍ତୃପକ୍ଷ । ନୀଳଗିରି ବଡ଼ଦାଣ୍ଡ ଓ କଚେରୀ ବଜାରରେ ଗତ କିଛିଦିନ ହେବ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢି ବଢି ଚାଲିଛି । ଗୋଟିଏ ଗୋଟିଏ ଦଳରେ ପ୍ରାୟ ୨୦ରୁ ଅଧିକ ବୁଲାକୁକୁର ଏକସଙ୍ଗେ ବୁଲୁଥିବା ଯୋଗୁ କାଳେ କେତେବେଳେ ଜନସାଧାରଣଙ୍କୁ ଆକ୍ରମଣ କରିବାର ଭୟ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ମେଳିବାନ୍ଧି ବୁଲୁଥିବା ବୁଲାକୁକୁରଙ୍କ ମେଳିବାନ୍ଧୁ ଥିବା ରାସ୍ତାରେ ନୀଳଗିରିର ସର୍ବ ପୁରାତନ କେସି ହାଇସ୍କୁଲରେ ପ୍ରାୟ ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଚଳପ୍ରଚଳ କରୁଥିବାରୁ ଏହି କୁକୁରଙ୍କ ଉପସ୍ଥିତିକୁ ନେଇ ନିଜ ପିଲାର ଜୀବନସୁରକ୍ଷା ପ୍ରତି ଚିନ୍ତାରେ ଅଭିଭାବକ । ଏଥିସହିତ ରୋଗୀଙ୍କୁ ନେଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନଙ୍କ ସହିତ ବହୁ ଜରୁରୀ କାର୍ଯ୍ୟ ପାଇଁ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟକୁ ବିଭିନ୍ନ ସ୍ଥାନରୁ ଆସୁଥିବା ଜନସାଧାରଣ ଓ ତୃତୀୟ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ମଧ୍ୟ ବୁଲାକୁକୁରଙ୍କ ଦାଉରୁ ରକ୍ଷା ପାଇବା ସହିତ ନିଜର ଜିବନସୁରକ୍ଷା ନିମନ୍ତେ ଭୟଭୀତ ହୋଇଥିବାର ଚର୍ଚ୍ଚା କରୁଛନ୍ତି । ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନୀଳଗିରି ଏନ୍ଏସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଏନ୍ଏସିର ପାରିବଝପଣିଆକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ନୀଳଗିରି ବାସିନ୍ଦା । ଏଥିସହିତ ଘରୋଇ ଗୃହପାଳିତ ପଶୁଙ୍କୁ ସେମାନଙ୍କର ମାଲିକମାନେ ରାସ୍ତାକୁ ଛାଡ଼ି ଦେଉଥିବାରୁ ରାସ୍ତା ଉପରେ ଶୋଇ ଚଳପ୍ରଚଳ ରାସ୍ତା ଅବରୋଧ କରିଥିବାରୁ ପ୍ରତ୍ୟେକ ଛୋଟବଡ ଦୁର୍ଘଟଣା ଘଟି ଖଣ୍ଡିଆଖାବରା ହେଉଛନ୍ତି ସ୍ଥାନୀୟ ଓ ବାହାରୁ ଆସିଥିବା ଜନସାଧାରଣମାନେ । ଗୋଟିଏ ପଥେ ଗୃହପାଳିତ ପଶୁ ରାସ୍ତା ଅବରୋଧ ସାଙ୍ଗକୁ ଅନ୍ୟ ପକ୍ଷରେ ବୁଲାକୁକୁରଙ୍କ ମେଳି ଓ ଆକ୍ରମଣକୁ ନେଇ ଯେ କୌଣସି ସମୟରେ ଅଘଟଣ ନ ଘଟିବ କିଏ କହିବ । ତେଣୁ ଏହାର ସମାଧାନ କରିବା ପାଇଁ ନୀଳଗିରି ପ୍ରଶାସନ ଓ ଏନ୍ଏସି ପକ୍ଷରୁ ଏହାର ସମାଧାନ କରିବା ଅତ୍ୟନ୍ତ ଜରୁରୀ । ଏହି ସମସ୍ୟାକୁ ନେଇ ନୀଳଗିରିରେ ହେଉଛି ଚର୍ଚ୍ଚା ଯେ ଏଠାରେ ଗୃହପାଳିତ ପଶୁ ଓ ବୁଲାକୁକୁର ମାଳ ମାଳ ମାତ୍ର ସମସ୍ୟା ଦୂର କରିବାରେ ନୀଳଗିରି ଏନ୍ଏସି ବହୁ ଦୁର୍ବଳ ।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ନୂଆପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲା କୋମନା ଥାନା ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁରେ ସୋମବାର ଟ୍ରାକ୍ଟର ଚାପିଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ପଣ୍ଡରାପଥର ଗାଁର ସଞ୍ଜୁ ମାଝି (୨୩) ଓ ୨ ଗୁରୁତର ଉକ୍ତ ଗାଁର ଗୁଣ୍ଡା ମାଝି(୨୫) ଓ ଦିନେଶ ମାଝି (୨୭) । ଅପରାହ୍ନ ୩ଟା ସମୟରେ ଏକ ଟ୍ରାକ୍ଟର ପଣ୍ଡରାପଥର ଗାଁରୁ କୌଣସି କାର୍ଯ୍ୟରେ କେନାଲ ରାସ୍ତାରେ ନାଏକପଡା ଆସୁଥିଲା । ଏହି ସମୟରେ କିଛି ସାମଗ୍ରୀ ସହ ସାଇକେଲରେ ଯାଉଥିବା ଜଣେ ଲୋକଙ୍କୁ ସାଇଡ ଦେବାକୁ ଯାଇ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଟ୍ରାକ୍ଟରରେ ବସିଥିବା ସଞ୍ଜୁଙ୍କ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଗୁଣ୍ଡା ଓ ଦିନେଶ ଆହତ ହୋଇଛନ୍ତି । ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା ।

## ଅଗ୍ରିମ ବିଲ ପୈଠ କରି ପାଇଖାନା ଖୋଜୁଛି ଏନ୍ଏସି

**କବିସୂର୍ଯ୍ୟନଗର, ୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଲକ୍ଷ ଲକ୍ଷ ଟଙ୍କା ପାଣିରେ ଫିଙ୍ଗି ବିକାଶର ଡିଣ୍ଡିମ ପିଟୁଛି କବିସୂର୍ଯ୍ୟନଗର ଏନ୍ଏସି । ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ବିଗତ ଦିନରେ କିଛି ପ୍ରକଳ୍ପ ନିର୍ମାଣ ଓ କିଣା ଗଲା, ହେଲେ କିଣିବା ପରେ ଆଉ କାମରେ ଲାଗିଲାନି ପ୍ରକଳ୍ପ । ପଡି ପଡି କଳଙ୍କି ଲାଗିଲାଣି ହେଲେ ବ୍ୟବହାର ଉପଯୋଗୀ ହେଲାନି । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଏନ୍ଏସି ବିକାଶ କଥା କହିଲେ, ଏଠି ବିକାଶ ସାତ ସପନ । ଯାହା ହାତରେ ପଡିଲା ଯିଏ ଯାହାକୁ ହାତର କଲା ସିଏ ସବୁ ଗିଳିଲା । କବିସୂର୍ଯ୍ୟନଗରରେ ୱାଚ ଟାୱାର, କପ ପ୍ଲେଟ, ଦାଣ୍ଡି ଯାତ୍ରା, ଭ୍ରାମ୍ୟମାନ ପାଇଖାନା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଲା ହେଲେ ଲୋକଙ୍କ କାମରେ ଆସିଲାନି ଗୋଟିଏ ବି ପ୍ରକଳ୍ପ ।

ସେଥି ମଧ୍ୟରୁ ଭ୍ରାମ୍ୟମାଣ ପାଇଖାନା କିଣାରେ ବ୍ୟାପକ ଘୋଟଲା ପଦାକୁ ଆସିଛି । ସହରରେ ୬ଟି ପାଇଖାନା କିଣିବା ପାଇଁ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅଗ୍ରିମ ବିଲ ପୈଠ ହୋଇଥିଲେ ମଧ୍ୟ ୩ଟି ପାଇଖାନା ଦେଖିବାକୁ ମିଳୁଥିବା ବେଳେ ଆଉ ତିନିଟି ଦେଖିବାକୁ ମିଳୁନି । ଏଭଳି ଘଟଣାକୁ ନେଇ ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଭିଜିଲାନ୍ସ ବିଭାଗ କୁ ତଦନ୍ତ ପାଇଁ ଅଭିଯୋଗ କରିଥିବା ବେଳେ ସବୁ ପ୍ରକଳ୍ପ ଘୋଟଲା ତଦନ୍ତ ପରିସର ଭୁକ୍ତ ଥିବା ଜଣାଯାଇଛ । ହେଲେ ଏଠି ପ୍ରଶ୍ନ ଉଠୁଛି ଜିନିଷ ନ କିଣି ୧୧ ଲକ୍ଷ ଟଙ୍କା ଅଗ୍ରିମ ପୈଠ କିଏ କଲା, ଯଦିଓ ୧୧ ଲକ୍ଷ ପୈଠ କରାଗଲା ୩ ବର୍ଷ ହେଲା ଜିନିଷ ସମ୍ପର୍କରେ ତଦନ୍ତ କରାଗଲାନି କାହିଁକି? ଏପଟେ ଶିଶୁ ଉଦ୍ୟାନ ପାଖରେ ପଡିରହିଥିବା ଦୁଇଟି ପାଇଖାନା କଳଙ୍କି ଲାଗିଲାଣି ନା ଖଞ୍ଜାଗଲା ପାଣି ନା ବ୍ୟବହାର ପାଇଁ କରାଗଲା ଉଦ୍ୟମ । ସବୁ ଖାଇବା ଚକର ରେ. ରହି ଦୁର୍ନୀତି ପାହାଚ ରେ ଠିଆ ହୋଇ ବିକାଶ ସ୍ୱପ୍ନ ଦେଖୁଥିବାରୁ ଏବେ କେବେ ହେବ ତଦନ୍ତ କେବେ ଆଦାୟ ହେବ ଅଗ୍ରିମ ଟଙ୍କା ନା ଠିକାଦାର କିମ୍ବା ଏଜେନସି କୁ ଖୁସି କରାଯିବ ତାହାକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଛି ।

## ପାରୋଲ୍‌ରେ ଯାଇ ବର୍ଷେ ହେବ ଫେରିଲାନି କଏଦୀ

**କୁଜଙ୍ଗ, ୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଳିପିଙ୍ଗଳ ଜେଲ୍‌ରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀ ପାରୋଲ୍‌ରେ ଯାଇ ଦୀର୍ଘ ଏକ ବର୍ଷରୁ ଅଧିକହେବ ଆଉ ଫେରି ନାହାନ୍ତି । ଏନେଇ ଆଳିପିଙ୍ଗଳ ଜେଲ୍‌ର ଅଧୀକ୍ଷକ ଅଭିଯୋଗ କରିବା ପରେ ଘଟଣାଟି ପଦାକୁ ଆସିଛି । କଏଦୀ ଫେରାର ହେବା ନେଇ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଆଲୋଚନାର ବିଷୟ ହୋଇଛି ।

## ୧୫ଟି କ୍ରଶର ଓ ୨୬ଟି ପଥର ଖଣି ସିଲ୍

**ଢେଙ୍କାନାଳ, ୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖଣି ଉପନିର୍ଦ୍ଦେଶକ, କନିଷ୍ଠ ଖଣି ଅଧିକାରୀ, ତହସିଲଦାର, ହିନ୍ଦୋଳ, ଢେଙ୍କାନାଳ ଏବଂ କାମାକ୍ଷାନଗରର ଉପଜିଲ୍ଲାପାଳ ଏବଂ ପୋଲିସକୁ ନେଇ ଗଠିତ ଏକ ମିଳିତ ଦଳ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ଏକ ନିୟମ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ଏହି ଅଭିଯାନ ସମୟରେ, ହିନ୍ଦୋଳ, ଓଡାପଡ଼ା, ଗନ୍ଦିଆ ଏବଂ ଭୁବନ ତହସିଲ ଅନ୍ତର୍ଗତ ଅଞ୍ଚଳରେ ୧୫ଟି ପଥର କ୍ରଶର ଏବଂ ୨୬ଟି ପଥର ଖଣିକୁ ସିଲ୍ କରାଯାଇଥିଲା। କରନ୍ଦା, ବାବନ୍ଧ, ବେଡାପଡା, ଓଡାପଡା, ନିହାଲପ୍ରସାଦ ଆଦି ଜାଗାମାନଙ୍କରେ ନିୟମ ଉଲ୍ଲଙ୍ଘନ କରୁଥିବା ସଂସ୍ଥାଗୁଡିକ ବିରୁଦ୍ଧରେ ଏଇ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ କରାଯାଇଛି।ଏହାସହିତ ଲଘୁ ଖଣିଜ ପଦାର୍ଥର ବେଆଇନ ପରିବହନ, ବିସ୍ଫୋରକ ସଂରକ୍ଷଣ ଯାଞ୍ଚ ଏବଂ ଯାନବାହାନଗୁଡ଼ିକର ଯାଞ୍ଚ ଓ ଜବତ କରାଯାଇଛି ।

## ଯାଜପୁର ରୋଡ଼-ଧାମରା ନୂଆ ରେଳ ଲାଇନକୁ ମଞ୍ଜୁରି

**କଳିଙ୍ଗନଗର, ୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**




ଦଶକ ଦଶକର ଦାବି ବିଭିନ୍ନ ସାମାଜିକ ସଂଗଠନମାନଙ୍କ ଆନ୍ଦୋଳନ ପରେ ଯାଜପୁର କେନ୍ଦୁଝର ରୋଡ଼ରୁ ଧାମରା ପର୍ଯ୍ୟନ୍ତ ନୂଆ ଚଉଡ଼ା ରେଳ ଲାଇନକୁ ସରକାରୀ ମଞ୍ଜୁରି ମିଳିଛି । ପୂର୍ବ କୋଷ୍ଟ ରେଳୱେ ପ୍ରସ୍ତୁତ କରିଥିବା ଡିପିଆର୍ ମଞ୍ଜୁରି ପରେ ୯୭.୬୪ କି.ମି. ଲମ୍ବା ଏହି ରେଳ ପଥରେ ୧୨ଟି ଷ୍ଟେସନ ରହିବ । ଧାମରା ବନ୍ଦର ସହ ସିଧା ସଂଯୋଗ ସୃଷ୍ଟି ହେବା ସହ ଯାଜପୁର-ଭଦ୍ରକ ଓ ଉପକୂଳ ଅଞ୍ଚଳର ଶିଳ୍ପ, ବାଣିଜ୍ୟ ଓ ଚାକିରି ସୁଯୋଗକୁ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆରମ୍ଭ ହୋଇଥିବା 'ଆଜାଦୀ କା ଅମୃତ ମହୋତ୍ସବ' ଜି୨୦ ଦୃଷ୍ଟିକୋଣ ସହ ସଂଯୁକ୍ତ ଭାବେ ଦେଶର ଆଧାରଭୂତ ସଂରଚନାକୁ ମଜବୁତ କରିବା ସହ ଉପକୂଳ ଓ ପଛୁଆ ଅଞ୍ଚଳକୁ ମୁଖ୍ୟଧାରା ସହ ଯୋଡ଼ିବା ଲକ୍ଷ୍ୟରେ ଏହି ରେଳ ପ୍ରକଳ୍ପକୁ ମଞ୍ଜୁରି ମିଳିଛ । ଏହାକୁ ଯାଜପୁର, ଭଦ୍ରକ ଓ ସମଗ୍ର ଉପକୂଳ ଅଞ୍ଚଳର ସାମଗ୍ରିକ ଉନ୍ନତି ପାଇଁ ଏକ ମାଇଲ୍ ଷ୍ଟୋନ୍ ଓ ଗେମ୍‌ଚେଞ୍ଜର୍ ପ୍ରକଳ୍ପ ବୋଲି ଧରାଯାଉଛି । ୯୭.୬୪ କି.ମି. ରେଳ ପଥ, ୧୨ଟି ଷ୍ଟେସନ ଡିପିଆର୍ ଅନୁସାରେ ଏହି ନୂଆ ରେଳ ଲାଇନର ମୋଟ ଲମ୍ବ ୯୭.୬୪ କି.ମି. ହେବ ଓ ଏଥିରେ ସମୁଦାୟ ୧୨ଟି ଷ୍ଟେସନ ରହିବଛ ଏହାମଧ୍ୟରୁ ୨ଟି ପୂର୍ବରୁ ଥିବା ଷ୍ଟେସନ, ୮ଟି ନୂଆ କ୍ରସିଂ (ବ୍ଲକ୍) ଷ୍ଟେସନ ଓ ୨ଟି ହଲ୍ଟ ଷ୍ଟେସନ ଅନ୍ତର୍ଭୁକ୍ତ ହେବ । ପ୍ରସ୍ତାବିତ ଷ୍ଟେସନ ତାଲିକାଏହି ରେଳ ଲାଇନ ଯାଜପୁର କେଉଁଝର ରୋଡ଼ (ଜଙ୍କସନ) ଠାରୁ ଆରମ୍ଭ ହୋଇ ଛୋଟରାଇପୁର, ରାମପୁର ସେଗଡ଼ି, ବହାବଳପୁର (ହଲ୍ଟ), ଯାଜପୁର, ଜାଲେଶ୍ୱରପୁର (ହଲ୍ଟ), ଶ୍ରୀପୁରା, ମଙ୍ଗଳପୁର, ଆରଡ଼ି, ଚନ୍ଦାବଳୀ, ଭିତରକଣିକା ହୋଇ ଧାମରାକୁ ଜଙ୍କସନ ଷ୍ଟେସନ ଭାବେ ସଂଯୋଗ କରିବ । ଧାମରା ବନ୍ଦର ସହ ସିଧା ସଂଯୋଗ, ଅର୍ଥନୀତିକୁ ନୂଆ ଗତିଏହି ରେଳ ପ୍ରକଳ୍ପ ସଫଳ ହେଲେ ଧାମରା ବନ୍ଦର ସହ ସିଧା ରେଳ ସଂଯୋଗ ସୃଷ୍ଟି ହେବ । ଏଥିସହ କଳିଙ୍ଗନଗର ଶିଳ୍ପ ଅଞ୍ଚଳ, ବାଣିଜ୍ୟ ଓ ମାଛଧରା ଅର୍ଥନୀତିରେ ବଡ଼ ମାପରେ ବୃଦ୍ଧି ଆସିବ । ଯୁବକ-ଯୁବତୀଙ୍କ ପାଇଁ ଚାକିରି ଓ ଜୀବିକାର ନୂଆ ସୁଯୋଗ ସୃଷ୍ଟି ହେବା ସହ ଦୁର୍ଗମ ଗ୍ରାମ ଓ ଉପକୂଳ ଅଞ୍ଚଳ ମୁଖ୍ୟଧାରା ସହ ସଂଯୁକ୍ତ ହେବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ପ୍ରକଳ୍ପ ମଞ୍ଜୁରିର ଖବର ପରେ ଯାଜପୁର, ଆରଡ଼ି, ଚନ୍ଦାବଳୀ, ଭିତରକଣିକା ଓ ଧାମରା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବହୁ ସାମାଜିକ ସଂଗଠନ ଓ ଅଞ୍ଚଳବାସୀ ଏହାକୁ ଦଶକ ଦଶକର ସଂଘର୍ଷ ଓ ଦାବିର ସଫଳତା ବୋଲି ଅଭିହିତ କରିଛନ୍ତି ।

## ଶାସନପଦା ରାସ୍ତାରେ ପିଚୁ କାମ ନିମ୍ନମାନର

**ନିଆଳୀ, ୬।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ବ୍ଲକ୍ ଦେବୀକନ୍ଦଳ ଦୀପାଞ୍ଚଳ ସିଠାଳ ପଞ୍ଚାୟତ ଅଫିସ ଠାରୁ ଶାସନପଦା ହନୁମାନ ମନ୍ଦିର ପର୍ଯ୍ୟନ୍ତ ଅଢେଇ କିଲୋମିଟର ରାସ୍ତା ଦୀର୍ଘ ଛଅ ବର୍ଷ ମଧ୍ୟରେ ସରିପାରିଲା ନାହିଁ । ଗ୍ରାମବାସୀ ଙ୍କ ପକ୍ଷରୁ ରାସ୍ତା ରୋକ କରିବା ସହିତ ଓ ଧାରଣା ଚେତାବନି ଦେବାପରେ ବାଧ୍ୟ ହୋଇ ଠିକାଦାର ପିଚୁ ପକାଇଥିଲେ ଉକ୍ତ ରାସ୍ତାଟି କଣ୍ଟାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବାବେଳ ବିଭାଗୀୟ ଯନ୍ତ୍ରୀ ଠିକାଦାର ପ୍ରତି ଅହେତୁକ ଅନୁକମ୍ପା ଦେଖାଇଛନ୍ତି । ଯାହାଫଳରେ ଠିକାଦାର ନିମ୍ନମାନର ପିଚୁ ପକାଇବା ଦ୍ୱାର ଭାରୀଯାନ ଯାତାୟାତ



କରିବା ବଳରେ ରାସ୍ତା ନଷ୍ଟହେବା ତ ଦୂରର କଥା ଖାଲିପାଦ ରେ ଚାଲିକି ଗଲେ ମଧ୍ୟ ପିଚୁ ଉଠିଯାଉଛି । କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ରାସ୍ତାକାମ କରାଯାଇଥିବା ବେଳେ ଏଭଳି ନିମ୍ନମାନର ପିଚୁ କାମକରିବାକୁ ସମ୍ପୃକ୍ତ ଠିକାଦାର କିଭଳି ଅନୁମତି ଦିଆଯାଇଛି ଯାହା ଫଳରେ ସେଏଭଳି କାମ କରୁଛନ୍ତି । କମ୍ ଦିନ ମଧ୍ୟରେ ବିଭାଗୀୟ ଯନ୍ତ୍ରୀ ହଟାତ ପିଚୁ ପକାଇବା ଦୀର୍ଘଦିନ ପଡି ରହିଥିବା କାମଉପରେ ସଠିକଭାବରେ ପିଚୁ ନ ପକାଇ ତରବରିଆ ଭାବେ ବିଲ୍ କରାଇଦେବାକୁ ବ୍ୟାକୁଳ ହେଉଛନ୍ତି।

# ମିଲର୍ସଙ୍କ ଆନ୍ଦୋଳନ ପରେ ବଢ଼ିଲା ଧାନ କିଣାବିକା ସମସ୍ୟା

**ବରଗଡ଼, ୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ବରଗଡ଼ ଜିଲ୍ଲାରେ ଧାନ କିଣାବିକା ସମସ୍ୟା ଲାଗି ରହିଛି । ଜିଲ୍ଲାରେ ମଣ୍ଡି ଖୋଲିବାର ମାସାଧିକ କାଳ ବିତିଯାଇଛି । ଧାନ କିଣାବିକା ବ୍ୟବସ୍ଥା ଠିକ୍ ଭାବରେ ଚାଲିଥିବା ନେଇ ରାଜ୍ୟ ସରକାର ଦାବି କରି ଆସୁଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ଧାନ କିଣାବିକା ସମସ୍ୟା ଅସମାହିତ ରହିଛି ବୋଲି ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନ ଅଭିଯୋଗ କରିଛି । ଜିଲ୍ଲାର ବହୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳି ନ ଥିବାବେଳେ ମଣ୍ଡିରୁ ମନ୍ଥର ଗତିରେ ଧାନ ଉଠାଇବା ଏବଂ କଟ୍‌ନୀ ଛଟ୍‌ନୀ ବ୍ୟାପକ ହେବା କାରଣରୁ ଧାନବିକ୍ରି ସମସ୍ୟା ଜଟିଳ ହୋଇ ଚାଲିଛି । ଏପରି ସ୍ଥିତିରେ ସୋମବାରରୁ ରାଇସ୍ ମିଲ ମାଲିକମାନଙ୍କ ଧାନ ନ ଉଠାଇବା ଧମକ ଧାନ ଉଠାଣରେ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି କରିଛି । ଓଡ଼ିଶାରେ ଅନୁସୃତ କଷ୍ଟମ ମିଲିଂ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଜକୋଷର ଅର୍ଥରୁ ଧାନ କିଣା ଯାଉଥିଲେ ସୁଦ୍ଧା ଓଡ଼ିଶା ସରକାରଙ୍କ ମିଲର୍ସ ଉପରେ ନିର୍ଭର ଧାନକିଣା ବ୍ୟବସ୍ଥା କାରଣରୁ ଏହାର ସୁଯୋଗ ନେଇ ମିଲରମାନେ ଏପରି ଧମକ ଦେଇଛନ୍ତି ବୋଲି ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନ ଅଭିଯୋଗ କରିଛି । ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଭଳି ସରକାର ନିଜେ ଚାଷୀମାନଙ୍କଠାରୁ ସିଧାସଳଖ ଧାନ କିଣି ଆବଶ୍ୟକ ସ୍ଥଳେ କେପ ଷ୍ଟୋରେଜ କରିଆରେ ଖୋଲା ପଡିଆରେ ଧାନ ଗଚ୍ଛିତ ରଖି ପର୍ଯ୍ୟାୟକ୍ରମେ ମିଲର୍ମାନଙ୍କୁ ପଠାଇବା ବ୍ୟବସ୍ଥା ନ କରିବା କାରଣରୁ ମିଲରମାନେ ଏପରି ଧମକ ଦେଇପାରୁଛନ୍ତି । ତେଣୁ ଓଡିଶା ସରକାର ମିଲର୍ମାନଙ୍କ ଧମକର ବାହାନା କରି ଅଚଳାବସ୍ଥା ସୃଷ୍ଟି ନକରି ନିଜେ ସିଧାସଳଖ ଚାଷୀମାନଙ୍କଠାରୁ ଧାନ କିଣିବା ଘୋଷଣା କରନ୍ତୁ ବୋଲି ଏହି ଚାଷୀ ସଂଗଠନ ଦାବି କରିଛି । ଆଗାମୀ ତିନିଦିନ ଭିତରେ ସରକାର ଆଶୁ ପଦକ୍ଷେପ ଗ୍ରହଣ ନକଲେ ସ୍ଥିତି ବିସ୍ଫୋରକ ହେବ ତଥା ଜୟ କିଷାନ ଆନ୍ଦୋଳନ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜରାସ୍ତାକୁ ଓହ୍ଲାଇ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସୋମବାର ଅନୁଷ୍ଠିତ ଏକ ବୈଠକରେ ବରଗଡ଼ ଜିଲା ଜୟ କିଷାନ ଆନ୍ଦୋଳନ ଚେତାବନୀ ଦେଇଛି । ବୈଠକରେ ସଂଗଠନର ପ୍ରତିନିଧିମାନେ କହିଥିଲେ, ସଦ୍ୟ ସମାପ୍ତ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଞ୍ଚକୁ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କର ଏ ସମସ୍ୟାର ସମାଧାନ ପାଇଁ ଠୋସ ପ୍ରତିଶ୍ରୁତି ନ ଦେବା ଏବଂ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେ. ଭି. ସିଂଦେଓ କୃଷକମାନଙ୍କ ରାଜରାସ୍ତାରେ ଆନ୍ଦୋଳକୁ ନୌଟଙ୍କି ବୋଲି କହି ବିଦ୍ରୁପ କରିବା ଘଟଣାକୁ ବୈଠକରେ ତୀବ୍ର ନିନ୍ଦା କରାଯାଇଥିଲା । ଚାଷୀମାନଙ୍କର ଗମ୍ଭୀର ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କର ଏହା ସମ୍ବେଦନହୀନ ପରିଚାୟକ । ଏଭଳି ଚାଷୀମାରଣ ଆଭିମୁଖ୍ୟ ପରିହାର କରି ରାଜ୍ୟ ସରକାର ତତ୍କାଳ ପଦକ୍ଷେପ ଗ୍ରହଣ ନକଲେ ରାଜ୍ୟର ଚାଷୀକୁଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଜୟ କିଷାନ ଆନ୍ଦୋଳନ ଆହ୍ୱାନ ଦେଇଛି । ଏହି ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ବରିଷ୍ଠ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ, ମହେଶ୍ୱର ପ୍ରଧାନ, ସୁରେନ୍ଦ୍ର ମେହେର, ଅରୁଣ ପ୍ରଧାନ, କୁନା ବେହେରା, ମିନିଷ୍ଟର ବାରିକ, କିଶୋର ସାହୁ, ସରୋଜ ପ୍ରଧାନ, ଭରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

■ ଆମ ରାଜ୍ୟର ବୟନଶିଳ୍ପ ଏବଂ ହସ୍ତକଳା ଖୁବ୍ ସମୃଦ୍ଧ– ଏସବୁ ଉପରେ ନଜର ଦେଲେ ଏହା ପର୍ଯ୍ୟଟନକୁ ଅଧିକ ସମୃଦ୍ଧ କରିପାରିବ । ପର୍ଯ୍ୟଟନ ସମୃଦ୍ଧ ହେଲେ ଏହା ହୋଟେଲ ଶିଳ୍ପକୁ ମଧ୍ୟ ପ୍ରୋତ୍ସାହିତ କରିବ । ପର୍ଯ୍ୟଟନ କର୍ମନିଯୁକ୍ତି ମଧ୍ୟ ବଢ଼ାଇ ପାରିବ । କେବଳ ଯେ ବଡ଼ ବଡ଼ ଶିଳ୍ପ ସଂସ୍ଥା ରାଜ୍ୟର ଆର୍ଥିକ ସ୍ଥିତିକୁ ମଜଭୁତ କରିବ ଏହାର କୌଣସି ମାନେ ନାହିଁ । ଆଜିକାଲିର ନୂଆ ଟେକ୍ନୋଲୋଜିରେ ■ ନିର୍ମିତ ଗାଡ଼ିଗୁଡ଼ିକରୁ ମୋଟେ ଧୂଆଁ ବାହାରୁନାହିଁ । ତେଣୁ ଗାଡ଼ିମଟର ଧୂଆଁକୁ ଯାଞ୍ଚ କରିବାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି କଳକାରଖାନାର ଧୂଆଁକୁ ଯାଞ୍ଚ କରିବା ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୭ ଜାନୁଆରୀ, ୨୦୨୬ | ବୁଧବାର

ଓଡ଼ିଶା ଏକ୍ସପ୍ରେସ୍

## ପ୍ରଦୂଷଣର ବଡ଼ ବଡ଼ ଉତ୍ସ ଉପରେ ପ୍ରହାର ହେଉ

ଦିଲ୍ଲୀ ଭଳି ଅବସ୍ଥା ଆମ ରାଜ୍ୟର ସହରମାନଙ୍କରେ ମଧ୍ୟ ହେଲାଣି । ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି । ରାଉରକେଲା, ତାଳଚେର ଏବଂ ବାଲେଶ୍ୱରର ସ୍ଥିତି ଚିନ୍ତାଜନକ ଅବସ୍ଥାକୁ ଚାଲିଆସିଛି । ଆମ ରାଜଧାନୀ ଭୁବନେଶ୍ୱର ମଧ୍ୟ ସେଥିରୁ ବାଦ୍ ଯାଇଛି । ଗୋଟେ ସମୟରେ ଭୁବନେଶ୍ୱର ରାଜ୍ୟ ସବୁଠୁ ସ୍ୱାସ୍ଥ୍ୟପ୍ରଦର ସହର ଥିଲା । ଶ୍ୱାସରୋଗୀଙ୍କୁ ଭୁବନେଶ୍ୱରରେ କିଛିଦିନ ରହିଆସିବାକୁ ଡାକ୍ତରମାନେ ପରାମର୍ଶ ଦେଉଥିଲେ। ଏବେ ହୁଏତ ଆଗକୁ ଡାକ୍ତରମାନେ କହିବେ ଭୁବନେଶ୍ୱର ଛାଡ଼ି ଗାଁକୁ ପଳାଇଯାଆନ୍ତୁ କିଛିଦିନ ପାଇଁ ।

ପ୍ରଶ୍ନ ଉଠୁଛି ପ୍ରଦୂଷଣ ପାଇଁ ଦାୟୀ ବଡ଼ ବଡ଼ ଉତ୍ସ ଉପରେ କେତେ ନିଷ୍ଠାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଯେଉଁମାନେ ପ୍ରଦୂଷଣ ନିୟମର ଉଲ୍ଲଂଘନ କରୁଛନ୍ତି ସେଇଟା ହିଁ ମୂଳ ପ୍ରଶ୍ନ । ଏମାନଙ୍କ ଉପରେ ପ୍ରହାର କରାଯିବା ଦରକାର । ଉଦାହରଣ ସ୍ୱରୂପ ବଡ଼ ବଡ଼ କଳକାରଖାନାଗୁଡ଼ିକ ପ୍ରଦୂଷଣ ଲକ୍ଷ୍ମଣରେଖା ପାଳନ କରୁଛନ୍ତି କି ନାହିଁ ଏହାର ନିୟମିତ ଯାଞ୍ଚ ହେବା ଦରକାର । ବର୍ଷକୁ ଥରେ ଅଧେ ଯାଞ୍ଚ ହେଲେ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ । ସେମାନେ ନିଶ୍ଚିତ ଭାବରେ ନିୟମର ଖିଲାପ କରିବେ । ଖିଲାପକାରୀଙ୍କ ଉପରେ ଅଧିକ ପରିମାଣର ଜରିମାନା କରାଯିବା ଦରକାର । ଦେଖାଯାଉଛି ଯେଉଁସବୁ ସହରର ଆଖପାଖରେ ଅଧିକ କଳକାରଖାନା ରହିଛି ସେସବୁ ସହରରେ ହିଁ ପ୍ରଦୂଷଣ ମାତ୍ରା ବିପଜ୍ଜନକସ୍ତରକୁ ଆସିଯାଇଛି । ବାଲେଶ୍ୱର ନିକଟରେ ରହିଛି ବିଭିନ୍ନ ଶିଳ୍ପାଞ୍ଚଳ । ତାଳଚେରରେ କୋଇଲା ପରିବହନ ପାଇଁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି । ଭୁବନେଶ୍ୱର ଚାରିପାଖରେ ତ ଶିଳ୍ପ ସଂସ୍ଥା ଘେରି ରହିଛି । ରାଜଧାନୀ ଭିତରେ ରହିଛି ମଞ୍ଚେଶ୍ୱର, ବମିଖାଲ ଶିଳ୍ପାଞ୍ଚଳ, ଟିକେ ଦୂରକୁ ରହିଛି ଚନ୍ଦକା ଶିଳ୍ପାଞ୍ଚଳ । ତେଣୁ ଭୁବନେଶ୍ୱର ଯାନବାହାନ ଚଳାଚଳ ପାଇଁ ଯେତିକି ପ୍ରଦୂଷିତ ନହେଉଛି ଅଧିକ ପ୍ରଦୂଷିତ ହେଉଛି ଶିଳ୍ପାଞ୍ଚଳରେ ଥିବା କଳକାରଖାନା ପାଇଁ । ଏମାନେ ପ୍ରଦୂଷଣ ଗାଇଡ୍ ଲାଇନ୍ କେତେ ନିଷ୍ଠାର ସହ ପାଳନ କରୁଛନ୍ତି ଏହା ଉପରେ ନିୟମିତ ଯାଞ୍ଚ ଏବଂ ତଦାରଖ ହେବା ଦରକାର ।

ସହର ଆଖପାଖରେ ଯେଉଁସବୁ ଶିଳ୍ପାକୁ ଅନୁମତି ଦିଆଯାଉଛି ସେଗୁଡ଼ିକ ପରିବେଶ ଅନୁକୁଳ ଶିଳ୍ପ ହେବା ବାଞ୍ଛନୀୟ । ଅଧିକ ପ୍ରଦୂଷଣ ବଢ଼ାଉଥିବା ଶିଳ୍ପଗୁଡ଼ିକୁ ଜନବସତିଠାରୁ ଦୂରରେ ରଖାଯିବା ଦରକାର । ଏଥିପାଇଁ ଏକ ସୁଚିନ୍ତିତ ନିୟମର ଆବଶ୍ୟକତା ରହିଛି ।

ଏବେ ଯେଉଁଭଳି ଭାବରେ ପ୍ରଦୂଷଣ ବଢ଼ିବାରେ ଲାଗିଛି ଏ ପରିସ୍ଥିତିକୁ ଲକ୍ଷ୍ୟ କରି ସେଇଭଳି ଶିଳ୍ପ ସଂସ୍ଥାକୁ ଆମନ୍ତ୍ରଣ କରାଯିବା ଉଚିତ୍, ଯେଉଁଗୁଡ଼ିକ ପ୍ରଦୂଷଣ ବଢ଼ାଇବ ନାହିଁ । ଦେଶ ବା ରାଜ୍ୟ ଶିଳ୍ପ ସମୃଦ୍ଧ ହେଲେ ପରିବେଶ ନିଶ୍ଚିତ ଭାବରେ ପ୍ରଦୂଷିତ ହେବ– ଏଥିରେ ସନ୍ଦେହ କରିବାର ନାହିଁ । ବିକାଶ ଏବଂ ପରିବେଶକୁ କିଭଳି ସନ୍ତୁଳିତ ସ୍ତରରେ ରଖିହେବ ସେ ଦିଗକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଦରକାର । ଏଥିପାଇଁ ଏକ ଦୂରଦୃଷ୍ଟି ସମ୍ପନ୍ନ ପ୍ରସ୍ତୁତିର ଆବଶ୍ୟକତା ରହିଛି ।

ଆମ ରାଜ୍ୟକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଆମକୁ ପର୍ଯ୍ୟଟନ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ କଳକାରଖାନା ତୁଳନାରେ । ଆମ ରାଜ୍ୟରେ ପର୍ଯ୍ୟଟନର ପ୍ରଚୁର ସମ୍ଭାବନା ରହିଛି । ବିସ୍ତୀର୍ଣ୍ଣ ସମୁଦ୍ର ତଟ ସହିତ ଚିଲିକା ଭଳି ମନୋରମ ହ୍ରଦ ରହିଛି, ଏକାଧିକ ଜଳପ୍ରପାତ ରହିଛି, ଜଙ୍ଗଲ ରହିଛି, କାରୁକାର୍ଯ୍ୟ ମଣ୍ଡିତ ମନ୍ଦିର ରହିଛି, ବିଭିନ୍ନ ଧର୍ମପୀଠ ରହିଛି, ଆଜିକାଲି ଆଧ୍ୟାତ୍ମିକ ପର୍ଯ୍ୟଟନର ଆଦର ବଢ଼ୁଛି, ତା' ସହିତ ଆମ ରାଜ୍ୟରେ ବିଭିନ୍ନ ଜନଜାତିର ଲୋକ ଅଛନ୍ତି । ଆମ ରାଜ୍ୟର ବୟନଶିଳ୍ପ ଏବଂ ହସ୍ତକଳା ଖୁବ୍ ସମୃଦ୍ଧ– ଏସବୁ ଉପରେ ନଜର ଦେଲେ ଏହା ପର୍ଯ୍ୟଟନକୁ ଅଧିକ ସମୃଦ୍ଧ କରିପାରିବ । ପର୍ଯ୍ୟଟନ ସମୃଦ୍ଧ ହେଲେ ଏହା ହୋଟେଲ ଶିଳ୍ପକୁ ମଧ୍ୟ ପ୍ରୋତ୍ସାହିତ କରିବ । ପର୍ଯ୍ୟଟନ କର୍ମନିଯୁକ୍ତି ମଧ୍ୟ ବଢ଼ାଇ ପାରିବ । କେବଳ ଯେ ବଡ଼ ବଡ଼ ଶିଳ୍ପ ସଂସ୍ଥା ରାଜ୍ୟର ଆର୍ଥିକ ସ୍ଥିତିକୁ ମଜଭୁତ କରିବ ଏହାର କୌଣସି ମାନେ ନାହିଁ । ଆଜିକାଲିର ନୂଆ ଟେକ୍ନୋଲୋଜିରେ ନିର୍ମିତ ଗାଡ଼ିଗୁଡ଼ିକରୁ ମୋଟେ ଧୂଆଁ ବାହାରୁନାହିଁ । ତେଣୁ ଗାଡ଼ିମଟର ଧୂଆଁକୁ ଯାଞ୍ଚ କରିବାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି କଳକାରଖାନାର ଧୂଆଁକୁ ଯାଞ୍ଚ କରିବା ।

# ଓଡ଼ିଶା ରାଜନୀତିର ଚାଣକ୍ୟ



**ଇତିହାସର ଇତି କଥା**

**ସତ୍ୟବାଦୀ ବଳିଆରସିଂହ**

ଏକାଧାରରେ ସେ ଥିଲେ ଜଣେ ସଫଳ ରାଜନୀତିଜ୍ଞ, ରାଷ୍ଟ୍ରନୀତିଜ୍ଞ, ପ୍ରବୀଣ ସାମ୍ବାଦିକ, ସଂସ୍କୃତ ବିଦ୍ୱାନ, କବି, ସୁଲେଖକ, ସାହିତ୍ୟ ସଂଗଠକ, ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ। ସେ ଥିଲେ ଅତୁଳନୀୟ ବିରଳ ବ୍ୟକ୍ତିତ୍ୱର ଅଧିକାରୀ । କେନ୍ଦ୍ରରେ ଉପମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, କ୍ୟାବିନେଟ୍ ମନ୍ତ୍ରୀ, ଆମ ରାଜ୍ୟ ଓଡ଼ିଶାର ତିନିଥର ମୁଖ୍ୟମନ୍ତ୍ରୀ, ପ୍ରଦେଶ କଂଗ୍ରେସ କମିଟିର ସଭାପତି, ବିରୋଧୀ ଦଳ ନେତା, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି, ଉଭୟ ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ସାହିତ୍ୟିକ ଏବଂ ଆସାମ ରାଜ୍ୟର ରାଜ୍ୟପାଳ । ଏହି ମହାନ ବ୍ୟକ୍ତିତ୍ୱଙ୍କୁ 'ଓଡ଼ିଶା ରାଜନୀତିର ଚାଣକ୍ୟ' ମଧ୍ୟ କୁହାଯାଇଥାଏ । ବହୁ ସମ୍ମାନଜନକ ତଥା ଗୌରବୋଜ୍ଜ୍ୱଳ ପଦ ପଦବୀରେ ରହିବାରେ ମହତାବଜୀଙ୍କ ପରେ ସେ ହେଉଛନ୍ତି ଓଡ଼ିଶାର ଦ୍ୱିତୀୟ ବ୍ୟକ୍ତି । ଉଭୟ ମହତାବ୍‌ଜୀ ଓ ଜାନକୀ ବଲ୍ଲଭ ପଟ୍ଟନାୟକ ମହୋଦୟ ରାଜନୈତିକ ସଂପର୍କରେ ଗୁରୁ–ଶିଷ୍ୟ ହେଲେ ହେଁ ବାସ୍ତବରେ ସେମାନେ ଥିଲେ ବିଚକ୍ଷଣ ରାଜନୀତିଜ୍ଞ। ସେମାନଙ୍କ ରାଜନୈତିକ ଜୀବନରେ ବହୁ ସାମଞ୍ଜସ୍ୟ ଥିବାରୁ ଜାନକୀବାବୁଙ୍କୁ 'ଓଡ଼ିଶାର ଦ୍ୱିତୀୟ ମହତାବ' ବୋଲି କୁହାଯାଏ। ଏକଦା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜ ଦଳର ଦୁଇଜଣଙ୍କୁ ପଣ୍ଡିତଜୀ ବୋଲି ସମ୍ବୋଧନ କରୁଥିଲେ । ସେମାନେ ହେଲେ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ କମଳାନାଥ ତ୍ରିପାଠୀ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକ । ପଣ୍ଡିତଜୀ ଭଳି ବିରଳ ସମ୍ବୋଧନ ପାଇବାରେ ରାଜନେତାମାନଙ୍କ ମଧ୍ୟରେ ଓଡ଼ିଶାରୁ ଜାନକୀ ବଲ୍ଲଭ ବାବୁ ଏକମାତ୍ର ବ୍ୟକ୍ତି ଥିଲେ । ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ପଦ ପାଇବାରେ ସେ ମଧ୍ୟ ଓଡ଼ିଶାର ଏକମାତ୍ର ବ୍ୟକ୍ତି ଥିଲେ । ତାଙ୍କ ଭଳି ଓଡ଼ିଶାର କୌଣସି ରାଜନେତା ଓଡ଼ିଆ ଓ ସଂସ୍କୃତ ସାହିତ୍ୟରେ ଏଭଳି ପାଣ୍ଡିତ୍ୟ ଲାଭ କରିନାହାନ୍ତି । କେନ୍ଦ୍ର ଓ ରାଜ୍ୟର ବହୁ ସମ୍ମାନ ମଧ୍ୟ ସେ ପାଇଛଂତି । ମହାଭାରତ, ରାମାୟଣ, ବେଦ ବେଦାନ୍ତରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ। ବିଚକ୍ଷଣ ରାଜନୀତିଜ୍ଞ ଭାବେ ପରିଚିତ ଥିବା ଜାନକୀ ବାବୁ ଥିଲେ ପ୍ରଚଣ୍ଡ ପ୍ରତିଭାଧର ଓ ସଫଳ ବ୍ୟକ୍ତିତ୍ୱ ।

ତତ୍କାଳୀନ ଖୋର୍ଦ୍ଧା କିଲ୍ଲା(ରାଜ୍ୟ)ର ୧୨ଟି ଜିଲ୍ଲା ମଧ୍ୟରୁ ରାମେଶ୍ୱର କିଲ୍ଲାର ରାମେଶ୍ୱର ଗଡ଼ରେ ୧୯୨୭ ମସିହା ଜାନୁଆରୀ ୩ ତାରିଖରେ ଜନ୍ମଗ୍ରହଣ କରିଥିଲେ ଜାନକୀବଲ୍ଲଭ। ଗାଁରେ ମାଇନର ସ୍କୁଲ ପର୍ଯ୍ୟନ୍ତ ପଢିବା ପରେ ଖୋର୍ଦ୍ଧା ହାଇ ଇଂଲିସ ସ୍କୁଲରେ(ପରେ ବିଜେବି ହାଇସ୍କୁଲ) ସେ ପାଠ ପଢିଲେ । ଛାତ୍ର ଅବସ୍ଥାରେ ସେ ଥିଲେ ସରଳ, ସ୍ୱାଧୀନତା ପ୍ରେମୀ, ସାହିତ୍ୟ ପ୍ରେମୀ ଓ ବନ୍ଧୁବତ୍ସଳ । ତାଙ୍କ ସହପାଠୀମାନଙ୍କ ମଧ୍ୟରେ ବେଗୁନିଆର ପୂର୍ବତନ ବିଧାୟକ, ଝଙ୍କାରର ପୂର୍ବତନ ସଂପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପ ସଭାପତି ସତ୍ୟାନନ୍ଦ ଚମ୍ପତିରାୟ, ବିଶିଷ୍ଟ ଐତିହାସିକ ତଥା ଜନନେତା ଫକୀର ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ପିତା ଗୋକୁଳାନନ୍ଦ ମହାରଥୀ, ସ୍ୱାଧୀନତା ସଂଗ୍ରାମୀ ଜାନକୀରାମ ଭଂଜ ଓ ଆଇନଜୀବୀ ବଳରାମ ଦାଶ ପ୍ରମୁଖ ଥିଲେ । ଥରେ ସେ ଦେହ ଅସୁସ୍ଥ ହେତୁ ସ୍କୁଲରେ ଚାରିଦିନ ଅନୁପସ୍ଥିତ ରହିଲେ । ସେତେବେଳେ ପ୍ରଧାନ ଶିକ୍ଷକ ଥିଲେ ରାୟ ସାହେବ ବାଙ୍କନିଧି ପଟ୍ଟନାୟକ । ଚାରିଦିନ ଅନୁପସ୍ଥିତ ପରେ ଜାନକୀ ବାବୁଙ୍କୁ ଦେଖି ପ୍ରଧାନ ଶିକ୍ଷକ ପ୍ରଶ୍ନ କଲେ, Janaki, where had you been so long ? I did not find you in the class for the last four or five days? ଭୟ ଓ ସଂଭ୍ରମତା ଯୋଗୁଁ ଜାନକୀ ବଲ୍ଲଭଙ୍କ ପିତା ଲେଖିଥିବା ଦରଖାସ୍ତଟିକୁ ଦେଇ ନଥିବାରୁ ତାଙ୍କ ସହପାଠୀ ଫକୀର ହରିଚନ୍ଦନ, ପଣ୍ଡିତ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ପରିଚୟ ପ୍ରଦାନ କରି ପତ୍ରଟି ଦେଇଥିଲେ ଓ ସେଥିରେ ଲେଖାଥିଲା ଖୋରଧା ଉଚ୍ଚ ଇଂରାଜୀ ବିଦ୍ୟାଳୟ.. ମାନନୀୟ ପ୍ରଧାନ ଶିକ୍ଷକ ମହୋଦୟ.. ଶ୍ରୀମାନ ଜାନକୀ ବଲ୍ଲଭ ମୋ ତନୟ.. ପୁତ୍ରର ସ୍ୱାସ୍ଥ୍ୟସ୍ଥିତିରେ ସଦାଳୟ..ସାମାନ୍ୟ ଜ୍ୱର ସହ ଥଣ୍ଡା ଅତିଶୟ..ହେବାରୁ ରହିଲା ଦିନ ଚତୁଷ୍ଟୟ.. ଏଣୁ ମୁଁ ପ୍ରାର୍ଥନା କରୁଛି ସବିନୟ.. ଛୁଟି ତା'ର ମଞ୍ଜୁର କରିବେ ସହୃଦୟ–ଇତିଶ୍ରୀ ଗୋକୁଳାନନ୍ଦ ଭବଦୀୟ ॥ ଜାନକୀ ବଲ୍ଲଭଙ୍କ ପିତା ଗୋକୁଳାନନ୍ଦ ପଟ୍ଟନାୟକ ସଂସ୍କୃତ ପଣ୍ଡିତ ନଥିଲେ । ସେ ଥିଲେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । ସେତେବେଳେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ପଣ୍ଡିତ କୁହାଯାଉଥିଲା । କିନ୍ତୁ ସେ ପ୍ରକୃତରେ ଥିଲେ ଅସାଧାରଣ ଜ୍ଞାନୀ ଓ ପଣ୍ଡିତ । ସେ ଲେଖିଥିଲେ ଜାନକୀ ବଲ୍ଲଭ ବିଳାସ ଓ ଅନ୍ୟାନ୍ୟ ଅନେକ ପୁସ୍ତକ । ସେତେବେଳେ ବହୁ ପାଲା ଗାୟକ ତାଙ୍କ ଲିଖିତ ଛନ୍ଦ ଚଉପଦୀ ବାଦିପାଲା ମାନଙ୍କରେ ଆବୃତ୍ତି କରୁଥିଲେ । ଖଣ୍ଡପଡ଼ାର ଗଦାଧର ସିଂହସାମନ୍ତ, ଡମପଡ଼ାର ନଟବର ଧଳସାମନ୍ତ, ଗୋଳବାଇର ବାଙ୍କା ଦାଶଙ୍କ ଭଳି ରାମେଶ୍ୱରର ପଣ୍ଡିତ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ଛାନ୍ଦ କବିତା, ଚଉପଦୀ ପାଲାଗାୟକମାନଙ୍କ ମଧ୍ୟରେ ଜନପ୍ରିୟ ଥିଲା । ପଣ୍ଡିତ ଗୋକୁଳାନନ୍ଦଙ୍କ ସୁଯୋଗ୍ୟ ସନ୍ତାନ ପଣ୍ଡିତ ଜାନକୀ ବଲ୍ଲଭ ବାପାଙ୍କ ଠାରୁ ବଳିଗଲେ, ବାପ୍‌ସେ ବେଟା ଜ୍ୟାଦା ।

ଶିକ୍ଷକମାନଙ୍କ ପ୍ରତି ଜାନକୀବାବୁଙ୍କର ବିଶେଷ ସମ୍ମାନବୋଧ, ଶ୍ରଦ୍ଧା, ଭକ୍ତି ଓ ପ୍ରଗାଢ ଅନୁରାଗ ଥିଲା, ଯେହେତୁ ବାପା ଥିଲେ ଶିକ୍ଷକ। ସେତେବେଳେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଦୁଇପ୍ରକାର ଶିକ୍ଷକ ଥିଲେ। ଯେଉଁମାନେ ମୌଳିକ ବିଦ୍ୟାଳୟରେ ଶିକ୍ଷକ ଥିଲେ, ସେମାନେ ହେଲେ ସରକାରୀ ଓ ସାଧାରଣ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଥିଲେ ବେସରକାରୀ। ଜାନକୀବାବୁ ଏହାକୁ ହୃଦୟଙ୍ଗମ କରି ସାଧାରଣ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସରକାରୀ ଘୋଷଣା କରିଥିଲେ। ତାହା ଥିଲା ୧୯୮୯ ମସିହା ସେପ୍ଟେମ୍ବର ୫ ତାରିଖ। ଗୁରୁ ଦିବସରେ ଶିକ୍ଷକମାନଙ୍କୁ ଜାନକୀବାବୁଙ୍କ ଏହି ଭେଟି ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ। ମୁଁ ସେତେବେଳେ ଓଡ଼ିଶା ୟୁଜିମିଇ ସ୍କୁଲ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ସଂପାଦକ ତଥା ଖୋର୍ଦ୍ଧା ଶିକ୍ଷା ଜିଲ୍ଲା ସଂଘର ସଂପାଦକ ଥିଲି। ଜାନକୀ ବାବୁଙ୍କ ଘୋଷଣାରେ ଆମ ସଂଘରେ ବେଶ୍ ଆନନ୍ଦ ପରିଲକ୍ଷିତ ହୋଇଥିଲା। ସଂଘ ତରଫରୁ ଆମେ ଜାନକୀ ବାବୁଙ୍କୁ ଭେଟି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲୁ। ଏତଦବ୍ୟତୀତ ପ୍ରାଥମିକ ଶିକ୍ଷକ ପଦୋନ୍ନତି ପାଇ ଶିକ୍ଷା ନିରୀକ୍ଷକ ପର୍ଯ୍ୟନ୍ତ କିଭଳି ଯାଇପାରିବେ, ସେଥିପାଇଁ ଏଲିମେଣ୍ଟାରୀ କ୍ୟାଡର ରୁଲ୍ ପ୍ରଚଳନ କରିଥିଲେ। ଏହା ୧୯୮୭ ମସିହା ଅଗଷ୍ଟ ୧୨ ତାରିଖରୁ ବିଜ୍ଞପ୍ତି ମାଧ୍ୟମରେ ଘୋଷଣା ହୋଇଥିଲେ ମ ପରବର୍ତ୍ତୀ ସରକାର ଅମଳରେ ଏହା କାର୍ଯ୍ୟକାରୀ କରିବାରେ ୨୦୦୬ ମସିହା ପର୍ଯ୍ୟନ୍ତ ଗଡ଼ିଗଲା। ଏହା କିଛି ଅଂଶରେ କାର୍ଯ୍ୟକାରୀ ହେବାରୁ ଓଡ଼ିଶାର ୮ଜଣ ଏବେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପଦରୁ ଶିକ୍ଷା ଜିଲ୍ଲା ନିରୀକ୍ଷକ ପଦ ପର୍ଯ୍ୟନ୍ତ ପଦୋନ୍ନତି ପାଇପାରିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କୁ ସରକାରୀ କରିବା ହେଉ କି ଏଲିମେଣ୍ଟାରୀ କ୍ୟାଡ଼ର ଆଇନ ପ୍ରଚଳନ କରିବା ହେଉ, ଏହାର ସମସ୍ତ ଶ୍ରେୟ ଜାନକୀବାବୁଙ୍କର ବୋଲି ଦୃଢତାର ସହ କୁହାଯାଇପାରେ।

ଓଡ଼ିଶାର ବହୁମୁଖୀ ପ୍ରଗତିରେ ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ବଳିଷ୍ଠ ଭୂମିକା ଥିବାବେଳେ ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବେଗୁନିଆ ନିର୍ବାଚନମଣ୍ଡଳୀକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ସେ ୧୯୯୫ ମସିହା ଜୁନ୍ ୨୭ ତାରିଖ ଉପନିର୍ବାଚନରେ ବେଗୁନିଆରୁ ଜୟଯୁକ୍ତ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ୨୦୦୪ ମସିହା ଏପ୍ରିଲ୍ ମାସ ୨୬ ତାରିଖ ସାଧାରଣ ନିର୍ବାଚନରେ ଜୟଯୁକ୍ତ ହୋଇ ବିଧାନ ସଭା ବିରୋଧୀଦଳ ନେତା ଭାବରେ କାର୍ଯ୍ୟ କରିଥିଲେ। ଅବଶ୍ୟ ସେ ପୂର୍ବରୁ ଆଠଗଡ଼ରୁ ନିର୍ବାଚିତ ହୋଇ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିବା ଚର୍ଚ୍ଚାର ବିଷୟ ଥିଲା। ୧୯୯୫ ମସିହା ପୂର୍ବରୁ ବେଗୁନିଆରେ ଖ୍ୟାତନାମା କମ୍ୟୁନିଷ୍ଟ ନେତା ଗଙ୍ଗାଧର ପାଇକରାୟ (୧୯୫୨, ୧୯୬୧, ୧୯୬୭, ୧୯୭୧) ପ୍ରଥିତଯଶା କବି, ଗାନ୍ଧୀବାଦୀ ନେତା ସତ୍ୟାନନ୍ଦ ଚମ୍ପତିରାୟ (୧୯୫୨ କଂଗ୍ରେସ, ୧୯୭୪– ଉତ୍କଳ କଂଗ୍ରେସ) ତତ୍କାଳୀନ ବିରୋଧୀ ଦଳ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମଣିପୁରର ପୂର୍ବତନ ରାଜ୍ୟପାଳ ଚିନ୍ତାମଣି ପାଣିଗ୍ରାହୀ (୧୯୭୭ କଂଗ୍ରେସ), କଂଗ୍ରେସ ନେତା କୈଳାସ ଚନ୍ଦ୍ର ମହାପାତ୍ର (୧୯୮୦, ୧୯୮୫), ସୁରେନ୍ଦ୍ର ନାଥ ମିଶ୍ର (୧୯୯୦ ଜନତାଦଳ) ଏବଂ ସ୍ୱଳ୍ପ ସମୟ ପାଇଁ ହରିହର ସାହୁ (୧୯୯୫ କଂଗ୍ରେସ) ବିଧାୟକ ହୋଇଥିଲେ।

ବହୁ ପ୍ରବୀଣ ବ୍ୟକ୍ତି ବିଧାୟକ ଥିଲେ ମଧ୍ୟ ବେଗୁନିଆ ବୋଲଗଡ଼ ଅଞ୍ଚଳର ସେଭଳି ଆଖିଦୃଶିଆ ଉନ୍ନତି ହୋଇପାରି ନ ଥିଲା। କିନ୍ତୁ ଜାନକୀବାବୁ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହେବାପରେ ନିର୍ବାଚନ ମଣ୍ଡଳୀର ସର୍ବବିଧ ଉନ୍ନତି ସହ ଗମନାଗମନର ଅଭୂତ ପୂର୍ବ ଉନ୍ନତି ପରିଲକ୍ଷିତ ହୋଇଥିଲା। ସେଥିମଧ୍ୟରୁ କିଛି ରାସ୍ତାର ନାମ ପାଠକଙ୍କ ଅବଗତି ନିମନ୍ତେ ଉଲ୍ଲେଖ କରୁଛି। ଯଥା– ପିଚୁକୁଳି–ଦେଉଳି, ପିଚୁକୁଳି–ବାଙ୍କୋଇ, ଭାୟା ମାଗୁରା, ରାଜ ସୁନାଖଳା–ଧଳାପଥର, ବାଙ୍କୋଇ–ସାଗରଗୁଆଁ ଟାଙ୍ଗିସାହି–କଳାଙ୍ଗ, ଗୋଡ଼ଭଙ୍ଗା–ବିଜିପୁର, (ଦୋସମାଳି), ବୃଡ଼ା–ଡ଼ାବରଧୁଆ, ବେଗୁନିଆ–ସିକୋ ଭାୟା ଗଡ଼ମାଣତୀର, ପାଟଣା, ବେଗୁନିଆ–ହଜ, ଭାୟା ଡ଼ିଙ୍ଗର ଓ ପରିଛଳ, ବେଗୁନିଆ–ଡ଼ାଳତୋଳା, ଭାୟା ଗୋଡ଼ି, ବାଘମାରୀ–ଗୁଡୁମ ଭାୟା ଅତ୍ରି, ଗଡ଼ମାଣିତୀର–ମୁଗମୁଣ୍ଡା, ଗୋବିନ୍ଦପୁର–କଣ୍ଟାବାଡ଼, ବେଗୁନିଆ–ସିକୋ ଭାୟା ବାରବାଟି ଓ ବୋତଲମା। ହଜ–କମାଗୁରୁ ଭାୟା ଟାଙ୍କୋଳ ଇତ୍ୟାଦି। ଏହି ରାସ୍ତାଗୁଡ଼ିକ ନିର୍ମାଣ ପାଇଁ ବହୁସ୍ଥାନରେ ଅନେକ ପୋଲ ମଧ୍ୟ ନିର୍ମିତ ହୋଇଥିଲା। ୧୯୯୫ରୁ ୨୦୦୦ ମଧ୍ୟରେ ବେଗୁନିଆ ବୋଲଗଡ଼ ବ୍ଲକ୍‌ର ଗମନାଗମନର ଉନ୍ନତି ହୋଇଥିଲା। କହିବାକୁ ଗଲେ ଏହା ଥିଲା ବେଗୁନିଆ ନିର୍ବାଚନମଣ୍ଡଳୀପାଇଁ ଏକ ସୁବର୍ଣ୍ଣଯୁଗ। ଏହା ନିକଟବର୍ତ୍ତୀ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଥିଲା। ଶ୍ରୀଯୁକ୍ତ ପଟ୍ଟନାୟକ ନିଜ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବିଭାଗର ତଥା ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ଉନ୍ନତି ପାଇଁ ଯଥେଷ୍ଟ ସମୟ ଦେଉଥିଲେ। ନିର୍ବାଚନମଣ୍ଡଳୀର ଲୋକସମ୍ପର୍କ ପ୍ରତିଷ୍ଠାରେ ଶ୍ରୀଯୁକ୍ତ ପଟ୍ଟନାୟକ ମଧ୍ୟ ଆଗୁଆ ଥିଲେ। ସେ ଅଞ୍ଚଳର ବିଭିନ୍ନ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ଠାରୁ ଉନ୍ନୟନ କାର୍ଯ୍ୟପାଇଁ ପରାମର୍ଶ ଲୋଡୁଥିଲେ। ଏହା ବ୍ୟତୀତ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ତାରା ପ୍ରସାଦ ପଟ୍ଟନାୟକ, ବୋତଲମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଚିକିତ୍ସାଧିକାରୀ ତଥା ଖ୍ୟାତନାମା ଡ଼ାକ୍ତର ବିମଳ କୁମାର ରଥ ଓ ଶିକ୍ଷାବିତ୍ ଜାନକୀ ବଲ୍ଲଭ ପାଢୀ ପ୍ରମୁଖ ବ୍ୟକ୍ତିମାନଙ୍କ ସହ ନିର୍ବାଚନ ମଣ୍ଡଳୀର ସାମଗ୍ରିକ ଉନ୍ନତି ପାଇଁ ବିଚାର ବିମର୍ଶ କରୁଥିଲେ ।

ଜାନକୀ ବଲ୍ଲଭ ପ୍ରଗାଢ ଈଶ୍ୱର ବିଶ୍ୱାସୀ। ପ୍ରତ୍ୟେକ ଧର୍ମ ପ୍ରତି ତାଙ୍କର ସମ୍ମାନବୋଧ ଥିଲା। ସେ ଧର୍ମୀୟ କାର୍ଯ୍ୟାନୁଷ୍ଠାନରେ ଯୋଗଦେଇ ଲୋକମାନଙ୍କର ବିଶ୍ୱାସ ଭାଜନ ହେଉଥିଲେ। ବୋଲଗଡ଼ ଓ ବେଗୁନିଆ ଅଞ୍ଚଳରେ ଥିବା ପ୍ରାଚୀନ ମନ୍ଦିର, ଦର୍ଶନୀୟ ସ୍ଥାନ ତଥା ପର୍ଯ୍ୟଟନସ୍ଥଳୀର ବିକାଶ ପ୍ରତି ଗୁରୁତ୍ୱ ଆରୋପ କରୁଥିଲେ। ସୂଚନାଯୋଗ୍ୟ ଯେ ବୋଲଗଡ଼ ବ୍ଲକ୍‌ର ଝିକିମିକି, ମୁଣ୍ଡିଆପଡ଼ା, (ମଣ୍ଡନଗିରି) କୋଶଳାଶୁଣି, ବାଙ୍କୋଇ, ତାରେଶ୍ୱର ଦେବ, ତାଳତୁମ, ପଶ୍ଚିମେଶ୍ୱର ଏବଂ ବେଗୁନିଆ ବ୍ଲକ୍ ଅତ୍ରି ହଟକେଶ୍ୱର ଉଷ୍ଣପ୍ରସବଣ, ଗୋଡ଼ାର ଶ୍ରୀଲୋକନାଥ ଦେବ, ଗଁପୁରର ସୋମନାଥ ଦେବ, ଗଡ଼ମାଣତୀରର ରାମଚଣ୍ଡୀ ପ୍ରଭୃତି ଦର୍ଶନୀୟ ସ୍ଥାନ ରୂପେ ଖ୍ୟାତି ଅର୍ଜନ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକର ବିକାଶରେ ବିଭାଗୀୟ ଅନୁଦାନ ବା ବିଧାୟକ ପାଣ୍ଠି ହେଉ କି ଆର୍ଥିକ ସାହାଯ୍ୟ ଦେଇହେଉ କି ଏହାର ବିକାଶ ପ୍ରତି ସେ ଗୁରୁତ୍ୱ ଦେଉଥିଲେ। ଫଳରେ ଏହିସବୁ ସ୍ଥାନର ଶୋଭା ବହୁଗୁଣରେ ବୃଦ୍ଧି ପାଇଛି। ସବୁଠାରୁ ବିଶେଷତ୍ୱ ହେଲା। ଯୋଡ଼ପଡ଼ାର ଶ୍ରୀରାମ ମନ୍ଦିର। ବୋଲଗଡ଼ ବ୍ଲକ୍‌ର ଅନ୍ୟସ୍ଥାନ ଭଳି ଏହା ଦର୍ଶନୀୟସ୍ଥାନ ମାନ୍ୟତାପ୍ରାପ୍ତ ହୋଇ ନଥିଲା। କହିବାକୁ ଗଲେ ଏହାର ସେଭଳି ଗୁରୁତ୍ୱ ନ ଥିଲା। କିନ୍ତୁ ଜାନକୀବାବୁଙ୍କ ଯୋଗୁଁ ଏହାର ରୂପ ସମ୍ପୂର୍ଣ୍ଣ ବଦଳିଗଲା। ଏକ ଛୋଟ ପାହାଡ଼ ଓ ବନାନୀର ମନୋରମ ପରିବେଶ ମରେ ଶ୍ରୀରାମ ମନ୍ଦିରର ଶୋଭା ଆକର୍ଷଣୀୟ ହୋଇପାରିଲା। କୌଣସି ଦର୍ଶକ ଏହି ସ୍ଥାନକୁ ଆସିଲେ ସହଜରେ ଏହି ସ୍ଥାନ ତ୍ୟାଗ କରିବାକୁ ଇଚ୍ଛା କରି ନ ଥାନ୍ତି। ଯୋଡ଼ାପଦର ଶ୍ରୀରାମ ମନ୍ଦିରକୁ ଏକ ଦର୍ଶନୀୟ ସ୍ଥାନର ମାନ୍ୟତା ତଥା ଗୁରୁତ୍ୱ ଦେବାରେ ଶ୍ରୀରାମ ଭକ୍ତ ଜାନକୀବଲ୍ଲଭଙ୍କ କୀର୍ତ୍ତି ଯୁଗ ଯୁଗ ଧରି ଭାସ୍ୱର ହୋଇ ରହିବ। ଅଜଣା ଅଲୋଡ଼ା ସ୍ଥାନ ଆଜି ପାଲଟିଛି ଏକ ରମଣୀୟ ସ୍ଥାନ।

ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼ ଓ ଟାଙ୍ଗୀ ବ୍ଲକ୍‌ର ବିବିଧ ଉନ୍ନତିରେ ଜାନକୀ ବଲ୍ଲଭଙ୍କ କୀର୍ତ୍ତି ଜାଜ୍ୱଲ୍ୟମାନ ହୋଇଉଠେ । ଖୋର୍ଦ୍ଧା, ବରଣେଇ ପାଦଦେଶରେ ଗଢି ଉଠିଥିବା ଶିଳ୍ପାଞ୍ଚଳ ହେଉ, କି ବେଗୁନିଆ ବ୍ଲକ୍ ସାରୁଆଠାରେ ଥିବା ଶିଳ୍ପାଞ୍ଚଳ ହେଉ ସବୁ ଜାନକୀବାବୁଙ୍କ ଅବଦାନ। ତେବେ ଅଞ୍ଚଳବାସୀଙ୍କ ପାଇଁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଲା ନୂଆ ଜଗନ୍ନାଥ ସଡ଼କ। ଶରଣକୁଳ ଠାରୁ ଭାୟା ରଣପୁର, ସିକୋ, ଜଙ୍କିଆ, ରାମେଶ୍ୱର ଓ ନିରକାରପୁର ମ ଦେଇ ପୁରୀ ପର୍ଯ୍ୟନ୍ତ ଯାଇଥିବା ଏହି ନୂଆ ଜଗନ୍ନାଥ ସଡ଼କ ଯୋଗୁଁ ରଣପୁର, ବେଗୁନିଆ, ଖୋର୍ଦ୍ଧା, ସତ୍ୟବାଦୀ ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଲୋକମାନେ ଉପକୃତ ହେଲେ। ଏ ପ୍ରସଙ୍ଗରେ ମୁଁ ରଣପୁରର ପୂର୍ବତନ ବିଧାୟକ ତଥା କୃଷିମନ୍ତ୍ରୀ ରମାକାନ୍ତ ମିଶ୍ରଙ୍କର ଏକ ବକ୍ତବ୍ୟ ଅବତାରଣା କରିପାରେ। ଶ୍ରୀଯୁକ୍ତ ରମାକାନ୍ତ ମିଶ୍ର ସହିତ ରଘୁଦିବାକରଙ୍କ ସ୍ମୃତିସଭା, ବା ସହିତ ଦିବସକୁ ଗଡ଼ବାଣୀକିଲୋ ଆସିଥାନ୍ତି। ସେ ସେଠାରେ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କଲେ, ଓଡ଼ିଶାର ଖ୍ୟାତନାମା ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଯୋଗୁଁ ନୂଆ ଜଗନ୍ନାଥ ସଡ଼କ ହେବାକୁ ଯାଉଛି । ଏହି ସଡ଼କଯୋଗୁଁ ରଣପୁରବାସୀ ଆଉ ଖୋର୍ଦ୍ଧା ଭୁବନେଶ୍ୱର ଦେଇ ପୁରୀ ଯିବେ ନାହିଁ। ଲୋକମାନଙ୍କର ଯିବା ଦୂରତା ମଧ୍ୟ ୪୦ କିଲୋମିଟର କମିଯିବ। ବାସ୍ତବରେ ଏହି ସଡ଼କ ଅବିଭକ୍ତ ପୁରୀ ଜିଲ୍ଲାର ପ୍ରଗତିର ଏକ ମାଇଲ ଖୁଣ୍ଟ।

ଭାଷା ଭିତ୍ତିରେ ଆମ ରାଜ୍ୟ ଗଠିତ ହୋଇଥିଲେ ହେଁ ଏବେ ଓଡ଼ିଆ ଭାଷା ସଂକଟରେ। ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ଚୌଧୁରୀ ବିଧାନସଭାରେ ଓଡ଼ିଆକୁ ସରକାରୀ ଭାଷା ରୂପେ ଗୃହୀତ କଲେ। କିନ୍ତୁ ଏହା କାର୍ଯ୍ୟକାରୀ ହୋଇ ନ ପାରିବାରୁ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପୁନର୍ବାର ଓଡ଼ିଆ ଭାଷାରେ ସରକାରୀ ଦପ୍ତର ଚାଲିବା ପାଇଁ ନିର୍ଦ୍ଦେଶ ଦେଲେ। ଏହା କିଛି ଦିନ ପାଇଁ କାର୍ଯ୍ୟକାରୀ ହେଲା। ତାଙ୍କ ସମୟରେ ଓଡ଼ିଆରେ ଟାଇପ୍ ରାଇଟର୍ କାର୍ଯ୍ୟକ୍ରମ ଚାଲିବା ପାଇଁ ସ୍ୱତନ୍ତ୍ର ଓଡ଼ିଆ ଅଭିଧାନ ଆଦି ବ୍ୟବସ୍ଥା କରାଯାଇଥିଲା। ଏଣୁ ଯଥାର୍ଥରେ ତାଙ୍କର ଓଡ଼ିଆ ଭାଷା ପ୍ରତି ଥିବା ପ୍ରୀତି ଅଭିନନ୍ଦନୀୟ। ଆମ ଖୋର୍ଦ୍ଧାରେ ମଧ୍ୟ ଓଡ଼ିଆ ଭାଷାର ଗୁରୁତ୍ୱ କମି ଯାଉଥିବା ଅନୁଭବ କରି ଦୋକାନ, କାର୍ଯ୍ୟାଳୟର ନାମ ଫଳକ ଓ ବିବାହ ବ୍ରତର ନିମନ୍ତ୍ରଣ ପତ୍ର ଓଡ଼ିଆ ଭାଷାରେ ଲେଖିବା ପାଇଁ ଅଭିଯାନ ଚାଲିଥିଲା। ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ଓଡ଼ିଶା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ଡ଼ାକ୍ତର ବିମଳ କୁମାର ରଥ ପ୍ରମୁଖଙ୍କ ନେତୃତ୍ୱରେ ସାହିସାହି ଓ ଘର ଘର ବୁଲି ଓଡ଼ିଆ ଭାଷାରେ ନିମନ୍ତ୍ରଣ ପତ୍ର ତଥା ନାମ ଫଳକ ଲେଖିବା ପାଇଁ ଲୋକମାନଙ୍କୁ କୁହାଯାଇଥିଲା। କିନ୍ତୁ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଏହା ବହୁ ପୂର୍ବରୁ ଅନୁଭବ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ହେବାର ବହୁ ପୂର୍ବରୁ 'ପ୍ରଜାତନ୍ତ୍ର'ର ସମ୍ପାଦକ ଥିବାବେଳେ ଅନେକ ଥର ଓଡ଼ିଆ ଭାଷା ସଂକଟ ଦେଇ ଗତିକରୁଥିବା ସମ୍ପାଦକୀୟ ପୃଷ୍ଠାରେ ଉଲ୍ଲେଖ କରିଥିଲେ। ସେ ହେଉଛନ୍ତି ସ୍ୱାଭିମାନୀ ଓଡ଼ିଆ ଏବଂ ତାଙ୍କର ପ୍ରଗାଢ ଓଡ଼ିଆ ଭାଷା ପ୍ରୀତି ଥିଲା। ଶିକ୍ଷା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଲାଗି ସେ ଥିଲେ ଅହରହ ସଂଗ୍ରାମରତ।

ଓଡ଼ିଶାର ବରପୁତ୍ର, ଜ୍ଞାନରାଜ୍ୟର ଅମ୍ଳାନ ଜ୍ୟୋତିଷ୍କ, ଭାରତର ମହାନ ସଂସ୍କୃତ ବିଦ୍ୱାନ ଓ ଜାତୀୟତାବାଦୀ ରାଷ୍ଟ୍ରନୀତିଜ୍ଞ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୫୦ରେ ରାଜ୍ୟ ଯୁବ କଂଗ୍ରେସର ସଭାପତି ହେବା ଠାରୁ ଆରମ୍ଭ କରି ଆସାମର ରାଜ୍ୟପାଳ ପଦ ପର୍ଯ୍ୟନ୍ତ ବହୁ ଘାତ ପ୍ରତିଘାତ ଦେଇ ଗତିକରି ଆସିଛନ୍ତି । ନିଜ ଦୃଢ ଇଚ୍ଛାଶକ୍ତିରେ ଅଟଳ ବିଶ୍ୱାସ ଥିବାରୁ ସେ କାହାଦ୍ୱାରା ପ୍ରଭାବିତ ହୋଇ ନାହାନ୍ତି। ଜାନକୀ ବାବୁଙ୍କ ସହ ଯେତିକି ସମୟ ମିଶିଛି, ତାହା ଏବେ ସ୍ମୃତି । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଜକିଶୋର ପାଣିଗ୍ରାହୀଙ୍କ ବହି 'ଟିକି ଟିକି ତାରାଫୁଲ'ର ଉନ୍ମୋଚନ ଉତ୍ସବରେ ତାଙ୍କ ନିକଟରେ କିଛି ସମୟ ବିତେଇବାର ସୁଯୋଗ ମିଳିଥିଲା । ଆସାମର ରାଜ୍ୟପାଳ ଭାବେ କାର୍ଯ୍ୟକାଳ ସରିବା ପୂର୍ବରୁ ଆସାମ ପରିଦର୍ଶନ ପାଇଁ ମତେ ଏକ ସୁଯୋଗ ମିଳିଥିଲେ ହେଁ ମୁଁ ଯାଇପାରିନଥିଲି । ଏବେ ସବୁ ସେଇ ସ୍ମୃତି। ସ୍ମୃତି ତ ନୁହେଁ ଫିଙ୍ଗିବାର..। ସେ ଥିଲେ କର୍ମଯୋଗୀ । କର୍ମ ଉପରେ ଥିଲା ତାଙ୍କର ଅଖଣ୍ଡ ବିଶ୍ୱାସ। କବିଙ୍କ ଭାଷାରେ: କର୍ମ ହିଁ ଜୀବନ, କର୍ମ ହିଁ ଉଦ୍ଦେଶ୍ୟ/ଜଡ଼ ତା' ଜୀବନ ମରଣ ସିନା/ଦୁର୍ଲ୍ଲଭ ମାନବ ଜନମ ବିଅର୍ଥ/ ଜୀବନ କର୍ତ୍ତବ୍ୟ ସାଧନ ବିନା।

ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା
ମୋ. ୯୨୩୭୦୮୯୫୦୯

# ବଞ୍ଚିବାର କଳା

**■ ହେମନ୍ତ କୁମାର ପରିଡ଼ା ■**

ସଂସାର ଦୁଃଖପୂର୍ଣ୍ଣ । ଜୀବନ ଜଞ୍ଜାଳରେ ଭରା । ଜନ୍ମ, ଜରା, ମୃତ୍ୟୁ ସର୍ବତ୍ର ଦୁଃଖ ହିଁ ଦୁଃଖ । ମାତୃଗର୍ଭର ଯନ୍ତ୍ରଣା ଅକଥନୀୟ ।ଜରା ଦୁଃଖ ଠାରୁ ଦୁଃଖ ନାହିଁ । ମୃତ୍ୟୁ ଯନ୍ତ୍ରଣା ଆହୁରି ଭୟଙ୍କର । ଅଳ୍ପେ ବହୁତେ ଏହି ଅନୁଭବ ପ୍ରାୟ ସମସ୍ତଙ୍କର ଅଛି। ଆମର ପୁରାଣ ଶାସ୍ତ୍ର ତଥା ଅନୁଭବୀ ସାଧୁସନ୍ଥମାନେ ଏହା ପ୍ରକାଶ କରିଛନ୍ତି । ଜୀବ ଆସିଛି ଦିନେ ସବୁ ଛାଡ଼ି ସ୍ୱଧାମକୁ ଫେରିଯିବ। ତଥାପି ଏହି ନିତ୍ୟ ପରିବର୍ତ୍ତନଶୀଳ ନାମରୂପାତ୍ମକ ସଂସାରର ମୋହରେ ସମସ୍ତେ ମୋହିତ। ସଂସାର ଆମକୁ ପ୍ରଲୋଭିତ କରୁଛି । ସୁଖର ଆଗାର ବୋଲି ପ୍ରତ୍ୟୟ ହେଉଛି । ବାସ୍ତବରେ ଏହା ଦୁଃଖର ଅପାର ପାରାବାର। ଆମ ସମସ୍ତଙ୍କର ସକଳ ପ୍ରଚେଷ୍ଟାର ଲକ୍ଷ୍ୟ ହେଉଛି ଦୁଃଖ ସାଗରରୁ ନିବୃତ୍ତ ହୋଇ ସୁଖ ଶାନ୍ତି ଆନନ୍ଦରେ ନିବାସ କରିବା । ସୁଖ ବାଞ୍ଛିତ ସର୍ବହି ତତଃ ଧର୍ମ ସମୁ– ବ । ଏହି ସୁଖ ଶାନ୍ତି ଆନନ୍ଦ କେଉଁଠି ବଜାରରେ କିଣାବିକା ହୁଏ ନାହିଁ । ଦୁଃଖ ହେଉ ଅଥବା ସୁଖ ଏହା ସବୁ ଆମ କର୍ମର ଅର୍ଜନ ମାତ୍ର ।

ଦୁଃଖ, ସୁଖ ଶାନ୍ତି ଆନନ୍ଦ ହେଉଛି ଆମ ମନର ଏକ ଏକ ଅବସ୍ଥା। ଶରୀର ମାଧ୍ୟମରେ ଏହା ଅନୁଭୂତ ହୁଏ। ଜୀବନ ଧାରଣ କରିଥିବା ପ୍ରତ୍ୟେକଙ୍କ ଜୀବନ କାଳ ଏହି ଅନୁଭବର ଅନୁଭୂତିରେ ଋଦ୍ଧିମନ୍ତ । ଜୀବନର ଗତି କେବଳ ସୁଖ, ଶାନ୍ତି ଆନନ୍ଦଭରା ଗୋଲାପର ଶଯ୍ୟା ନୁହେଁ। ଭଗବାନ ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ ହେଲେ ମଧ୍ୟ ସୁଖଦୁଃଖର ଅନୁଭବ ନେଇ ତାଙ୍କୁ ଜୀବନ ନିର୍ବାହ କରିବାକୁ ହୋଇଥାଏ। ସେ ଭଗବାନ ଶ୍ରୀରାମଚନ୍ଦ୍ର ହୁଅନ୍ତୁ ଅଥବା ଭଗବାନଙ୍କର ପୂର୍ଣ୍ଣାବତାର ଶ୍ରୀ କୃଷ୍ଣଚନ୍ଦ୍ର ହୁଅନ୍ତୁ, ଏମାନେ ର୍ମ୍ୟରେ ମାନବୀୟ ଶରୀର ପରିଗ୍ରହ କରି ମାନବୋଚିଛି ସୁଖଦୁଃଖ ଭୋଗ କରିଛନ୍ତି । ଜନ୍ମ, ମୃତ୍ୟୁ ଚକ୍ର ଚାଲିଥିବା ଯାଏ ଦୁଃଖ ରହିବ ହିଁ ରହିବ ।

ରାମ ଥିଲେ ଅଯୋଧ୍ୟାର ରାଜକୁମାର । ରାତି ପାହିଲେ ରାଜା ହୋଇଥାଆନ୍ତେ । କିନ୍ତୁ ପିତୃସତ୍ୟ ରକ୍ଷା ଅର୍ଥେ ଆଦେଶ ମିଳିଲା ୧୪ ବର୍ଷ ବନବାସ । କଷାୟ ବସ୍ତ୍ର ପରିଧାନ କରି ସୁକୁମାରୀ ପତ୍ନୀ ସୀତା ଓ ପ୍ରିୟ ଭାଇ ଲକ୍ଷ୍ମଣ ସହିତ ଯତି ବେଶରେ ବନଗମନ କଲେ । ଅଯୋଧ୍ୟାର ରାଜା ହେବାକୁ ଥିବା ଜନପ୍ରିୟ ରାଜକୁମାର ଶ୍ରୀରାମ । ଯାହାଙ୍କ ଶିରରେ ରାଜଛତ୍ର ଶୋଭା ପାଇବା କଥା ସେ ଆଜି ଅଯୋଧ୍ୟାର ରାଜରାସ୍ତାରେ ତପସ୍ୱୀ ବେଶ ଧାରଣ କରି ରିକ୍ତ ପଦରେ ବନଗମନ କରୁଛନ୍ତି । ସାଧାରଣ ମଣିଷର ମନ ନେଇ ଶ୍ରୀରାମଙ୍କର ଅବସ୍ଥାକୁ ଅନୁମାନ କଲେ ଜଣେ ସେ ମାନସିକ ସଂଘାତକୁ ବୁଝିପାରିବ । ସାଧାରଣ ଜୀବନରେ ଏହା ତାଳଗଛରୁ ଖସି ପଡ଼ିବା ଭଳି ଅବସ୍ଥା। ଖାଲି ଏତିକି ନୁହେଁ, ତାଙ୍କ ଜୀବନ ଦେଇ ବହିଯାଇଥିବା ଯେତେସବୁ ଜଞ୍ଜାଳର ଝଞ୍ଜାକୁ ଦୃଢ଼ତାର ସହ ସହିନେଇ ସେ ସଂସାରକୁ ମର୍ଯ୍ୟାଦାର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ଅନନ୍ୟ। ମାନବୀୟ ବୋଧଗମ୍ୟର ବାହାରେ ଈଶ୍ୱରୀୟ ଚେତନାର ପରମ ପରାକାଷ୍ଠା ଶ୍ରୀରାମଙ୍କ ଭିନ୍ନ ଅନ୍ୟତ୍ର ଏହା ସମ୍ଭବ ନୁହେଁ । ଜୀବନରେ ପୀଡ଼ାର ପାହାଡ଼କୁ ଧୈର୍ଯ୍ୟର ସହିତ ସହି ସେ ମାନବ ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି । ସେଥିପାଇଁ ସମାଜ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କହି ସମ୍ମାନ କରୁଛି ।

ଭଗବାନ ଶ୍ରୀକୃଷ୍ଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖର ପାହାଡ଼ ପରେ ପାହାଡ଼ ଅତିକ୍ରମ କରି କରି ଚାଲିଛନ୍ତି । ଯେତେ ଦୁଃଖ ତାଙ୍କ ଜୀବନରେ ଲେଖା ଯାଇଛି, ସାଧାରଣ ଜୀବନରେ ତାହା ଅସହ୍ୟ। ତଥାପି ସକଳ ପ୍ରତିକୂଳ ଅବସ୍ଥାରେ ମ ତାଙ୍କ ରଙ୍ଗ ଅଧରରୁ ହସ ଲିଭି ନାହିଁ। ଦୁଃଖ ପିଇ ସୁଖ ବାଣ୍ଟିବାର ଯେଉଁ ମାଧୁର୍ଯ୍ୟମୟ କଳା ସେ ତାଙ୍କ ଜୀବନରେ ପ୍ରଦର୍ଶନ କରିଛନ୍ତି ତା'ର ତୁଳନା ନାହିଁ । ଅଜସ୍ର ଦୁଃଖ ଭିତରେ ସେ ଅଫୁରନ୍ତ ସୁଖଶାନ୍ତି ଆନନ୍ଦର ଏକ ଅନନ୍ତ ପ୍ରବାହ। ଲୋକେ ତାଙ୍କୁ ଆନନ୍ଦ ମୂର୍ତ୍ତି କହି ଅର୍ଚ୍ଚନା କରୁଛନ୍ତି । ତାଙ୍କର ଜନ୍ମକର୍ମ ସବୁ ମଧୁର। ଏପରିକି ତାଙ୍କ ଦାନ୍ତି ମୁଗ୍ଧ ମଧୁର ବୋଲି ବର୍ଣ୍ଣିତ ହୋଇଛି । ତାଙ୍କର ଚାଲିଚଳଣ, ଆଚରଣ, ଉଚ୍ଚାରଣ, ଦୃଷ୍ଟିକୋଣ ସବୁଥିରେ ଅମୃତ ଆନନ୍ଦର ପ୍ଲାବନ ପରିଲକ୍ଷିତ ହୁଏ । ବିଶ୍ୱ ସୃଷ୍ଟିରେ ତାଙ୍କୁ ଶ୍ରେଷ୍ଠ ବ୍ୟକ୍ତି ଭାବରେ ପୁରୁଷୋତ୍ତମ ରୂପେ ବିବେଚନା କରାଯାଇଛି । ନିଜ ଇଚ୍ଛାରେ ବିସ୍ତାର କରାଇଥିବା ବିଶାଳ ଯାଦବ ବଂଶକୁ ଆପଣା ଦେହାତରେ ଧ୍ୱଂସ କରି ଶେଷରେ ଜରା ଶବରର ଶରାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କଲେ । ମନରେ ଶୋଚନା ନାହିଁ କିମ୍ବା ଅନୁଶୋଚନା ମୁଗ୍ଧ ନାହିଁ। ଶେଷମୁହୂର୍ତ୍ତରେ ମୁଗ୍ଧ ସେ ତାଙ୍କ ପ୍ରିୟ ସଂସାରରୁ ପ୍ରଶାନ୍ତ ମୁଖମଣ୍ଡଳର ଶାନ୍ତ ମଧୁର ଶେଷ ହସରେ ବିଦାୟ ନେଲେ। ଜୀବନର ସମସ୍ତ ଜଞ୍ଜାଳକୁ ଆଞ୍ଜୁଳା ଆଞ୍ଜୁଳା କରି ପିଇ ଯାଇ ସୃଷ୍ଟିକୁ ସୁନ୍ଦର ମଧୁର ପ୍ରେମାନନ୍ଦ ଲାଭର ପ୍ରଶିକ୍ଷଣ ଦେଇ ସେ ସାରା ବିଶ୍ୱବାସୀଙ୍କୁ ବଞ୍ଚିବାର କଳା ଶିଖାଇ ଦେଇଗଲେ । ତେଣୁ ତାଙ୍କର ସାମଗ୍ରିକ ଜୀବନଚର୍ଯ୍ୟାକୁ ଆକଳନ କରି ସମାଜ ତାଙ୍କୁ ଲୀଳା ପୁରୁଷୋତ୍ତମ କହି ବନ୍ଦନା କରୁଛି ।

ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଥିବା ଅନେକ ମହାମାନବ ଆପଣା ଆଦର୍ଶ ଜୀବନଚର୍ଯ୍ୟା ଦ୍ୱାରା ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି। ବେଦ ଭଗବାନ ହୁଅନ୍ତୁ ଅଥବା ଉପନିଷଦ, ପୁରାଣ ଆଦି ଶାସ୍ତ୍ରମାନେ ହୁଅନ୍ତୁ, ସବୁଥିରେ ମାନବ ସମାଜ ପାଇଁ ବଞ୍ଚିବାର କଳା ଶିକ୍ଷା ଭରି ରହିଛି । ଭଗବାନ ସ୍ୱୟଂ ତାଙ୍କ ଶ୍ରୀମୁଖ ନିସୃତ ଗୀତା ଗ୍ରନ୍ଥରେ ଅତି ସ୍ପଷ୍ଟ ଭାବେ ମଣିଷକୁ ବଞ୍ଚିାର କଳା ଶିକ୍ଷା ଦେଇଛନ୍ତି । ଗୀତାର ତେର ଅଧ୍ୟାୟର ପ୍ରକୃତିର ସ୍ୱରୂପ ବର୍ଣ୍ଣନା କରି ଅତିସୁନ୍ଦର ଭାବେ ଭଗବାନ ସେଥିରୁ ନିବୃତ୍ତ ହେବାର ଜ୍ଞାନ ପ୍ରଦାନ କରିଛନ୍ତି। ଅମାନିତ୍ୱ, ଅଦାମ୍ଭିକତା, ଅହିଂସା, କ୍ଷମା, ସରଳତା, ନିଷ୍ଠାର ସହିତ ଗୁରୁସେବା, ବାହ୍ୟ ଅଭ୍ୟନ୍ତର ଉଭୟ ଶୁଦ୍ଧି, ସ୍ଥିରତା, ସୌର୍ଯ୍ୟ ବା ସହିଷ୍ଣୁତା, ମନନିଗ୍ରହ, ଇନ୍ଦ୍ରିୟମାନଙ୍କ ବିଷୟରୁ ବୈରାଗ୍ୟ, ଅହଂକାରରହିତ ହେବା, ଜନ୍ମମୃତ୍ୟୁ, ଜରା ବ୍ୟାଧିରେ କବଳିତ ଶରୀର ପ୍ରତି ବାରମ୍ବାର ଦୋଷଦର୍ଶନ କରିବା, ଆସକ୍ତି ରହିତ ହେବା, ପୁତ୍ରଦାରା, ଗୃହ ଆଦିଠାରୁ ଅନାସକ୍ତ ରହିବା, ଅନୁକୂଳତା ଓ ପ୍ରତିକୂଳତା ପ୍ରାପ୍ତିରେ ଚିତ୍ତ ସମ ବା ସ୍ଥିର ରହିବା, ଈଶ୍ୱରଙ୍କ ପ୍ରତି ଅନନ୍ୟ ଯୋଗ ଦ୍ୱାରା ଅବ୍ୟଭିଚାରିଣୀ ଭକ୍ତି ରଖିବା, ଏକାନ୍ତ ବାସ, ଜନସମ୍ପର୍କରେ ପ୍ରୀତି ରହିତ ଭାବ, ଆଧ୍ୟାତ୍ମ ଜ୍ଞାନରେ ନିତ୍ୟଯୁକ୍ତ ରହିବା, ତତ୍ତ୍ୱଜ୍ଞାନର ଅର୍ଥସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା ଆଦି ଏହି କୋଡ଼ିଏଟି ହେଉଛି ଜ୍ଞାନ ପ୍ରାପ୍ତିର ସାଧନ। ଏହି ଦିବ୍ୟଗୁଣଗୁଡ଼ିକୁ ଜଣେ ଜୀବନରେ ଧାରଣ କଲେ ସେ ଜୀବନରେ ବଞ୍ଚିବାର କଳା ଶିଖିଯିବ। ସେ ସ୍ଥିତଧି ହୋଇଯିବ। ତା'ର ଦିବ୍ୟ ସ୍ଥିତି ଲାଭ ହେବ। ଯାହାଦ୍ୱାରା ତାକୁ ଆଉ ଦୁଃଖ, ଶୋକ, ତାପ ପ୍ରଭାବିତ କରିପାରିବ ନାହିଁ । ସର୍ବତ୍ର ସର୍ବକାଳରେ ଆନନ୍ଦ ହିଁ ଆନନ୍ଦ ଉପଲବ୍ଧ ହେବ ।

ସନାତନ ଧର୍ମରେ ଭାରତୀୟ ସଂସ୍କୃତିର ମୂଳ ଲକ୍ଷ୍ୟ ହେଉଛି କିଭଳି ପ୍ରତ୍ୟେକ ବ୍ୟକ୍ତି ପ୍ରସାଦ ପ୍ରାପ୍ତ ହୋଇ ଆନନ୍ଦମୟ ଜୀବନଯାପନ କରିବେ। ସତ୍ୟଦ୍ରଷ୍ଟା ମୁନିଋଷି ମାନେ ତାଙ୍କ ଦିବ୍ୟଦୃଷ୍ଟି ବଳରେ ବହୁ ଅନୁସନ୍ଧାନରୁ ଅନୁଭବ କଲେ ବ୍ୟକ୍ତି ବଦଳିଲେ ସମାଜ ବଦଳିବ। ଏକ ସୁସ୍ଥ ସୁନ୍ଦର ସ୍ୱାବଲମ୍ବୀ ସମାଜ କେବଳ ଶାନ୍ତ ସୁନ୍ଦର ବିଶ୍ୱ ନିର୍ମାଣରେ ସହାୟକ ହୋଇପାରିବ। ସେମାନେ ମାନବର ଜୀବନ କାଳକୁ ହାରାହାରି ଶହେବର୍ଷ ଆକଳନ କରି ତାକୁ ଚାରିଗୋଟି ଆଶ୍ରମରେ ବିଭାଜନ କରିଛନ୍ତି । ସେସବୁ ହେଲେ ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ଥ୍ୟାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ନ୍ୟାସ ଆଶ୍ରମ । ଏକ ପରିପୂର୍ଣ୍ଣ ଜୀବନର ପରିଭାଷା ଏହି ଆଶ୍ରମ ସବୁରେ ଲିପିବଦ୍ଧ ହୋଇଛି। ବ୍ରହ୍ମଚର୍ଯ୍ୟାଶ୍ରମ ହେଉଛି ବିଦ୍ୟାର୍ଥୀ ଜୀବନ। ଏହା ପ୍ରସ୍ତୁତି ପର୍ବ । ଗାର୍ହସ୍ଥ୍ୟ ଜୀବନ ହେଉଛି ପ୍ରୟୋଗ ପର୍ବ। ବାନପ୍ରସ୍ଥାଶ୍ରମ ହେଉଛି ପର୍ଯ୍ୟବେକ୍ଷଣ ପର୍ବ ଏବଂ ସନ୍ନ୍ୟାସାଶ୍ରମ ହେଉଛି ସତ୍ୟର ଅନୁଭବ ବା ଆତ୍ମ ଉପଲବ୍ଧି ପର୍ବ । ଧୀରେ ଧୀରେ ବୃକ୍ଷ ପରିବର୍ଦ୍ଧିତ ହୋଇ ପରିଶୋଭବାନ ହେବା ସହ ଜଗତ ହିତରେ ସମର୍ପିତ ହେଲାପରି ଆମ ଜୀବନ କଳାତ୍ମକ ହୋଇ ସଂସାରର ଶୋଭା ବର୍ଦ୍ଧନ ସହିତ ହିତ ସାଧନରେ ରତ ରହିଲେ ସରଳ ଓ ସାର୍ଥକ ହୋଇପାରିବ ।

ପ୍ଲଟ–ନଂ–୫୨୬ ଡି,
ସେକ୍ଟର–୧୦, ସିଡ଼ିଏ, କଟକ
ମୋ– ୮୭୬୩୧୦୭୧୨୬

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୭ ଜାନୁଆରୀ ୨୦୨୬ । ବୁଧବାର


## ବିଭିନ୍ନ ସ୍ଥାନରେ ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

**ମାଲକାନାଗିରି,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଜଳସଂପଦ ବିଭାଗ ଆନୁକୂଲ୍ୟରେ ଜାନୁଆରୀ ୬ରୁ ପାଣି ପଞ୍ଚାୟତ ପକ୍ଷ-ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପାଣି ପଞ୍ଚାୟତ ପକ୍ଷର ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ଜିଲ୍ଲା, କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ପଡିଆ ବ୍ଲକ ଉଣ୍ଡରୁ କୋଣ୍ଡା ସେଚ୍ଚା ଞ୍ଚଳଅଧିନସ୍ଥ ଉଣ୍ଡରୁ କୋଣ୍ଡା ଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଷୁଦ୍ର ଜଳ ସେଚନ ମଣ୍ଡଳ (୨)ଜୟପୁର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ରମାକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଣ୍ଡରୁ କୋଣ୍ଡା ପଞ୍ଚାୟତ ସରପଞ୍ଚ କାନନ ବଜେ, ସମିତିସଭ୍ୟା ଗାୟତ୍ରୀ ମାଡକାମୀ, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ଦୟାନିଧି ରାଉତ, ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଶ୍ରୀଦାର୍ଥ କର, ବ୍ଲକ କୃଷି ଅଧିକାରୀ ସଞ୍ଜୟ କୁମାର ସୋରେନ ଓ ପଡିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷ ପରମାନନ୍ଦ ମହାପାତ୍ର ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ମଞ୍ଚାସିନ ଅତିଥିମାନେ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ଫଟୋଚ୍ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଅତିଥିମାନେ ନିଜ ନିଜ ଅଭିଭାଷଣରେ ଚ୍ଚାଷୀ ଓ ଚ୍ଚାଷର ଉନ୍ନତି ପାଇଁ ପାଣିପଞ୍ଚାୟତର ଭୂମିକା ଓ ଅଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତା ଗୁଡିକର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟ ଗୁଡିକର କୁନି ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ କ୍ଷୁଦ୍ର ଜଳ ସେଚ୍ଚନ ବିଭାଗ କାଳିମେଳା ଉପଖଣ୍ଡ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ବେହେରା ପରିଚ୍ଚାଳନା କରିଥିଲେ । ଅନୁଷ୍ଠିତ ସଭାରେ କ୍ଷୁଦ୍ର ଜଳ ସେଚ୍ଚନ ବିଭାଜନ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଏସଟିମେଟର ଇଂ ବଳଭଦ୍ର ଗାଞ୍ଜୁ, ମାଥିଲି କନିଷ୍ଠ ଯନ୍ତ୍ରୀ ପାରସ କୁମାର ବେହେରା, ମାଲକାନଗିରି କନିଷ୍ଠଯନ୍ତ୍ରୀ କାର୍ତ୍ତିକ ହେମ୍ବ୍ରାମ, ଏସଡିଓ ମାଲକାନଗିରି ସୁଭାଷ ଚ୍ଚନ୍ଦ୍ର ଟୁଡୁ, ଏସଡିଓ ମାଥିଲି ପ୍ରଦୀପ୍ତ କୁମାର ନିଶିକା ପଡିଆ କନିଷ୍ଠ ଯନ୍ତ୍ରୀ ବିଭୂପ୍ରସାଦ ସାହୁ, ମୁରଲୀ ମୋହନ ବେହେରା, ରାଜେଶ୍ୱର ପାଣିଗ୍ରାହୀ, ଭାରତୀ ଦେବି, ଗଙ୍ଗାରାମ ପାଣି ପଞ୍ଚାୟତର ସଭାପତି ସନ୍ତୋଷ କର୍ତ୍ତାମୀ, ସମ୍ପାଦକ, କୋଷାଧକ୍ଷ, ସମସ୍ତ ସଦସ୍ୟ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ବହୁ ସଂଖ୍ୟାରେ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜଳବାୟୁ ପରିବର୍ତ୍ତନର ପ୍ରତିକାର, ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡିଆ, ଗ୍ରୀନ ଏନର୍ଜି ହାଇସ୍କୁଲ ପଡିଆ, ବର୍ଷା ଜଳ ସଂରକ୍ଷଣ ମାଟେରୁ ଏସଏସଡି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଣ୍ଡରୁକୋଣ୍ଡା ଗ୍ରାମର ସ୍ୱପନା ମାରି ଓ ରୀନା ମାରି ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

**ଫୁଲବାଣୀ:** ସାରା ଓଡ଼ିଶାରେ ଚ୍ଚଳିତ ବର୍ଷ ୬ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି ଏବଂ ଅନୁରୂପ ଭାବେ କନ୍ଧମାଳ ଜିଲ୍ଲା 'ପାଣି ପଞ୍ଚାୟତ ସମାବେଶ' ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚ୍ଚନ ବିଭାଜନ ଫୁଲବାଣୀଙ୍କ ଦ୍ୱାରା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ 'କାଣୀପେନୁ' କ୍ଷୁଦ୍ର ଜଳସେଚ୍ଚନ ପ୍ରକଳ୍ପ ରତଙ୍ଗ ଠାରେ ୬ ତାରିଖ ମଙ୍ଗଳବାର ଦିବା ୧୦ ଘଟିକା



ସମୟରେ ମହାଆଡମ୍ବର ସହକାରେ ପାଳନ କରାଯାଇଛି । ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟନାରାୟଣ ପାଣିଗ୍ରାହୀ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କ୍ଷୁଦ୍ର ଜଳସେଚ୍ଚନ ପ୍ରକଳ୍ପ ଫୁଲବାଣୀ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ପରିଚ୍ଚାଳନା କରିଥିବା ବେଳେ ଗୁଣନିଧି ପରିଡା ନିର୍ବାହୀ ଯନ୍ତ୍ରୀ, ଦୁର୍ଯ୍ୟୋଧନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ବାଲିଗୁଡା, ଅମୃତ ବେହେରା ହିସାବ ରକ୍ଷକ ବାଲିଗୁଡା ପ୍ରମୁଖ ଯୋଗଦାନ କରିଥିଲେ । ବିଭିର୍ଣ୍ଣ ଭାଗୀୟ ବିଷୟରେ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଥାବା ଚ୍ଚାଷୀ, କୃଷକ, ପାଣିପାଞ୍ଚାୟତ ସମସ୍ତ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ବିଭାଜନସ୍ତରୀୟ ଭବ୍ୟ ପାଣିପାଞ୍ଚାୟତ ପକ୍ଷ ପାଳନ ଅବବସରରେ ବରେଣ୍ୟ ମୁଖ୍ୟଅତିଥି ଭାବେ ଲୋକ ସଭା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ବିଧାୟକ ଉମାଚ୍ଚରଣ ମଲିକ ନିଜର ବ୍ୟକ୍ତିଗତ କାର୍ଯ୍ୟବ୍ୟସ୍ତ ଥିବା ଯୋଗୁଁ ଆଜିର କାର୍ଯ୍ୟକ୍ରମରେ ଯୋଗଦାନ କରିପାରିନଥିଲେ । ସଭାକାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅତି ସୁନ୍ଦର ଭାବେ ଗୋଲକ ବିହାରୀ ସାହାଣୀ ଉପ ବିଭାଗ ଅଧିକାରୀ ମଞ୍ଚ ପରିଚ୍ଚାଳନା କରିଥିଲେ ।

**କୋରେଇ:** ଯାଜପୁର ରୋଡ ଦଳା ସ୍ଥିଥ ଉଠା ଜଳ ସେଚ୍ଚନ ବିଭାଗ ପରିସରରେ ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଅଛି । ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ଅଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି



ସଭାରେ ମୁଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗଦେଇ ସରକାରଙ୍କ ତରଫରୁ କୃଷକମାନଙ୍କ ପାଇଁ ଅନୁମୋଦିତ ହୋଇଥିବା ବିଭିନ୍ନ ଯୋଜନା ଗୁଡିକ ଦ୍ୱାରା କୃଷକମାନେ କିଭଳି ଲାଭବାନ ହୋଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ । ସନ୍ମାନିତ ଅତିଥି ଭାବେ କୋରେଇ କୃଷି ଅଧିକାରୀ ନିରଞ୍ଜନ ସାହୁ, ଉଦ୍ୟାନ ଅଧିକାରୀ ଅମ୍ଳାନ ଜୋତିଶଙ୍କର, ସହକାରୀ ଯନ୍ତ୍ରୀ ଇଂ ଯୁଧିଷ୍ଠିର ମହାଲିକ, ଧର୍ମଶାଳା ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶେଷଦେବ ମହାଲିକ ପ୍ରମୁଖ ଯୋଗ ଦେଇ କୃଷକଙ୍କୁ ତାଙ୍କ କୃଷି ପ୍ରଣାଳୀ ଓ ଉପକାରିତା ଉପରେ ପରାମର୍ଶ ଦେଇଥିଲେ । ବିଭାଗ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଡିଭିଜନର କର୍ମଚ୍ଚାରୀ ନଳିନୀ କୁମାର ସାହୁ, ସରୋଜ କୁମାର ମହାନ୍ତି, ଅଭିମନ୍ୟୁ ପଣ୍ଡା, ବିଷ୍ଣୁତାରା ଥାଟୋଇ, ଲୋକନାଥ ରାୟ, ପ୍ରତାପ ପରିଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ଆତଙ୍କ

# ୩୦ ଛାତ୍ରଛାତ୍ରୀଙ୍କ ନମୁନା ପଜିଟିଭ

**ଖୋର୍ଦ୍ଧା,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗଠାରେ ଥିବା ଜବାହାର ନବୋଦୟ ବିଦ୍ୟାଳୟ (ଜେଏନଭି)ରେ ଜଣ୍ଡିସ୍ ବ୍ୟାପିବାରେ ଲାଗିଛି । ୩୦ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ପଜିଟିଭ୍ ଆସିଛି ।




ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚ୍ଚିକିତ୍ସା ପରେ ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷ ଘରକୁ ପଠାଇ ଦେଇଛନ୍ତି । ଜ୍ୱରରେ ପୀଡିତ ଅନ୍ୟ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରାଯାଇଛି । ସେମାନଙ୍କୁ ମଧ୍ୟ ଘରକୁ ପଠାଇ ଦିଆଯାଇଛି । ସ୍କୁଲରେ ୫୬୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ପ୍ରଭାବିତ ଛାତ୍ରଛାତ୍ରୀମାନେ ଷଷ୍ଠ ଏବଂ ଦ୍ୱାଦଶ ଶ୍ରେଣୀର ବୋଲି ଜଣାପଡିଛି । ଏହା ପଛରେ ଜଳ ପ୍ରଦୂଷଣ ଦାୟୀ ଥିବା ସନ୍ଦେହ କରାଯାଉଛି ।

ସଂକ୍ରମଣ ବିଷୟରେ ଅବଗତ ହେବା ପରେ, ଜେଏନଭି କର୍ତ୍ତୃପକ୍ଷ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଜରୁରୀ ପଦକ୍ଷେପ ନେଇଥିଲେ । ତଥାପି, କ୍ୟାମ୍ପସରେ ସଂକ୍ରମଣ ଧୀରେ ଧୀରେ ବୃଦ୍ଧି ପାଇଲା, ଯାହା ଅଭିଭାବକମାନଙ୍କ ଚ୍ଚିନ୍ତାକୁ ଆହୁରି ଘନିଭୂତ କଲା ।

ରବିବାର ଦିନ ଏକ ଡାକ୍ତରୀ ଦଳ ସ୍କୁଲ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିକ୍ୟାମ୍ପସରେ ଥିବା ଅନ୍ୟ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

ଏହା ସହିତ ସୋମବାର ଓ୍ୱାଟକୋ ଟିମ୍ ଏବଂ ସ୍ୱାସ୍ଥ୍ୟ ବିଭାଗ ବିଦ୍ୟାଳୟରେ ପହଞ୍ଚିଛନ୍ତି । ସେମାନଙ୍କ ସହିତ ଖାଦ୍ୟ ସୁରକ୍ଷା ଅଧିକାରୀ ମଧ୍ୟ ପହଞ୍ଚିଛନ୍ତି । ସେମାନେ ଖାଦ୍ୟ ନମୁନା ସଂଗ୍ରହ କରିଛନ୍ତି ।

ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସଚେତନତା ଶିବିର ଆୟୋଜନ କରାଯାଉଛି ବୋଲି ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି । ଗତବର୍ଷ ଗ୍ରୀଷ୍ମ ଏବଂ ଶୀତ ଅବକାସରେ ସ୍କୁଲ ଟାଙ୍କିଗୁଡ଼ିକୁ ସଫା କରାଯାଇଥିଲା । ସଂକ୍ରମଣ ରୋକିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚ୍ଚନା ପ୍ରଦାନ କରିଛନ୍ତି ।

ଉପାଧ୍ୟକ୍ଷ ଏନସି ଚ୍ଚକ୍ରଙ୍କ ଅନୁଯାୟୀ, ପ୍ରାୟ ଏକ ସପ୍ତାହ ପୂର୍ବରୁ କିଛି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ଅଭିଯୋଗ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । କିଛି ଛାତ୍ରଛାତ୍ରୀଙ୍କଠାରେ ଥଣ୍ଡା, ଜ୍ୱର ଏବଂ ଜଣ୍ଡିସ୍ ଭଳି ଲକ୍ଷଣ ଦେଖିବାକୁ ମିଳିଥିଲା । ପ୍ରାରମ୍ଭିକ ଚ୍ଚିକିତ୍ସା ପରେ, ସେମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ, ଅନ୍ୟ ଛାତ୍ରଛାତ୍ରୀଙ୍କଠାରେ ଏଭଳି ଲକ୍ଷଣ ଦେଖାଯାଇଥିଲା ।

## ୬ ଲକ୍ଷ ଠକେଇ ମାମଲା: ରାଜସ୍ଥାନରୁ ଅଭିଯୁକ୍ତ ଗିରଫ

**ଅନୁଗୁଳ,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡିଜିଟାଲ ଆରେଷ୍ଟର ଧମକ ଦେଇ ଅନୁଗୁଳର ଜଣଙ୍କଠାରୁ ୬ ଲକ୍ଷରୁ ଅଧିକ ଟଙ୍କା ଠକେଇ ମାମଲାରେ ପୋଲିସ ରାଜସ୍ଥାନରୁ ଅଭିଯୁକ୍ତକୁ ବାନ୍ଧିଛି । ଗିରଫ ଯୁବକ ହେଲା ରାଜସ୍ଥାନର ଝୁନଝୁନର ବଣ୍ଟି ଓରଫ ଅଖୂତ କୁମାର । ତାଠାରୁ ଏକ ଆଇଫୋନ୍ ସହ ଅନ୍ୟ ଡକ୍ୟୁମେଣ୍ଟ ଜବତ କରାଯାଇଛି । ସୂଚ୍ଚନା ଅନୁଯାୟୀ, ଅନୁଗୁଳ ଜିଲ୍ଲା ବନ୍ତଳା ଜରାଓରପୁର୍ ଗାଁର ଗୌରହରି ପ୍ରଧାନଙ୍କୁ ଏକ ଫୋନ୍ ଆସିଲା । ଠକ ଜଣକ ନିଜକୁ ପୋଲିସ ଅଧୂକାରୀ ପରିଚ୍ଚୟ ଦେଇଥିଲା । ସେ ଗୌରଙ୍କ ଆଧାରରେ ଥିବା ତଥ୍ୟ କହି ବେଜିଂକୁ ବେଆଇନ ଦ୍ରବ୍ୟ ପାର୍ସଲ୍ କରୁଥିବା ଧମକ ଦେଇ ଭିଡିଓ କଲ କରିଥିଲେ । ଭିଡିଓରେ ସେ ପୋଲିସ ପୋଷାକରେ ଥିଲେ । ଏଥିସହ ଟଙ୍କା ଦେଲେ ସବୁ ସମାଧାନ ହେଇଯିବ ବୋଲି କହିଥିଲେ । ଗୌର ଡରିଯାଇ ଡିସେମ୍ବର ୨୬, ୨୦୨୪ରୁ ୯ ଜାନୁଆରୀ ୨୦୨୫ ମଧ୍ୟରେ ୬,୧୨,୧୯୦ ଟଙ୍କା ପଠାଇଥିଲେ । ସେ ଠକାମୀରେ ପଡ଼ିଥିବା ଜାଣିବା ପରେ ୧୭.୧୦.୨୦୨୫ରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏସପିଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରି ରାଜସ୍ଥାନରୁ ବଣ୍ଟିକୁ ବାନ୍ଧିଛି । ଇନ୍ସପେକ୍ଟର ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଏହି ଟିମ୍ ତଦନ୍ତ କରୁଥିବା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚ୍ଚନା ଦେଇଛନ୍ତି ଅନୁଗୁଳ ଏସପି ରାହୁଲ ଜୈନ ।

## ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା

**ମାହାଙ୍ଗା,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଞ୍ଚାୟତସ୍ଥିତ ମଉଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଇଧର ମଲିକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ସନ୍ତୋଷ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଧ୍ରୁବ ଚ୍ଚନ୍ଦ୍ର ଦାସ ଯୋଗଦେଇ କ୍ରୀଡାବିତମାନେ ଉତ୍ତମ ଖେଳ ପ୍ରଦର୍ଶନ କଲେ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ ବୋଲି କହିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । କ୍ରୀଡ଼ାବିତ ରମେଶ ଚ୍ଚନ୍ଦ୍ର ସାହୁ ଖେଳ ପରିଚ୍ଚାଳନା କରିଥିଲେ । ବରିଷ୍ଠ ବିଭାଗରେ ସାଇ ପ୍ରକାଶ ସାହୁ ଓ ବର୍ଷା ସୋନି ଦାସ ଚ୍ଚାମ୍ପିୟନ ହୋଇଥିବା ବେଳେ ଜୁନିଅର ବିଭାଗରେ ସିଦ୍ଧେଶ୍ୱର ଲେଙ୍କା ଓ ଦିପ୍ତିମୟୀ ଲେଙ୍କା ଚ୍ଚାମ୍ପିୟନ ହୋଇଥିଲେ । ଶିକ୍ଷକ ପଦ୍ମଲୋଚ୍ଚନ ସାହୁ ଅତିଥି ପରିଚ୍ଚୟ ପ୍ରଦାନ କରିଥିବା ବେଳେ କଲ୍ୟାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କିସା କୁମାରୀ ରାଉତ, ଗୀତାଞ୍ଜଳି ବାଦୀ, ଜ୍ୟୋସ୍ନାମୟୀ ବରାଳ, ବନିତା ଦାସ, ଚ୍ଚିନ୍ମୟୀ ବେହେରା ଓ ବିଦ୍ୟାଳୟ ପରିଚ୍ଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

## ଶେଷ ହେଲା ଜିଲ୍ଲା ମହୋତ୍ସବ 'ଦୁଲଦୁଲି'

**ଝାରସୁଗୁଡ଼ା,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୧ ତାରିଖରୁ ସ୍ଥାନୀୟ ବିଟିଏମ୍ ପଡ଼ିଆରେ ଚ୍ଚାଲିଥିବା ଜିଲ୍ଲା ମହୋତ୍ସବ 'ଦୁଲଦୁଲି' ଉଦ୍‌ଯାପିତ ହୋଇଯାଇଛି । ଏଥିସହିତ ଆୟୋଜିତ ସ୍ୱଦେଶୀ ଓ ପଲ୍ଲୀଶ୍ରୀ ମେଳା ଏକ ଭବ୍ୟ ଉଦ୍‌ଯାପନୀ ସମାରୋହ ସହ ସମାପ୍ତ ହୋଇଯାଇଛି । ଜିଲ୍ଲାର କଳା, ସଂସ୍କୃତି ଏବଂ ବାଣିଜ୍ୟକୁ ଏକ ନୂତନ ପରିଚ୍ଚୟ ଦେଇଥିବା ଏହି ୫ ଦିନିଆ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ଜନସମୁଦ୍ର ହୋଇଥିଲା । ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ତଥା ଜିଲ୍ଲାପାଳକୁନାଲ ମୋତିରାମ ଚ୍ଚହ୍ୱାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ପି ଜିଆର ରାଘବେନ୍ଦ୍ର, ଡିଏଫ୍‌ଓ ମନୁ ଅଶୋକ ଭଟ୍ଟ, ଆଇଏଏସ ପ୍ରୋବେସନର ପ୍ରଜ୍ଞାନନ୍ଦନ ଗିରି ଏବଂ ଲଇକେରା ବ୍ଲକର ଅଧକ୍ଷ ସଞ୍ଜିତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପଦ୍ମଶ୍ରୀ ଗୁରୁ ଭାଗବତ ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ରହିଥିଲେ । ଶେଷରେ ଉପ ଜିଲ୍ଲାପାଳ ସବ୍ୟସାଚ୍ଚୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏସ୍ପିଲନ୍ କାର୍ଟୁନ କମ୍ପାନିର ସିଏସଆର ପଣ୍ଡାମୁଖ୍ୟ ଋତୁପର୍ଣ୍ଣା ଦେ, ରୁଙ୍ଗିଟା ସନ୍ସ ପ୍ରାଇଭେଟ୍ ଫା ଲିମିଟେଡର ପ୍ଲାଣ୍ଟ ହେଡ୍ ଚ୍ଚରଣ କୁମାର ଜେନା, ମନ୍ଦି ଏନଟିପିସି ଦଳିପାଲିର ଜେନେରାଲ ମ୍ୟାନେଜର ପନ୍ଥ ରବୀନ୍ଦ୍ର ଶର୍ମା ଏବଂ ଟିଆରଏଲ କ୍ରୋସାକିର ଉପ-ସଭାପତି ସୁଶାନ୍ତ କୁମାର ଦାସ ପ୍ରମୁଖଙ୍କୁ କିଛି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏଥିସହ ଝାରସୁଗୁଡ଼ା ଉପରେ ଆଧାରିତ ଝାରସୁଗୁଡ଼ା ଗାଥା ସଙ୍ଗୀତର ସ୍ରଷ୍ଟା ମନ୍ଦାକିନୀ ଶତପଥୀ, ଆରଏସ ଏକାଡେମୀର ରାଜଶ୍ରୀ କୁଟ ତ୍ରିପାଠୀ ତଥା ତାଙ୍କ ସହଯୋଗୀ ଏଇତ ଜୀବନ ଫାଉଣ୍ଡେସନର ସୁଜାତା ମିଶ୍ର ଏବଂ ଅଭିନବ କଳା ମନ୍ଦିରର ମଳୟ ବିହାରୀ ନାୟକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ଝାରସୁଗୁଡ଼ାର ଆଦିବାସୀ ମା'ତାରିଣୀ କିଷାନ ନୃତ୍ୟ ଦଳ ପକ୍ଷରୁ କିଷାନ ନାଚ୍ଚ ପରିବେଷଣ କରାଯାଇଥିବା ବେଳେ ପଶ୍ଚିମବଙ୍ଗର ଡ.ତାରାପଦ ରଜକଙ୍କ ଟିମ୍ ପୁରୁଲିଆ ଛଉ ନୃତ୍ୟ ପରିବେଷଣ କରିଥିଲେ । ଝାରସୁଗୁଡ଼ାର ମା' ସରସ୍ୱତୀ ଡାନ୍ସ କ୍ଲବ ପକ୍ଷରୁ ଝୁମେର ଜାବ, ଆସାମର ବରନୋଇ ସାପୋରୀ ସାଂସ୍କୃତିକ ଗୋଷ୍ଠୀ ପକ୍ଷରୁ ଆସାମିଲଫ୍ୟୁଜନ୍ 'ସତ୍ରିଆ' ପରିବେଷଣ କରାଯାଇଥିଲା । ଜମ୍ମୁରୁ ଆସିଥିବା ଡୋଗରି ଡାନ୍ସ ଗ୍ରୁପ୍ ଗୀତଡୁ ନୃତ୍ୟ ପରିବେଷଣ କରିଥିଲେ । ରାଜସ୍ଥାନର ମୋରୁ ସପେରା ରାଜସ୍ଥାନୀ ଦଳ ଘୁମର ଓ କାଲବେଲିଆ ନୃତ୍ୟରେ ଦର୍ଶକଙ୍କୁ ଝୁମେଇଥିଲେ । କଳାହାଣ୍ଡିର ନୃତ୍ୟାଙ୍ଗଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରସିଦ୍ଧ । କଟପ୍ପା ନୃତ୍ୟ ପରିବେଷଣ କରାଯାଇଥିଲା । ସେପଟେ ଓଲିଉଡ୍ ଗାୟିକା ଅସୀମା ପଣ୍ଡାଙ୍କ ରୋମାଣ୍ଟିକ୍ ଗୀତ ଶୀତୁଆ ରାତିରେ ଦର୍ଶକଙ୍କ ୧ ମଧ୍ୟରେ ବେଶ୍ ଉଷ୍ମତା ଭରିଦେଇଥିଲା ।

## ଭେନେଜୁଏଲା ପ୍ରତି ସଂହତି ପ୍ରକାଶ

**କେନ୍ଦ୍ରାପଡ଼ା,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯୁକ୍ତରାଷ୍ଟ୍ର ଆମେରିକାର ନବ-ସାମ୍ରାଜ୍ୟବାଦୀ ଟ୍ରମ୍ପ ପ୍ରଶାସନ ଗତ ଶନିବାର ମଧ୍ୟରାତ୍ରରେ ଦକ୍ଷିଣ-ଆମେରିକୀୟ ରାଷ୍ଟ୍ର ଭେନ୍‌ଜୁଏଲା ଉପରେ ଅତର୍କିତ ଆକ୍ରମଣ କରି ସେହି ରାଷ୍ଟ୍ରର ନିର୍ବାଚିତ ରାଷ୍ଟ୍ରପତି ନିକୋଲାସ ମାଡୁରୋ ଏବଂ ତାଙ୍କ ସହଧର୍ମିଣୀଙ୍କୁ ଅପହରଣ କରି ନେବା ବିରୋଧରେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘ (ଇସ୍କଫ୍) ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ସଂଗଠନର ଜିଲ୍ଲା ସଭାପତି ଡ. ବାସୁଦେବ ଦାସଙ୍କ ପରିଚାଳନାରେ ପବ୍ଲିକ ରିଡିଙ୍ଗ୍ ରୁମ୍ ପରିସରରେ ଏହି ପ୍ରସଙ୍ଗରେ ଆୟୋଜିତ ସଭାରେ ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ ଭେନେଜୁଏଲାବାସୀଙ୍କ ପ୍ରତି ସଂହତି ପ୍ରକାଶ କରିବା ସହ ସେହି ଦେଶର ରାଷ୍ଟ୍ରପତି ଦମ୍ପତ୍ତିଙ୍କ ମୁକ୍ତି ଓ ନିର୍ବାଚିତ ସରକାରର ପୁନଃ ସ୍ଥାପନ ନିମନ୍ତେ ଜାତିସଂଘ ସମେତ ବିଭିନ୍ନ ଆନ୍ତର୍ଜାତୀୟ ଫୋରମରେ ଭାରତ ସରକାର ଦୃଢ଼ ସ୍ୱର ଉତ୍ତୋଳନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଏହା ଉପରେ ରାଜ୍ୟ ଉପସଭାପତି ଅଧ୍ୟାପକ ଅଜୟ ସାମଲ, ଡ. ନାରାୟଣ ପତି, ଡ. ଚୈତନ୍ୟ ଚରଣ ପରିଡା, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଶୁଭ୍ରାଂଶୁ ଦାସ, ନାରୀନେତ୍ରୀ ଅବନ୍ତି ବେହେରା, ଗୟାଧର ଧଳ, ଭାଗୀରଥି ଜେନା, ସାମ୍ବାଦିକ ଆଶିଷ ସେନାପତି, ଶୈଳବାଳା ସାମଲ, ରାଜକିଶୋର ପଟ୍ଟନାୟକ ପ୍ରମୁଖ ଆଲୋଚନା କରି ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିବାକୁ ମତ ପୋଷଣ କରିଥିଲେ । ରାଜ୍ୟ ପରିଷଦ ସଭ୍ୟ ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା ।

## ଅଙ୍ଗୁଳାଇ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ମାର୍ଶାଘାଇ,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତ ଅଙ୍ଗୁଳାଇ ଖେଳପଡିଆ ଠାରେ ତାରେଣୀ ସ୍ପୋଟିଙ୍ଗ କ୍ଲବ ଆନୁକୂଲ୍ୟରେ ୧୯ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଙ୍ଗୁଳାଇ କପରେ ଦ୍ୱିତୀୟ ଦିନର ମ୍ୟାଚ ହୋଇଯାଇଛି । ଏହି ମ୍ୟାଚରେ ୟୁ ଆଣ୍ଡ ମି ବାଲେଶ୍ୱର ସହିତ କଳିଙ୍ଗ ସ୍ପୋଟିଙ୍ଗ ଭୁବନେଶ୍ୱର ସହିତ କଡା ଟକ୍କର ହୋଇଥିଲା । ୟୁ ଆଣ୍ଡ ମି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୧୭୮ ରନ କରିଥିଲା । କଳିଙ୍ଗ ସ୍ପୋଟିଂ ୨୪.୪ ଓଭରରେ ୮ ଉଇକେଟ ହରାଇ ୧୭୯ ରନକରି ରନ କରି ବିଜୟଲାଭ କରିଥିଲାୟକଳିଙ୍ଗ ସ୍ପୋଟିଂର ସତ୍ୟ ଦାସ ୪୮ ବଲରେ ୫୨ ରନ କରିବା ସହିତ ୪ ଓଭର ବୋଲିଂ କରି ୨୦ ରନ ବିନିମୟରେ ୧ଉଇକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ତାରେଣୀ ସ୍ପୋଟିଙ୍ଗ କ୍ଲବ ତରଫରୁ ପରିଚ୍ଚଳନା କରାଯାଇଥିଲା ।

## ବେଆଇନ ବାଲି ବୋଝେଇ ହାଇୱା ଜବତ

**ଅନୁଗୁଳ,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା କଣିହାଁ ପୋଲିସ ପକ୍ଷରୁ ବେଆଇନ ବାଲି ବୋଝେଇ ହାଇୱା ଗାଡି ଜବତ କରାଯାଇଛି । ସୂଚ୍ଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ସାନତ୍ରିବିଡା ଗ୍ରାମର ପାଖରୁ ବାଲି ବୋଝେଇ ଗାଡି କଣିହାଁ ଅଭିମୁଖେ ଆସୁଥୁଲା । ଏହି ସମୟରେ କଣିହାଁ ପାଟ୍ରୋଲିଂ ଷ୍ଟାଫ ବଡ଼ତ୍ରିବିଡା ଗ୍ରାମ ଛକରେ ପାଟ୍ରୋଲିଂ କରୁଥିଲେ । ସେମାନେ ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରିଛନ୍ତି । ଏ ନେଇ କଣିହାଁ ପୋଲିସ ମାମଲା ରୁଜୁ କରି ତଦନ୍ତି ଆରମ୍ଭ କରିଥିବା ସୂଚ୍ଚନା ମିଳିଛି ।

## ସିଏସଆର ପାଣ୍ଠି ବିକାଶ କାର୍ଯ୍ୟାନ୍ୱୟନ ପାଇଁ ଓଏନଜିସି ଲିମିଟେଡ ଏନଏସଟିଏଫଡିସି ସହିତ ବୁଝାମଣା

**ଭୁବନେଶ୍ୱର,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀ ଯୁବକମାନଙ୍କ କଲ୍ୟାଣ ପାଇଁ ଏକ ପଥପ୍ରଦର୍ଶକ ପଦକ୍ଷେପ ସ୍ୱରୂପ, ତୈଳ ଏବଂ ପ୍ରାକୃତିକ ଗ୍ୟାସ ନିଗମ ଲିମିଟେଡ (ଓଏନଜିସି), ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ମହାରତ୍ନକମ୍ପାନୀ (ଏମଓପିଏନଜି) ଜାତୀୟ ଅନୁସୂଚିତ ଜନଜାତି ଅର୍ଥ ଏବଂ ବିକାଶ ନିଗମ (ଏନଏସଟିଏଫଡିସି), ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଏକ ସ୍ୱାୟତ୍ତ ସଂସ୍ଥା ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏହି ବୁଝାମଣାପତ୍ର କ୍ୟାରିଅର ପରାମର୍ଶ, ଡିଜିଟାଲ ଶିକ୍ଷା ଏବଂ ଭିତ୍ତିଭୂମି ବିକାଶର ବୃଦ୍ଧି ମାଧ୍ୟମରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ପଞ୍ଜୀକୃତ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଏକଲବ୍ୟ ମଡେଲ ଆବାସିକ ସ୍କୁଲର କେନ୍ଦ୍ରୀୟ କ୍ଷେତ୍ର ଯୋଜନାକୁ ପରିଚ୍ଚଳନା କରୁଛି । ଏହିପରି ବିଦ୍ୟାଳୟଗୁଡ଼ିକ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ସାମଗ୍ରିକ ବିକାଶର



ମିଶ୍ରଣ ମାଧ୍ୟମରେ ଏକ ଆଧୁନିକ ଏବଂ ପ୍ରବୁଦ୍ଧ ପିଢ଼ିକୁ ପାଳନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରନ୍ତି । ଆଜି ପର୍ଯ୍ୟନ୍ତ ସାରା ଦେଶରେ ୪୯୯ଟି କାର୍ଯ୍ୟକ୍ଷମ ଇଏମଆରଏସ ଅଛି । ଏହି ବୁଝାମଣାପତ୍ର ୫ ଜାନୁଆରୀ ୨୦୨୬ରେ ସ୍ୱାକ୍ଷରିତ ହୋଇଥିଲା ଏବଂ ନୂତନ ଦିଲ୍ଲୀର ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ରରେ ଏନଏସଟିଏଫଡିସିର ଉପ-ମହାପ୍ରବନ୍ଧକ ବିସ୍ମିତା ଦାସ ଏବଂ ଏଏନଜିସିଇ ସିଏସଆର ମୁଖ୍ୟ ଡକ୍ଟର ଦେବାଶିଷ ମୁଖାର୍ଜୀଙ୍କ ମଧ୍ୟରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀମତୀଙ୍କ ଉପସ୍ଥିତିରେ ଆଦାନପ୍ରଦାନ କରାଯାଇଥିଲା ।

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରଞ୍ଜନା ଚୋପ୍ରା, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ମନୀଷ ଠାକୁର, ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସିଏମଡି ଅନନ୍ତ ପ୍ରକାଶ ପାଣ୍ଡେ, ଏଚଆର ଓଏନଜିସି ନିର୍ଦ୍ଦେଶକ ରୁମୁଆନ ପାଇଟ, ମନୀଷ ପାଟିଲ ଏବଂ ମନ୍ତ୍ରଣାଳୟ ଏବଂ ଓଏନଜିସିର ଅନ୍ୟ ବରିଷ୍ଠ ଅଧିକାରୀମାନେ । ସିଏସଆର ପାଣ୍ଠି ପ୍ରକଳ୍ପର ବିବରଣୀ ଏଏନଜିସି ଟ. ୧୦୦,୦୦୦ ମଞ୍ଜୁରୀ କରିଛି । ୧୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶ (ଆନ୍ଧ୍ର ପ୍ରଦେଶ, ଦାଦ୍ରା ଏବଂ ନଗର ହାବେଳୀ ଏବଂ ଦାମନ ଏବଂ ଦିଉ, ଗୁଜରାଟ, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, କେରଳ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ)ରେ ଅବସ୍ଥିତ ୧୪୪ଟି ଇଏମଆରଏସରେ ଛାତ୍ରୀଙ୍କ ପାଇଁ ଡିଜିଟାଲ ଶିକ୍ଷଣ ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ହସ୍ତକ୍ଷେପ (ସାନିଟାରୀ ପ୍ୟାଡ ଭେଣ୍ଡିଂ ମେସିନ ଏବଂ ଇନସିନେରେଟର), ଶିକ୍ଷକଙ୍କ କ୍ଷମତା ନିର୍ମାଣ ଏବଂ କ୍ୟାରିଅର୍ ପରାମର୍ଶ ଏବଂ ଉଦ୍ୟୋଗୀ ତାଲିମ ପାଇଁ ୨୮ କୋଟି ଟଙ୍କା । ଏହି ପଦକ୍ଷେପ ୩୫୦୦୦ରୁ ଅଧିକ ଆଦିବାସୀ ଛାତ୍ରଙ୍କୁ ସମାନ ସୁଯୋଗ ପାଇବାରେ ଲାଭଦାୟକ ହେବ । ଏହି ପଦକ୍ଷେପ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଏବଂ କର୍ପୋରେଟ କ୍ଷେତ୍ର ମଧ୍ୟରେ ଏକ ବ୍ୟାପକ ସହଯୋଗ ପ୍ରୟାସର ଅଂଶ ଯାହା ଆଦିବାସୀ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ବିକାଶକୁ ଉନ୍ନତ କରିବା ପାଇଁ ସେମାନଙ୍କୁ ବିକାଶ ଭାରତର ଲକ୍ଷ୍ୟ ଆଡକୁ ଅଗ୍ରସର କରିବାରେ ସକ୍ଷମ କରିବ ।

## ଉଷାରାଣୀ ଗୀତିନାଟ୍ୟ ପରିଷଦ ଓ ସଙ୍ଗୀତ ସଦନର ବୈଠକ

**କେନ୍ଦ୍ରାପଡା,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରପଡା ବ୍ଲକ ଅନ୍ତର୍ଗତ ମରଡପୁର ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଉଷାରାଣୀ ଗୀତିନାଟ୍ୟ ପରିଷଦ ଓ ସଙ୍ଗୀତ ସଦନର ବାର୍ଷିକ ବୈଠକ ଓ ବନ୍ଧୁମିଳନ ଉତ୍ସବ ବନ୍ଦରେଶ୍ୱରରେ ଥିବା ନଙ୍ଗୁଳି ମଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ପ୍ରଭାତ କୁମାର ସିଂହଙ୍କ ପୌରହିତ୍ୟରେ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା । ସଦସ୍ୟମାନେ ସେମାନଙ୍କର ବହୁମୂଲ୍ୟ ମତାମତ ଦେଇଥିଲେ । ଏଥିସହିତ ଚଳିତ ବର୍ଷରେ ସାମାଜିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଗଲା । ଏହି ବୈଠକରେ ସନ୍ତୋଷ କୁମାର ପଣ୍ଡା, ବିଜୟ କୁମାର ବେହେରା, କାହ୍ନୁଚରଣ ମହାରଣା, ନିବେଦିତା ନାୟକ, ମୈତ୍ରୀମିଳନ ମୁକ୍ତିସ୍ମିତା ଦାସ, ଆନନ୍ଦିନୀ ସିଂହ, ସୁପ୍ରଭା ମହାରଣା, ମହେନ୍ଦ୍ର ବେହେରା, ଗୌରାଙ୍ଗ ବେହେରା, ଶୀତ କୁମାର ନାୟକ, ରାଜେନ୍ଦ୍ର ବେହେରା, ଶୁଭଙ୍କର ସିଂହ, ବିଜୟଲକ୍ଷ୍ମୀ ଦାସ, ଦୁର୍ଗା ପ୍ରସାଦ ଦାଶ, ସୌଭାଗ୍ୟ କୁମାର ବେହେରା, ବର୍ଷା ପ୍ରିୟଦର୍ଶିନୀ ମିଶ୍ର, ସୁଶୀଲ ସୁତାର, ସୌଭାଗିନୀ ମହାପାତ୍ର, ବୈଶାଖୀ ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ୍ ସଂଘ ମୁଖ୍ୟ ପୃଷ୍ଠପୋଷକ

**ଭୁବନେଶ୍ୱର,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାରାଣସୀରେ ୭୨ତମ ବରିଷ୍ଠ ଜାତୀୟ ଭଲିବଲ ଚାମ୍ପିଅନସିପ୍ ୨୦୨୬କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସୋମବାର ଭାରତୀୟ ଭଲିବଲ୍ ସଂଘ (ଭିଏଫ୍ଆଇ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଶର ସବୁ ରାଜ୍ୟରେ ଥିବା ଭଲିବଲ୍ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ ସଦସ୍ୟମାନେ ଉପସ୍ଥିତ ଥିଲେ । ଏଥିରେ ସର୍ବସମ୍ମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଭିଏଫ୍ ଆଇର ମୁଖ୍ୟ ପୃଷ୍ଠପୋଷକ ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଡ ଗଗନେନ୍ଦୁ ଦାଶ ନିମନ୍ତ୍ରଣ ପାଇଥିଲେ । କିନ୍ତୁ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଏହି କାର୍ଯ୍ୟକ୍ରମରେ ସେମାନେ ଯୋଗଦେଇ ପାରିନଥିଲେ । ତେବେ ଭିଏଫ୍ଆଇର ସଭାପତି ଓ ସମ୍ପାଦକ ଶ୍ରୀ ସାମନ୍ତଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । ଶ୍ରୀ



ସାମନ୍ତଙ୍କ ସମ୍ମତି ପରେ ସଂଘ ପକ୍ଷରୁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଥିଲା । କ୍ରୀଡ଼ା କ୍ଷେତ୍ରକୁ ବ୍ୟାପକ ଅବଦାନ ବିଶେଷ କରି ଭଲିବଲ୍ କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଛି । ଆସନ୍ତା ୪ବର୍ଷ ପାଇଁ ଶ୍ରୀ ସାମନ୍ତ ମୁଖ୍ୟ ପୃଷ୍ଠପୋଷକ ରହିବେ । ଏହି ପରିପ୍ରେକ୍ଷୀରେ ଜାତୀୟ ଯୁବ ଭଲିବଲ୍ ଚାମ୍ପିୟନ୍‌ସିପ୍ କିଟ୍‌ରେ ଆୟୋଜନ କରାଯିବା ନେଇ ଏହି ବୈଠକରେ ଅନୁମୋଦନ କରାଯାଇଥିଲା ।

ଏହି ଅବସରରେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍ଆଇଭିବି) ପକ୍ଷରୁ ଗ୍ରାଣ୍ଡ କ୍ରସ୍ ପୁରସ୍କାର ପ୍ରଦାନ କରାଯାଇଥିବାରୁ ଓ ଏଫଆଇଭିବି ଭଲିବଲ୍ ଫାଉଣ୍ଡେସନ୍ କାଉନ୍‌ସିଲ୍ ସଦସ୍ୟ ହୋଇଥିବାରୁ ଭିଏଫ୍ଆଇ, ଏଫ୍ଆଇଭିବିକୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ସାମନ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ଏଥିପାଇଁ ଶ୍ରୀ ସାମନ୍ତ ଭିଏଫ୍ଆଇର ସଭାପତି ବୀରେନ୍ଦ୍ର କନୱାର ଓ ସାଧାରଣ ସମ୍ପାଦକ ରାମାନନ୍ଦ ଚୌଧୁରୀ ତଥା ଭିଏଫ୍ଆଇର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶା ଭଲିବଲ୍ ସଂଘକୁ ମଧ୍ୟ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ସାମନ୍ତ ପୂର୍ବରୁ ୨୦୨୦ରୁ ୨୪ ପର୍ଯ୍ୟନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଦୀର୍ଘ ଦିନ ଧରି ଭଲିବଲ୍‌ର ବିକାଶ ଦିଗରେ କାର୍ଯ୍ୟ କରିଆସୁଥିବାରୁ ଭିଏଫ୍ଆଇ ପକ୍ଷରୁ ଶ୍ରୀ ସାମନ୍ତଙ୍କ କାର୍ଯ୍ୟକୁ ଉଚିତ ସମ୍ମାନ ଜଣାଇ ତାଙ୍କୁ ଭିଏଫ୍ଆଇ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରିଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଆଗାମୀ ଦିନରେ ଓଡ଼ିଶା ତଥା ଭାରତରେ ଭଲିବଲ୍‌ର ବିକାଶ ଦିଗରେ ଆହୁରି କାମ କରିବେ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି ।

## ହୋଟେଲ ଉପରକୁ ବୋମାମାଡ

**ବ୍ରହ୍ମପୁର,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**




ବ୍ରହ୍ମପୁର ସହରରେ ଏବେ ଦିନକୁ ଦିନ ଅପରାଧୀମାନେ ସକ୍ରିୟ ହେବାରେ ଲାଗିଛନ୍ତି । ସୋମବାର ସନ୍ଧ୍ୟାରେ ବଡବଜାର ଥାନା ଅନ୍ତର୍ଗତ ଗ୍ରାମଦେବତୀ ସାହିରେ ଥିବା ଏକ ମଦ ଦୋକାନ ନିକଟରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ ହୋଇଥିବା ବେଳେ ରାତ୍ର ପ୍ରାୟ ୧୧ଟା ସମୟରେ ଏକ ରେଷ୍ଟୁରାଣ୍ଟ ଉପରକୁ ଦୁର୍ବୃତ୍ତମାନେ ବୋମାମାଡ କରିଛନ୍ତି । ଯାହାକୁ ନେଇ ସେଠାରେ ଖାଉଥିବା ଲୋକ ଓ ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କିତ ହୋଇଥିଲେ । ପୋଲିସ ଖବରପାଇ ସେଠାରେ ପହଞ୍ଚି ତଦନ୍ତ କରିଥିଲା । ବୋମାର ଫୁଟା ଅଂଶ ସଂଗ୍ରହ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରୁଛି ପୋଲିସ । ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜେନେନା ହସ୍ପିଟାଲ ନିକଟରେ ଏକ ଜଣାଶୁଣା ରେଷ୍ଟୁରାଣ୍ଟ ରହିଛି । ଗତରାତ୍ର ଉକ୍ତ ରେଷ୍ଟୁରାଣ୍ଟ ଭିତରେ ଲୋକମାନେ ଖାଉଥିବା ବେଳେ ବାହାରେ ପ୍ରଚ୍ଚଣ୍ଡ ଶବ୍ଦ ହୋଇଥିବା ଶୁଣିବାକୁ ମିଳିଥିଲା । ରେଷ୍ଟୁରାଣ୍ଟ ମ୍ୟାନେଜର ଓ କର୍ମଚ୍ଚାରୀ ବାହାରକୁ ଆସି ଦେଖିବା ବେଳେ ଦୁଇଜଣ ଯୁବକ ବାଇକରେ ଆସି ବୋମା ଫିଙ୍ଗି ଚମ୍ପଟ ମାରିଥିବା ଜାଣିବାକୁ ପାଇଥିଲେ । ରେଷ୍ଟୁରାଣ୍ଟ ମାଲିକଙ୍କ ସହ କୌଣସି ଶତ୍ରୁତା ନା ଅନ୍ୟ କୌଣସି କାରଣରୁ ଦୁର୍ବୃତ୍ତମାନେ ସେଠାରେ ବୋମାମାଡ କରିଥିଲେ ସେ ନେଇ ପୋଲିସ ଏବେ ଛାନବିନ୍ କରୁଛି ।

## ଶିଳିପୁର ଛକରେ ଅଣ୍ଡର ପାସ ଦାବିରେ ଆମରଣ ଅନଶନ

**ମାର୍ଶାଘାଇ,୬।୧ ଏକ୍ସପ୍ରେସ୍ ନ୍ୟୁଜ୍**

୫୩ ନମ୍ବର ଜାତୀୟ ରାଜପଥ ଶିଳିପୁର ଛକ ନିକଟରେ ରାଜପଥ ଉପରେ ଅଣ୍ଡରପାସ ଦାବିରେ ଶିଳିପୁର ପଞ୍ଚାୟତବାସୀ ଜାତୀୟ ରାଜପଥ କଡ଼ରେ ଶାନ୍ତି ଶୃଙ୍ଖଳା ସହିତ ଆମରଣ ଅନଶନରେ ବସିଛନ୍ତି । ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚ୍ଚଳୁଥିବା ବେଳେ ରାସ୍ତାପାର ପାଇଁ ବିପଦ ଘନାଉଛି । ଯାହାକୁ ନେଇ ଶିଳିପୁର ଛକଠାରେ ଅଣ୍ଡରପାସ ଦାବି ଯୋର ଧରିଛି । ଶିଳିପୁର ପଞ୍ଚାୟତର ଶିଳିପୁର, ଡଆଁରମୁଣ୍ଡ, ଶାସନ, ବାଲିସାହି, ଗ୍ରାମର ଗ୍ରାମବାସୀମାନେ ଜାତୀୟ ରାଜପଥ ପାର ହୋଇ ମାର୍ଶାଘାଇ ବ୍ଲକ, ତହସିଲ, କଲେଜ, ସ୍କୁଲ ଏବଂ ସମସ୍ତ ଅଫିସକୁ ଯାତାୟତ ପାଇଁ ଅଣ୍ଡର ପାସ ପାଇଁ ଆମରଣ ଅନଶନରେ ବସିଛନ୍ତି ଯେ ପର୍ଯ୍ୟନ୍ତ ପ୍ରଶାସନ ସେମାନଙ୍କ ଦାବି ପୂରଣ ନକରିବା ପର୍ଯ୍ୟନ୍ତ ସେ ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଅନଶନକାରୀମାନେ ଚେତାବନୀ ଦେଇଛନ୍ତି । ଏହି ଅନଶନରେ ପୂର୍ବତନ ସରପଞ୍ଚ ଯୁଗଳ କିଶୋର ଦାସ, ସମିତି ସଭ୍ୟା ଭାରତୀ କାନୁନଗୋ, ଭିକାରୀ ଚରଣ ବେହେରା, ଗୌରାଙ୍ଗ ଜେନା, ଭାଗବତ ସେଠୀ, ସ୍ନେହାଶିଶ ରାଜକ, ବଳରାମ ଦାଶ, ଅଭୟ ଦାସ, ପ୍ରଦୀପ ସାହୁ, ଗଙ୍ଗାଧର ଦାସ, ହେମନ୍ତ ବେହେରା, ଭଞ୍ଜ କିଶୋର ଦାସଙ୍କ ସମେତ ଶତାଧିକ ଗ୍ରାମବାସୀ ଏହି ଆମରଣ ଅନଶନରେ ସାମିଲ ହୋଇଛନ୍ତି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୭ ଜାନୁଆରୀ ୨୦୨୬ ● ବୁଧବାର


## ଜଙ୍ଗଲ ବିଭାଗ ଜ୍ଞାତସାରରେ ଚାଲିଛି ପଥର ଚୋରି

**ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଜଙ୍ଗଲ ବିଭାଗ ର ଅବହେଳାରୁ ପଥର ଚୋରୀ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବିଭାଗୀୟ ପଦାଧିକାରୀମାନଙ୍କ ଲାଭଖୋର ମନବୃତ୍ତି ଯୋଗୁଁ ପଥର ମାଫିଆ ଓ କ୍ରସର ମାଲିକ ମାନଙ୍କ ସହିତ ଭିତିରି ସମ୍ପର୍କ ରଖି ପଥର ଚୋରୀ କରିବାକୁ ସମସ୍ତ ପଥ ପରିଷ୍କାର କରିଦେଉଛନ୍ତି। ଫଳରେ ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର। ସୂଚନାନୁଯାଇ ଦେବଗଡ଼ ବନଖଣ୍ଡ ଅଧିନସ୍ଥ ରେଙ୍ଗାଲବେଡା ଫରେଷ୍ଟ ସେକ୍ସନ ତାବଡା ଗ୍ରାମ ଜଙ୍ଗଲ କେନାଲ ପାର୍ଶ୍ୱରେ ଥିବା ଜଙ୍ଗଲରୁ ଦିନ ଦ୍ୱିପହରରେ ଅବାଧ ପଥର ଚୋରୀ ଚାଲିଥିବାବେଳେ ରେଙ୍ଗାଲବେଡା ଫୋରେଷ୍ଟରଙ୍କୁ କିଛି ସାଧାରଣ ଲୋକ ଫୋନ ମାଧ୍ୟମରେ ଜଣାଇବାକୁ ଚେଷ୍ଟା କରିଥିଲେ। ହେଲେ ଫୋରେଷ୍ଟର ବାବୁ ଘଟଣା ସମ୍ପର୍କରେ ଜାଣିପାରି ଫୋନ ଗ୍ରହଣ କରିନଥିଲେ। ପୁନର୍ବାର ବନଖଣ୍ଡ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ ମଧ୍ୟ ଘଟଣା ସ୍ଥଳକୁ ବନ ବିଭାଗର କୌଣସି ପଦାଧିକାରୀ ଆସି ନଥିଲେ କି ଉକ୍ତ ଟ୍ରାକ୍ଟରକୁ ଜବତ କରି ନଥିଲେ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ବନ ବିଭାଗ ପଥର ମାଫିଆଙ୍କ ସହିତ ହାତ ମିଳାଇ ଜଙ୍ଗଲ ଜାତ ଦ୍ରବ୍ୟ ଲୁଟି ନେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଜିଲ୍ଲା ବନ ବିଭାଗ ପଥର ଚୋରୀ ରୋକିବା ଦିଗରେ ଯଦି ଏଭଳି ଅବହେଳା ପ୍ରଦର୍ଶନ କରନ୍ତି ତେବେ ଆଗାମୀ ଦିନରେ ରାଜ୍ୟ ସରକାର କୋଟିକୋଟି ଟଙ୍କା ରାଜସ୍ୱ ହରାଇବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ସର୍ବ ସାଧାରଣରେ କୁହାଯାଉଛି। ଏଥିସହିତ ଉଚ୍ଚ କର୍ତ୍ତୃପକ୍ଷ ଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ ହେଉଛି।

## ଛତୁ ଫୁଟିଲା ଭଳି ବେଆଇନ ଇଟାଭାଟି

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ତହସିଲ ଅଧୀନରେ ପାଖାପାଖି ୧୦୦ ଜାଗାରେ ପୋଡାଯାଉଛି ଇଟା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନିଆଳି ତହସିଲ୍ ଅଧୀନ ବିଳାଶୁଣୀ ରାଜସ୍ୱ ନିରୀକ୍ଷକ ଅଞ୍ଚଳରେ। ବିଳାଶୁଣୀ ପଂଚାୟତ ଦେବୀକନ୍ଦଳ ନଦୀ ପଠାରେ ଛତୁ ଫୁଟିଲା ଭଳି ଇଟା ଭାଟି ଖୋଲିଥିବା ବେଳେ, ଇଟା ପୋଡିବା ନିମନ୍ତେ ବ୍ୟବହାର ହେଉଥିବା କୋଇଲା ଧୂଆଁରେ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ଏ ନେଇ ବିଳାଶୁଣୀ ରାଜସ୍ୱ ନିରୀକ୍ଷକ ବସନ୍ତ ଦେହୁରୀଙ୍କୁ ପଚାରିବାରୁ ମୁଁ ତହସିଲଦାରଙ୍କୁ ଜଣାଇ ଦେବା କଥା କହିଛନ୍ତି। ଏ ନେଇ ନିଆଳି ତହସିଲଦାର ତାରିଣୀ ରଂଜନ ରାୟଙ୍କୁ ପଚାରିବାରୁ ଅଁଳରେ ଏକ ଇଟାଭାଟିକୁ ମୁନୋଟିସ୍ ଜାରି କରିଛି, ଅନ୍ୟ ଇଟାଭାଟି ଉପରେ ଆରଆଇମାନେ ତଥ୍ୟ ଦେଇ ନାହାନ୍ତି। ତଥ୍ୟ ଆସିଲେ ଜୋରିମାନା ଆଦାୟ କରାଯିବ। ଆମେ ଚାହିଁଲେ ଅଗ୍ନିସେବା ବାହିନୀଙ୍କୁ ଡାକି ଭାଙ୍ଗି ପାରିବୁ ହେଲେ ସେଭଳି ସମସ୍ୟା ଉପୁଜିନାହିଁ ବୋଲି କହିଛନ୍ତି ତହସିଲଦାର। ସୂଚନାଥାଉ କି ଇଟା ପୋଡିବା ନିମନ୍ତେ ଓଡ଼ିଶା ହାଇକୋର୍ଟ ସମ୍ପୂର୍ଣ୍ଣ ବନ୍ଦ ନିମନ୍ତେ ନିର୍ଦ୍ଦେଶ ନାମା ଜାରି କରିଥିବା ବେଳେ ନିଆଳି ରାଜସ୍ୱ ବିଭାଗ ଏହାକୁ ନମାନି ସରକାରଙ୍କୁ କିଛି ଅଂଶରେ ରାଜସ୍ୱ ଦେଇ ନିଜ ପକେଟକୁ ମୋଟା ଅଙ୍କର ଅର୍ଥ ନେବା ନିମନ୍ତେ ବେଆଇନ ଇଟା ଭାଟି ପକାଇବାରେ ପ୍ରଶ୍ରୟ ଦେଉଛନ୍ତି। ଯଥାଶୀଘ୍ର ଜିଲ୍ଲା ପ୍ରଦୂଷଣ ବିଭାଗ ଓ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନନେଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମଙ୍ଗଳବାର ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦେଇ ଏହି ମେଳା ଚାଷୀଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ ନିଜ ବକ୍ତବ୍ୟ ମାଧ୍ୟମରେ ଚାଷୀଙ୍କୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଜଣାଇଥିଲେ। ମତ୍ସ୍ୟ ଉପନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ ଓ ଅତିରିକ୍ତ ଜିଲ୍ଲା ପ୍ରାଣୀ ଅଧିକାରୀ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମୟଶ୍ରୀ ଚାଟାର୍ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଉମେଶ ଚନ୍ଦ୍ର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋ-ପାଳନ କ୍ଷେତ୍ରରେ କୃତିତ୍ୱ ପାଇଁ ତେଲକୋଇ ବ୍ଲକର ଚନ୍ଦନ କୁମାର ପାଲ, ଘୁଷୁରି ପାଳନ କ୍ଷେତ୍ରରେ ସାହାରପଡ଼ା ବ୍ଲକର ଭାନୁମତୀ ମହାନ୍ତ, ମାଛ ଚାଷ ପାଇଁ ଚମ୍ପୁଆ ବ୍ଲକର ଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମାଛ ଜାଆଁଳ ଉତ୍ପାଦନ ପାଇଁ ସଦର ବ୍ଲକର ଜୟନ୍ତ ମହାନ୍ତଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ବିଭିନ୍ନ ବିଭାଗର ମୋଟ ୨୭ଟି ଷ୍ଟଲ୍ ପଡ଼ିଛି। ଖୋଲା ପ୍ରଦର୍ଶନୀରେ ଗାଈ, ଛେଳି, ବତକ, ମଇଁଷି, ପକ୍ଷୀ ଏବଂ ବାୟୋଫ୍ଲକ୍ ମାଛ ଚାଷ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଛି। ସଭା ପରେ ପ୍ରଥମାର୍ଦ୍ଧରେ ଚାଷୀ ଓ ବୈଜ୍ଞାନିକମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ବିନୟ ଭୂଷଣ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ଲିପ୍ସା ଦାସ, ଉଦ୍ୟାନ କୃଷି ଡିପ୍ଲୋମା ସ୍କୁଲର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସ, ସାହାରପଡ଼ା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁରଜ କୁମାର ପ୍ରଧାନ ଓ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଇଷ୍ଟ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ବିଜୟରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାୟର ଅଭିଯାନ ଆରମ୍ଭ




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଝାଡ଼ଖଣ୍ଡର ରାଞ୍ଚି ବିଶ୍ୱବିଦ୍ୟାଳୟରେ ଚଳିତ ୫ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଇଷ୍ଟ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ବିଜୟରୁ ନିଜ ଅଭିଯାନ ଆରମ୍ଭ କରିଛି କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ। ନିଜ ଉଦଘାଟନୀ ମ୍ୟାଚରେ ପଶ୍ଚିମବଙ୍ଗ କୋଲକାତାସ୍ଥିତ ବିଧାନଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟକୁ ୫-୩ ପେନାଲ୍ଟି ସୁଟ୍ ଆଉଟରେ ପରାସ୍ତ କରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଦଳ ନିଜ ନକ୍ ଆଉଟ୍ ପର୍ଯ୍ୟାୟ ଆରମ୍ଭ କରିଛି। ପ୍ରଥମେ ୯୦ ମିନିଟର ଖେଳ ଗୋଲଶୂନ୍ୟ ଭାବରେ ଶେଷ ହେବାପରେ ପେନାଲ୍ଟି ସୁଟ୍ ଆଉଟ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ତ୍ରୁଟିଶୂନ୍ୟ ଖେଳ ପ୍ରଦର୍ଶନ କରି ଆଶୁତୋଷ ସାହୁ, ରୋହିତ ରଞ୍ଜନ ରାଉତ, ଅନୁରାଗ ବେହେରା, ଆଦିତ୍ୟ ସଭାପତି ଏବଂ ନିଶିକାନ୍ତ ସାହୁ ୫ଟି ପେନାଲ୍ଟି ଗୋଲ୍ ଦେଇଥିଲେ। ଜବାବରେ କୋଲକାତା ବିଧାନଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟ ମାତ୍ର ୩ଟି ଗୋଲ୍ ଦେବାରେ ସକ୍ଷମ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୫୨ଟି ବିଶ୍ୱବିଦ୍ୟାଳୟ ୪ଟି ଗ୍ରୁପରେ ବିଭକ୍ତ ହୋଇ ଖେଳୁଛନ୍ତି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଖେଳାଳିମାନେ କୋଚ୍ ସତ୍ୟବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ ଉନ୍ନତ ଖେଳ ପ୍ରଦର୍ଶନ ଜାରି ରଖିବା ସହ କପ୍ ହାତେଇବାର ଲକ୍ଷ୍ୟ ରଖିଛନ୍ତି।

## ନାବାଳିକାଙ୍କୁ ନେଇ ହୋଇଥିବା ଅଶ୍ଳୀଳ ଭିଡିଓ ଦେଖୁଥିଲେ ବାନ୍ଧିବ ପୋଲିସ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁ କିମ୍ବା ନାବାଳକ, ନାବାଳିକାଙ୍କୁ ନେଇ ହୋଇଥିବା ଅଶ୍ଳୀଳ ଭିଡିଓ ଦେଖୁଥିଲେ, ପୋଲିସ ନିଶ୍ଚିତ ବାନ୍ଧିବ। ଆଜି ଏହା ସ୍ପଷ୍ଟ କରିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଜ୍ୟାନଦେଓ। ଅନୁରୂପ ଅଭିଯୋଗରେ ଗତକାଲି କମିଶନରେଟ ପୋଲିସ ଯାଜପୁର ଅନ୍ତର୍ଗତ ମଙ୍ଗଳପୁରର ମୁକେଶ ବାରିକଙ୍କୁ ଗିରଫ କରିଛି। ମୁକେଶ ନାବାଳିକାମାନଙ୍କର ଅଶ୍ଳୀଳ ଭିଡିଓ ଡାଉନଲୋଡ କରି ସେଗୁଡିକୁ ହ୍ୱାଟ୍ସଅପ ଗ୍ରୁପରେ ସେୟାର କରୁଥିବା ଅଭିଯୋଗ ହୋଇଥିଲା। ଏହା ସହ ମୁକେଶ ଶିଶୁମାନଙ୍କୁ ନେଇ ହୋଇଥିବା ଅଶ୍ଳୀଳ ୱେବସାଇଟ ଦେଖୁଥିବା ଅଭିଯୋଗ ହୋଇଥିଲା। କମିଶନରେଟ ପୋଲିସର ସାଇବର ଥାନା ମୁକେଶଙ୍କ ଅନଲାଇନ ଗତିବିଧି ଉପରେ ନଜର ରଖିଥିଲା। ତାଙ୍କର ଅନଲାଇନ ଗତିବିଧିରୁ ସେ ଆପତ୍ତିଜନକ ଓ ବେଆଇନ ସାଇଟ୍‌ଗୁଡ଼ିକ ଦେଖୁଥିବା ସ୍ପଷ୍ଟ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଛି।

ସାଧାରଣ ଲୋକେ ଏଭଳି ଅନଲାଇନ କଣ୍ଟେଣ୍ଟରୁ ଦୂରେଇ ରହିବା ପାଇଁ କଟକ ଡିସିପି ପରାମର୍ଶ ଦେଇଛନ୍ତି। ଯେଉଁମାନେ ଏଭଳି ବେଆଇନ ଓ ନିଷିଦ୍ଧ କଣ୍ଟେଣ୍ଟ ଦେଖିବାର ପ୍ରୟାସ କରିବେ, ସେମାନେ ସ୍ୱାଭାବିକ ଭାବେ ପୋଲିସ ସ୍କାନରକୁ ଚାଲିଆସିବେ ବୋଲି ଡିସିପି କହିଛନ୍ତି।

# ଧାନର ଅଭାବି ବିକ୍ରି ପାଇଁ ସରକାରଙ୍କ ଚକ୍ରାନ୍ତ: କଂଗ୍ରେସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**




ସାରା ରାଜ୍ୟରେ ଚାଷୀ ମଣ୍ଡିରେ ଧାନ ବିକ୍ରୀ ନକରି ପାରିବାର ସମସ୍ୟା ଦିନକୁ ଦିନ ଅତ୍ୟନ୍ତ ଗମ୍ଭୀର ସ୍ଥିତିକୁ ଗଲାଣି। ସରକାର ବାରମ୍ବାର ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି ଯେ ସେମାନଙ୍କର ସମସ୍ତ ଧାନ ସରକାର କିଣିବେ କିନ୍ତୁ ପ୍ରକୃତ ସ୍ଥିତି ହେଉଛି ଏ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ଏବଂ ଉପକୂଳ ୧୮ ଜିଲ୍ଲାରେ ଧାନମଣ୍ଡି ଖୋଲାଯାଇ ପାରିନାହିଁ। ରାଜ୍ୟ ସରକାରଙ୍କର ସମବାୟ ମନ୍ତ୍ରୀ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ ଯେଉଁ ଧାନବିକ୍ରୀ ନେଇ ଯେଉଁ ବୟାନବାଜି କରୁଛନ୍ତି ତାହା ସଂପୂର୍ଣ୍ଣ ମିଛ ଓ ସେମାନଙ୍କ ଭିତରେ କୌଣସି ତାଳମେଳ ନାହିଁ। ପଶ୍ଚିମ ଓଡ଼ିଶାରେ ମଣ୍ଡି ଖୋଲିବାର ୩୫ ଦିନ ପରେ ମଧ୍ୟ ପଶ୍ଚିମ ଓଡ଼ିଶାର ୪୦ ପ୍ରତିଶତ ଧାନ ମଣ୍ଡିରୁ ଏପର୍ଯ୍ୟନ୍ତ ଉଠିନାହିଁ ବୋଲି ଆଜି ପ୍ରଦେଶ କଂଗ୍ରେସ ଦ୍ୱାରା ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା କୋଠାର ଭାଷାରେ ଓଡ଼ିଶାରେ ଚାଲୁଥିବା ଡବଲ ଇଞ୍ଜିନ ସରକାରକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଗତବର୍ଷ ଯେଉଁ ଚାଷୀମାନଙ୍କୁ ୧୦୦ କ୍ୱିଣ୍ଟାଲରୁ ଧାନ ବିକ୍ରିକରିବାପାଇଁ ଟୋକନ ମିଳିଥିଲା ଏବର୍ଷ ସରକାର ସେମାନଙ୍କ ପାଖରୁ ୩୦-୪୦ କ୍ୱିଣ୍ଟାଲ ଧାନ ଏପର୍ଯ୍ୟନ୍ତ ଉଠାଇଛନ୍ତି ବହୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନାହିଁ। କିଛି ଚାଷୀଙ୍କ ଟୋକନ ଲାପ୍ସ ହୋଇଯାଇଛି। ଗତ ଦୁଇଦିନ ତଳେ ରାଜ୍ୟର ସମସ୍ତ ମିଲରମାନେ ଧାନ ମଣ୍ଡିରୁ ଉଠାଇବେ ନାହିଁ ବୋଲି ରୋକଠୋକ ସରକାରଙ୍କୁ ଶୁଣାଇଛନ୍ତି। ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ମିଲରମାନଙ୍କର ବିଗତ ଦୁଇବର୍ଷର ବାକିଆ ଅର୍ଥ ୩୫୦ କୋଟି ଟଙ୍କା ପୈଠ ନକଲା ପର୍ଯ୍ୟନ୍ତ ମିଲରମାନେ ଧାନ ଉଠାଇବେ ନାହିଁ। ସରକାର ଏହାର ସମାଧାନ କରିବା ପରିବର୍ତ୍ତେ ନାହିରେ ତେଲ ଦେଇ ଶୋଇଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦେବାଶିଷ ନାୟକ ସାରା ରାଜ୍ୟରେ ଚାଷୀ ଆଜି ହନ୍ତସନ୍ତ ହେଉଛି ମଣ୍ଡି କେବେ ଖୋଲାଯିବ, ଧାନ କେବେ ଉଠାଯିବ, ତା ପାଖକୁ କେବେ ପଇସା ଆସିବ ଏ କଥାର କୌଣସି ଠୋସ ଉତ୍ତର ସରକାର ଦେଉନାହାନ୍ତି। ଗତବର୍ଷ ତୁଳନାରେ ଉପକୂଳ ଓଡ଼ିଶାରେ ଧାନମଣ୍ଡି ଖୋଲିବାରେ ୧୫ ଦିନରୁ ଅଧିକ ସମୟ ଗଡ଼ିଗଲାଣି। ମଣ୍ଡି ଖୋଲାଯିବକି ନାହିଁ କାହାକୁ ଜଣାନାହିଁ। ରାଜ୍ୟ ସରକାର ମିଲରମାନଙ୍କ ସହିତ ବସି ଆଲୋଚନା କରି ୩୫୦ କୋଟି ବକେୟା ଟଙ୍କା ଦବାର ଅସୁବିଧା କେଉଁଠି। ଏହା ତାଙ୍କର ହକ ପ୍ରାପ୍ୟ। ସରକାରଙ୍କ ପାଖରେ ପଇସାର ଅଭାବ ଅଛିକି? ଡବଲ ଇଞ୍ଜିନ ସରକାରରେ ରାଜ୍ୟର ବିକାଶ କିଭଳି ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଦେଶ କଂଗ୍ରେସ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଲେ ଯେ ରାଜ୍ୟରେ ଏକ ଅଜବ ସରକାର ଚାଲିଛି ଏବଂ ଏହାଙ୍କର ଗଜବ ନୀତି। ଖୋଦ ପ୍ରଧାନମନ୍ତ୍ରୀ ନିର୍ବାଚନ ପୂର୍ବରୁ ଓଡ଼ିଶାବାସୀଙ୍କୁ ଆଶ୍ୱାସନା ଦେଇ କହିଥିଲେ ଓଡ଼ିଶାକୁ ଭାରତବର୍ଷରେ ୧ ନମ୍ବର ରାଜ୍ୟ କରିବେ ଓ ଏହାର ଦାୟିତ୍ୱ ସେ ନିଜେ ନେବେ। ଡବଲ ଇଞ୍ଜିନ ସରକାର ରାଜ୍ୟରେ ହେଲେ ଡବଲ ବିକାଶ ହେବ ବୋଲି କହିଥିଲେ। କିନ୍ତୁ ଯଦି ରାଜ୍ୟର ୭୦ ଭାଗ କୃଷକ ଯଦି ତାଙ୍କ ଫସଲକୁ ବିକ୍ରୀ କରିପାରିବେ ନାହିଁ ଏବଂ ସେମାନେ ଅଭାବୀ ବିକ୍ରୀରେ ଛନ୍ଦି ହେବେ ତାହାହେଲେ ବିକାଶ କିଭଳି ହେବ? ସମବାୟ ବିଭାଗର ଉପାଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଲେ ସରକାର ଜାଣିଶୁଣି ଧାନ କିଣୁନାହାନ୍ତି ଯାହା ଫଳରେ ଚାଷୀମାନେ ବାଧ୍ୟ ହୋଇ ଅଭାବି ବିକ୍ରୀ ଜାଲରେ ପଡ଼ିବେ। ମିଲର ମାନଙ୍କ ସହିତ ସଲାସୁତୁରା କରି କୋଟି କୋଟି ଟଙ୍କା ଚାନ୍ଦା ନେଇ ରାଜ୍ୟର ଚାଷୀମାନଙ୍କୁ ଏ ସରକାର ଜାଣିଶୁଣି ହଇରାଣ କରୁଛି। ଏ ବର୍ଷ ୭୫ କ୍ୱିଣ୍ଟାଲରୁ ଅଧିକ ଧାନ କୌଣସି ଚାଷୀଙ୍କ ପାଖରୁ କିଣିବେ ନାହିଁ ଗୁପ୍ତ ନିଷ୍ପତ୍ତି କରିଛନ୍ତି। ଏମଏସପି ଧାନ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିଲେ ମଧ୍ୟ ତାହା ଦିଆଯାଉ ନାହିଁ। କଟଣୀ ଛଟଣୀ ଏକ ନିୟମରେ ପରିଣତ ହୋଇସାରିଲାଣି। ସରକାର କାଳବିଳମ୍ବ ନକରି ସାରା ଓଡ଼ିଶାର ସମସ୍ତ ମଣ୍ଡି ଖୋଲନ୍ତୁ ମିଲରଙ୍କ ସମସ୍ୟା ସମାଧାନ କରନ୍ତୁ ଓ ଧାର୍ଯ୍ୟ ସମୟ ଭିତରେ ସମସ୍ତ ଧାନକୁ କିଣନ୍ତୁ ଯଦି ନ କିଣନ୍ତି ରାଜ୍ୟ କଂଗ୍ରେସ ସାରା ରାଜ୍ୟରେ ଚାଷୀମାନଙ୍କ ସମସ୍ୟା ନେଇ ଆନ୍ଦୋଳନ କରିବା ସହିତ ସରକାରଙ୍କୁ ଚାଲିବାକୁ ଦେବୁ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବିନୋଦ ପାତ୍ର ଉପସ୍ଥିତ ଥିଲେ।

### ନାବାଳିକାକୁ ଅସଦାଚରଣ

## ଅଭିଯୁକ୍ତ ଫେରାର

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ଦେବୀକନ୍ଦଳ ଦୀପାଞ୍ଚଳ ଏରଞ୍ଚ ପଂଚାୟତ କୁଳଶ୍ରୀ ଗ୍ରାମରେ ଏକ ନାବାଳିକାକୁ ସେହି ଗ୍ରାମର ବଂଶୀଧର ଦାସଙ୍କ ପୁଅ ରାହୁଲ ଦାସ (୨୧) ଜୋର ଜବରଦସ୍ତ ଦିନ ଦିପ୍ରହରେ ଅସଦାଚରଣ କରିଥିବା ନିଆଳି ଥାନାରେ ନାବାଳିକାର ମା ଲିଖିତ ଅଭିଯୋଗ କରିଛନ୍ତି। ନିଆଳି ଥାନା ପୋଲିସ ୪/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏମିତିକି ନିଆଳି ପୋଲିସ ପକ୍ଷରୁ ଏକ ଟିମ ନା ବାଳିକା ପଢୁଥିବା ଏକ ବିଦ୍ୟାଳୟକୁ ଯାଇ ଜନ୍ମ ପ୍ରମାଣ ପତ୍ର ସଂଗ୍ରହ କରିଛି। ଅପର ପକ୍ଷରେ ଅଭିଯୁକ୍ତ ରାହୁଲ ଫେରାର ଥିବା ବେଳେ ନାବାଳିକା ପରିବାର ଭୟରେ ଅଛନ୍ତି। ଉକ୍ତ ଘଟଣା ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ କେବେ ନେଉଛି ?

## ବିଦେଶୀ ଶିକ୍ଷାର୍ଥୀଙ୍କୁ ଆପଣାଇବାରେ କିଟ୍ ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ବିଦେଶୀ ଛାତ୍ରଛାତ୍ରୀଙ୍କର ଏକ ପସନ୍ଦଯୋଗ୍ୟ ହବ୍‌ରେ ପରିଣତ ହୋଇଛି। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକରେ ବିଦେଶୀ ଶିକ୍ଷାର୍ଥୀଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଉଛି ବୋଲି ନିକଟରେ ନିତି ଆୟୋଗ ରିପୋର୍ଟ ପ୍ରକାଶ ପାଇଛି। ଭାରତରେ ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ନିତି ଆୟୋଗର ରିପୋର୍ଟ ଅନୁସାରେ ୨୦୨୧-୨୨ ଶିକ୍ଷାବର୍ଷରେ ଓଡ଼ିଶାକୁ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭ ପାଇଁ ଆସିଛନ୍ତି।

ନିତି ଆୟୋଗ ରିପୋର୍ଟରେ ଭାରତର କେଉଁ ରାଜ୍ୟରେ କେତେ ପିଲା ପଢୁଥିଲେ ଓ କେତେ ବଢ଼ିଛନ୍ତି ତା ଉପରେ ପୁଙ୍ଖାନୁପୁଙ୍ଖ ସୂଚନା ଦିଆଯାଇଛି। ଖୁସିର କଥା ଓଡ଼ିଶାରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ସହ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଆପଣାଇବାରେ ଭାରତର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ସେହିପରି ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି ଓ ବିଦେଶୀ ଛାତ୍ରଛାତ୍ରୀ ଆପଣାଇବାରେ କିଟ୍ ଦେଶରେ ପଞ୍ଚମ ସ୍ଥାନରେ ରହିଛି। ରିପୋର୍ଟରେ କୁହାଯାଇଛି, କୋଲକାତା ଓ ହାଇଦ୍ରାବାଦ ଆଦି କସ୍‌ମୋପଲିଟାନ୍ ନଗର ହୋଇଥିବା ବେଳେ ପଶ୍ଚିମବଙ୍ଗ, ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶଠାରୁ ଓଡ଼ିଶାରେ ଅଧିକ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି।

ଗୁରୁତ୍ୱପୂର୍ଣ୍ଣ ବିଷୟ, ନିତି ଆୟୋଗ ରିପୋର୍ଟ ଅନୁସାରେ ଦେଶର ପୂର୍ବାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୨୩୬୨ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରୁଥିବା ବେଳେ କେବଳ କିଟ୍‌ରେ ୨ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କିଟ୍‌ରେ ବିଶ୍ୱର ୭୦ଟି ବିଭିନ୍ନ ଦେଶରୁ ୨ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଭାରତରେ ୫ଟି ଘରୋଇ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେଥିମଧ୍ୟରୁ ସର୍ବାଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା କିଟ୍ ୫ମ ସ୍ଥାନରେ ରହିଛି।

ବର୍ତ୍ତମାନ ସୁଦ୍ଧା ୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ କିଟ୍‌ରୁ ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି। ଭୁବନେଶ୍ୱର ଏକ ଟାୟାର୍-ଟୁ ସହର ଓ ଏଠାକୁ ଇଣ୍ଟରନ୍ୟାସନାଲ୍ ଫ୍ଲାଇଟ୍ ସଂଯୋଗର ବିଶେଷ ସୁବିଧା ନଥିଲେ ମଧ୍ୟ କିଟ୍‌ରେ ଶିକ୍ଷାଦାନ ସୁନାମ ଓ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ୟାନ୍ୟ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଥିବାରୁ କିଟ୍ ପ୍ରତି ବିଦେଶୀ ଛାତ୍ରଛାତ୍ରୀଙ୍କ ଆକର୍ଷଣ ରହିଛି।

ଭାରତ ସରକାରଙ୍କ ନୂଆ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅନୁସାରେ ଯେଉଁ ଶିକ୍ଷାନୁଷ୍ଠାନରେ ଯେତେ ଅଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବେ, ସେହି ଅନୁସାରେ ଉକ୍ତ ଅନୁଷ୍ଠାନ ବା ରାଜ୍ୟକୁ ସରକାର ସେତିକି ଗୁରୁତ୍ୱ ଦିଆଯାଉଛି।

କିଟ୍‌ରେ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଶିକ୍ଷାଲାଭର ସୁଯୋଗ ସୃଷ୍ଟି କରିଥିବାରୁ ବୁଦ୍ଧିଜୀବୀମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦର୍ଶିତା ପାଇଁ ସାଧୁବାଦ ଜଣାଇଛନ୍ତି। ୨୦୧୨ ମସିହାରେ ଓଡ଼ିଶାରେ ମାତ୍ର ୧୨ ଜଣ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏବେ କେବଳ କିଟ୍‌ରେ ୨ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଆଗାମୀ ଶିକ୍ଷାବର୍ଷରେ କିଟ୍‌ରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଶ୍ରୀ ସାମନ୍ତ ଆଶା ପ୍ରକାଶ କରିଛନ୍ତି। କିଟ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଭିତ୍ତିଭୂମି, ଶିକ୍ଷା ପରିବେଶ, ସୌନ୍ଦର୍ଯ୍ୟକରଣ, ସବୁଜିମା, ଓ ବିଶେଷକରି କ୍ରୀଡ଼ା ଭିତ୍ତିଭୂମି ଆଦି ସୁବିଧା ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ବିବାହ ପ୍ରମାଣ ପତ୍ର ଲାଗି ଏବିଡ଼ିଓ ଲାଞ୍ଚ ମାଗୁଛନ୍ତି !

**ବ୍ରହ୍ମପୁର / ପୁରୁଷୋତ୍ତମପୁର**
**ଏକ୍ସପ୍ରେସ୍ ନ୍ୟୁଜ୍**



'ପଇସା ଦିଅ ସାର୍ଟିଫିକେଟ ନିଅ' ଏପରି ସଙ୍ଗିନ୍ ଅଭିଯୋଗ ଆସିଛି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତପୁର ଏବିଡିଓଙ୍କ ନାମରେ। ଏନେଇ ପୁରୁଷୋତ୍ତମପୁର ଓକିଲ ସଂଘର ବହୁ ଆଇନଜୀବି ମଙ୍ଗଳବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏବିଡ଼ିଓଙ୍କୁ ତୁରନ୍ତ ବଦଳି କରିବା ସହିତ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୁଷୋତ୍ତମପୁର ଓକିଲ ସଂଘ ଦାବି କରିଛି। ଏହି ଅବସରରେ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଲିଖିତ ଦାବୀ ପତ୍ର ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ପ୍ରଦାନ କରାଯାଇଛି। ବିବାହ ପଞ୍ଜିକରଣ ନିମନ୍ତେ ଟଙ୍କା ନେବା ସହ ବିଭିନ୍ନ କାମ ନିମନ୍ତେ ପ୍ରଥମେ ଟଙ୍କା ମାଗୁଛନ୍ତି ଏବିଡ଼ିଓ। ଏହା ସହିତ ସମସ୍ତଙ୍କୁ ଦୁର୍ବ୍ୟବହାର କରୁଛନ୍ତି ବୋଲି ମଧ୍ୟ ବହୁ ଆଇନଜୀବୀମାନେ ଅଭିଯୋଗ କରିଛନ୍ତି। ପୁରୁଷୋତ୍ତମପୁର ଏବିଡିଓ ଭାବେ କିଛି ବର୍ଷ ହେଲା ସେ ଯୋଗଦେବା ପରଠାରୁ ବିବାହ ପଞ୍ଜିକରଣ ସାର୍ଟିଫିକେଟ ଲାଗି ୧ହଜାରରୁ ୩ ହଜାର ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ସାର୍ଟିଫିକେଟ ଦେଉ ନାହାନ୍ତି। ଏହାସହ ଲାଞ୍ଚ ଅର୍ଥ ନଦେଲେ କୌଣସି କାର୍ଯ୍ୟ କରୁନାହାନ୍ତି ବୋଲି ଉକ୍ତ ଦାବୀ ପତ୍ରରେ ଦର୍ଶାଯାଇଛି। ସେମାନଙ୍କ ଦାବୀ ଯଥାଶୀଘ୍ର ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ଏହି ଦାବୀ ପତ୍ର ପ୍ରଦାନ ବେଳେ ପୁରୁଷୋତ୍ତମପୁର ଓକିଲ ସଂଘର ସଭାପତି କୃଷ୍ଣ ଚନ୍ଦ୍ର ଗୌଡ଼, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ଆଇନଜୀବୀ ପ୍ରଭାତ କୁମାର ପଟ୍ଟନାୟକ, ତୁଷାରକାନ୍ତ ରାଉଳ, ସିମାଞ୍ଚଳ ମିଶ୍ର ଓ ଅଶୋକ କୁମାର ମହାଙ୍କୁଡ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଅଭିଯୋଗ ନେଇ ପୁରୁଷୋତ୍ତମପୁର ଏବିଡ଼ିଓଙ୍କ ସହ ଯୋଗାଯୋଗ କରିବା ବେଳେ ମୋବାଇଲ ଫୋନ ବନ୍ଦ ରହିଥିବା ଜଣାପଡିଛି।

## ଚିଲିକା ଦେଶୀ ଡଙ୍ଗା ଚାଳନା ପ୍ରତିଯୋଗିତା



**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ଚିଲିକା ପର୍ଯ୍ୟଟନ ସ୍ଥଳୀ ପ୍ରାକୃତିକ ସମ୍ପଦର ଅନନ୍ୟ ସମ୍ଭାର। ଚିଲିକାର ବେଦେଶାଗତ ପକ୍ଷୀ ଆଗମନ, ନୌବାଣିଜ୍ୟ, ମତ୍ସ୍ୟଜୀବୀ ମାନଙ୍କ ଡଙ୍ଗା ଚାଳନା ଓ ମାଛ ଧରା ପ୍ରଣାଳୀ, ଜୀବନଯାପନ ବିସ୍ତୃତ ଜଳରାଶିରେ ଗମନାଗମନ ପର୍ଯ୍ୟଟକ ମାନଙ୍କୁ ଅତ୍ୟନ୍ତ ବିମୋହିତ କରିଥାଏ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଆଜି ପ୍ରଥମ ଦେଶୀ ଡଙ୍ଗା ଚାଳନା ପ୍ରତିଯୋଗିତା ପ୍ରଥମ ସଂସ୍କରଣକୁ ଅପରାହ୍ନରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଉଦ୍ଘାଟନ କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଚିଲିକା ପର୍ଯ୍ୟଟନ ସ୍ଥଳୀ ଆନ୍ତର୍ଜାତୀୟ କ୍ଷେତ୍ରରେ କିପରି ଆହୁରି ପର୍ଯ୍ୟଟକ ମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବବୋଲି ସରକାର ପ୍ରକୃତିର ସୁରକ୍ଷା, ମତ୍ସ୍ୟ ଜୀବି ମାନଙ୍କ ପାରମ୍ପାରିକ ବେଉସା, ବେଦେଶାଗତ ପକ୍ଷୀ ଅଧିକ ଆଗମନ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଭିଜନରେ ନୂତନ ଅଧ୍ୟାୟ ସୃଷ୍ଟି କରି ପର୍ଯ୍ୟଟନର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଉଦ୍ଘାଟନୀ ସମାରୋହରେ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ପ୍ରଶାନ୍ତ କୁମାର ଜଗଦେବ, ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହି ପ୍ରଥମ ସଂସ୍କରଣରେ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ୮୧ଟି ଦେଶୀ ଡଙ୍ଗା ସମିତି ପ୍ରତି ଯୋଗିତାରେ ସାମିଲ ହୋଇଛନ୍ତି। ଆଜି ଉଦ୍ଘାଟନୀ ଦିବସରେ ୪୫ଟି ଦଳ ଅଂଶ ଗ୍ରହଣ କରିଥିଲେ। ୭୦୦ ମିଟର ଜଳରାଶିରେ ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଦଳ ଚୂଡାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ସୁରକ୍ଷା ନିମନ୍ତେ ଅଗ୍ନିଶମ ସେବା, ସ୍କୁବା ଡ୍ରାଇଭର, ଓଡରାଫ, ପୁଲିସ ପ୍ରଶାସନ,ସମସ୍ତେ ସେବା ଯୋଗାଇ ଦେବା ପାଇଁ ନିୟୋଜିତ ହୋଇଛନ୍ତି।

## ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ପ୍ରାଚୀ ଜଳ ସମ୍ପଦ ବିଭାଜନ ଅଧୀନସ୍ଥ ପ୍ରତାପନଗରୀ, ମୁଣ୍ଡଳୀ, ବାଲିଅନ୍ତା, କଣ୍ଟାପଡ଼ା ଓ ନିଆଳି ସବ ଡିଭିଜନ ସ୍ତରରେ ଥିବା ସମସ୍ତ ପାଣି ପଞ୍ଚାୟତ କର୍ମକର୍ତ୍ତା ମାନଙ୍କୁ ନେଇ ଡିଭିଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଚୀ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ରଘୁନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକ୍ଷଣ ଯନ୍ତ୍ରୀ କଲ୍ୟାଣବ୍ରତ ମିଶ୍ର, ଇଞ୍ଜିନିୟର ଅଜୟ କୁମାର ବେହେରା, ଇଞ୍ଜିନିୟର ସିଦ୍ଧାନ୍ତ ଷଡ଼ଙ୍ଗୀ, ଇଞ୍ଜିନିୟର ସୁଧାକର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପାଣି ପଞ୍ଚାୟତ ପକ୍ଷ ପାଳନରେ ବକ୍ତବ୍ୟ ରଖିଥିଲେ। ଏଥିରେ ପାଣି ପଞ୍ଚାୟତ ପକ୍ଷରୁ ଲଳିତ କୁମାର ଦାଶ, ସମରେନ୍ଦ୍ର ହାତୀ, ଅଲେଖ ମହାଭୋଇ, ସୋମନାଥ ଦାସ, ସତ୍ୟରଞ୍ଜନ ବେହେରା, ଦାମୋଦର ସାହୁ ପ୍ରମୁଖ ପାଣି ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ। ଏହି ସଭାରେ ୧୫ ଟି ହାଇସ୍କୁଲର ଛାତ୍ରଛାତ୍ରୀ ପାଣି ପଞ୍ଚାୟତର ପକ୍ଷ ପାଳନ ଉପରେ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ଫୁଲତୋଡା ଦେଇ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଇଞ୍ଜିନିୟର ସତ୍ୟବ୍ରତ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# 'ଗୁରୁ କେବଳ ବିଦ୍ୟାଦାତା ନୁହଁନ୍ତି, ଗୁରୁ ଶିଷ୍ୟଙ୍କୁ ପଥପ୍ରଦର୍ଶନ କରିଥାନ୍ତି'

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜର ସହଯୋଗୀ ସଂଗଠନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଜୟଦେବ ଭବନ ସଭାଗୃହରେ ଗୁରୁପ୍ରଣାମ ମହୋତ୍ସବର ରଜତ ଜୟନ୍ତୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଗୁରୁ କେବଳ ବିଦ୍ୟାଦାତା ନୁହଁନ୍ତି, ଗୁରୁ ଶିଷ୍ୟଙ୍କୁ ପଥ ପ୍ରଦର୍ଶନ କରିଥାନ୍ତି। ଗୁରୁ ପ୍ରଣାମ ମହୋତ୍ସବର ଆୟୋଜକ ତଥା କାର୍ଯ୍ୟକ୍ରମର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଗୁରୁ ପ୍ରଣାମ ମହୋତ୍ସବ ସମାଜର ବିଶୃଙ୍ଖଳିତ ଯୁବସମାଜ ପାଇଁ ଏକ ନୂତନ ବାର୍ତ୍ତା ଦେବ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବାଦର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ଆଜିର ଯୁବସମାଜ କେକ୍ କାଟି ଜନ୍ମଦିନ ପାଳନ କରୁଥିବା ବେଳେ ଗୁରୁ ପ୍ରଣାମ ଉତ୍ସବରେ ଗୁରୁମାନଙ୍କୁ ସାମାଜିକ ସ୍ୱୀକୃତି ଦେବା ପାଇଁ ଡଃ ଜ୍ଞାନେନ୍ଦ୍ରଙ୍କ ଏହି କାର୍ଯ୍ୟକ୍ରମ

**ଗୁରୁପ୍ରଣାମ ମହୋତ୍ସବ**

ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିବ।

ମୁଖ୍ୟବକ୍ତା ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି କହିଲେ ଯେ, ଆଜିର ସମାଜ ବାପାମା'ଙ୍କୁ ଓ ଗୁରୁଙ୍କୁ ଠିକଣା ଭାବେ ସମ୍ମାନ ଦେଉନଥିବା ବେଳେ ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ହେବ ବୋଲି ସେ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟର ଚଳନ୍ତି ଇତିହାସ ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ ଓ ଗାୟକ ସାମନ୍ତ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କୁ ଗୁରୁ ପ୍ରଣାମ ସମ୍ମାନ-୨୦୨୬ରେ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମକୁ ସ୍ୱାମୀ ବ୍ରହ୍ମାନନ୍ଦ, ମହନ୍ତ




ରାମକୃଷ୍ଣ ଦାସ ମହାରାଜ, ପ୍ରଦ୍ୟୁମ୍ନ ଶତପଥି, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାଲ୍ ଓ ସ୍ମୃତିଫଳକରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବା ରାମକୃଷ୍ଣ ଦାସ ମହାରାଜ, ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ, ବାବା ଶ୍ରୀ ଅଭିରାମ ସରସ୍ୱତୀ, ବାବା ବାଳକାନନ୍ଦ ଦାସ, ବାବା ଶ୍ରୀ ବିଶ୍ୱନାଥ ଦାସ, ସ୍ୱାମୀ ଆନନ୍ଦରାଜା, ସ୍ୱାମୀ ଅଶୋକାନନ୍ଦ ମହାରାଜ, ସ୍ୱାମୀ ବୀରେଶାନନ୍ଦ ମହାରାଜ, ବାବା ପ୍ରଣବାନନ୍ଦ ଦାସ, ବାବା ଶ୍ରୀ ରାଧେଶ୍ୟାମ ଦାସ (ରାଜୁଭାଇ), ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ରାମାୟଣୀ ଶ୍ରୀ ପ୍ରଫୁଲ୍ଲ ବାବା, ଶ୍ରୀମତୀ ବିଚିତ୍ରା ରଥ, ଶ୍ରୁତିପ୍ରିୟ ବାନପ୍ରସ୍ଥି, ମା'ଋତୁମ୍ଭରା ବାନପ୍ରସ୍ଥି, ପ୍ରଫେସର ଡ଼ଃ ବୁଦ୍ଧଦେବ ମିଶ୍ର, ନିରଞ୍ଜନ ପଟ୍ଟନାୟକ, ଡ଼ଃ ବ୍ରଜବନ୍ଧୁ ପଣ୍ଡା, ନରେନ୍ଦ୍ର କୁମାର ମିଶ୍ର, ପାରେଶ୍ୱର ଖଣ୍ଡାୟତରାୟ, ଡଃ ବଦ୍ରୀନାଥ ପଟ୍ଟନାୟକ, ପଣ୍ଡିତ ବିନୋଦ ବିହାରୀ ଦାସ, ଡଃ. ବିଭୂତି ଭୂଷଣ ଜେନା, ଡଃ ଶମ୍ଭୁ ପାଣିଗ୍ରାହୀ ଓକିଲ, ଡଃ ପ୍ରଫୁଲ୍ଲ କୁମାର ମିଶ୍ର, ଡଃ ମନୋଜ ଲେଙ୍କା, ପଣ୍ଡିତ କାହ୍ନୁ ଚରଣ ପଣ୍ଡା, ବିଧାନ ଚନ୍ଦ୍ର ଜେନା, ଡ଼ଃ ବାବାଜୀ ଚରଣ ଦାସ, ଶ୍ରୀ ଜଗନ୍ନାଥଙ୍କ ସେବାୟତ ଜିତେନ୍ଦ୍ର ମହାପାତ୍ର, ମନୋଜ ରଥ, ଅମରେନ୍ଦ୍ର ମହାପାତ୍ର, ସହଦେବ ଜୟସିଂ, ଭାରତ ଭୂଷଣ ଜଗଦେବ, ଆର୍ଯ୍ୟ ଧର୍ମରାଜ, ଡଃ ପ୍ରମୋଦ ଆର୍ଯ୍ୟ, ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ନିଖିଳ ଉତ୍କଳ ଶ୍ରୀଜଗନ୍ନାଥ ପାଲା ଗାୟକ ସଂଘ ପକ୍ଷରୁ ସତ୍ୟନାରାୟଣ ସମ୍ମାନ ଅନୁଷ୍ଠାନର ସଭାପତି ଡଃ ମଦନ ମୋହନ ଜେନା ଓ ସମ୍ପାଦକ ବସନ୍ତ କୁମାର ରାଉତ ମୁଖ୍ୟ ଅତିଥି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ମାନପତ୍ର ଓ ଫଳକ ପ୍ରଦାନ କରାଇଥିଲେ।

ଜ୍ୟୋତିଷାଚାର୍ଯ୍ୟ ଦିନ ପାଞ୍ଜି ଓ ସ୍ୱନକ୍ଷତ୍ର ଘୋଷଣା ପରେ ଶ୍ରୀ ଅନନ୍ତ ବଳିଆ ବୈଦିକ ବିଦ୍ୟାପୀଠମ୍‌ର ବ୍ରହ୍ମଚାରୀମାନେ ବେଦପାଠ କରିବା ପରେ ପଣ୍ଡିତ କାହ୍ନୁଚରଣ ପଣ୍ଡା, ପାଲାଚାର୍ଯ୍ୟ ନାରାୟଣ ଶୁକ୍ଳା ଓ ପଣ୍ଡିତ ବିନୋଦ ବିହାରୀ ଦାଶ ସାମୂହିକ ଆରତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବୟିତ୍ରୀ ସବିତା ଶୁକ୍ଳା ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ସ୍ନିଗ୍ଧା ଏକାଡ଼େମୀର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଆନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ଶ୍ରୀ ରାମକୃଷ୍ଣ ଆଶ୍ରମ, କଳାହାଣ୍ଡିର ଛାତ୍ରମାନେ ବୀରବାଦ୍ୟ ଘୁମୁରା ପରିବେଷଣ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। କୀର୍ତ୍ତନଗୁରୁ ମାଧବ ବେହେରାଙ୍କ ଶିଷ୍ୟମାନେ ନଦିଆ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଆରାଧାନା ଏକାଡ଼େମୀର କୁନି କୁନି ପିଲାମାନେ ମନମୁଗ୍ଧକର ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବାବା ପ୍ରଣବାନନ୍ଦ ଦାସ (ମନୁଭାଇ) ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଭାତ ପାଣିଗ୍ରାହୀ, ବରୁଣରାଜ, ସନ୍ତୋଷ ଲେଙ୍କା, ବ୍ରଜବିହାରୀ ନାୟକ ଓ ରାକେଶ କୁମାର ବେହେରା ସହଯୋଗ କରିଥିଲେ।

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 7th January, 2026 Wednesday | RNI Regd. No. ODIODI/2009/28880

## କ'ଣ ସବୁ ଖାଇଲ ?




ଦୀର୍ଘ ସମୟ ଅପେକ୍ଷା କରିବା ପରେ ପ୍ରେମିକା ଫୋନ୍ ଲଗାଇ ପ୍ରେମିକକୁ ଖୁବ୍ ଅଭିମାନ ଭରା ଗଳାରେ କହିଲା- ତମେ ଏତେ ଡେରି କ'ଣ କରୁଛ ମ? ଆମେ ପରା ଆଜି 'ଲଭ୍ ଏଟ୍ ଫାଷ୍ଟ ସାଇଟ୍' ହୋଟେଲ୍‌ରେ ଡିନର କରିଥାନ୍ତେ ?

ପ୍ରେମିକ କହିଲା- ମୁଁ କ'ଣ କରିବି ? ମୋ ବସ୍ ମତେ ଖାଇବା ପାଇଁ ଅଟକାଇଦେଲେ। ତେଣୁ ଡେରି ହୋଇଗଲା।

ପ୍ରେମିକା ପଚାରିଲା- କ'ଣ ସବୁ ଖାଇଲ ?

ପ୍ରେମିକ କହିଲା- ଖାଲି ଗାଳି... !

# ନଡ଼ାରେ ନିଆଁ: ବାୟୁ ମଣ୍ଡଳ ପ୍ରଦୂଷିତ

**ଭୁବନେଶ୍ୱର,୬।୧: ତଥ୍ୟ**

ଓଡିଶାରେ ବାୟୁ ପ୍ରଦୂଷଣ ଅତି ଖରାପ ସ୍ତରକୁ ଯାଇଥିବାବେଳେ ଏହାର ପ୍ରତିକାର ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ପାରୁନାହିଁ। ବିଶେଷକରି କମ୍ବାଇନଡ୍ ହାର୍ଭେଷ୍ଟର (ଧାନ କଟା ଯନ୍ତ୍ର)ରେ ବିଲରେ ଧାନ ଅମଳ ସହଜରେ ଓ ଶସ୍ତାରେ ହେଉଥିବାରୁ ଚାଷୀମାନେ ଧାନ ଆଣି ପରିତ୍ୟକ୍ତ ନଡାରେ ନିଆଁ ଲଗାଇ ଦେବାରୁ ବାୟୁମଣ୍ଡଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି।

ଉତ୍ତରପ୍ରଦେଶ, ହରିଆନା, ପଞ୍ଜାବ ଭଳି ରାଜ୍ୟରେ ଏହିଭଳି ଧାନ ଓ ଗହମ ଉତ୍ପାଦନ ପରେ ଚାଷୀମାନେ ବିଲରେ ନିଆଁ ଲଗାଇଦେବା କାରଣରୁ ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ମଧ୍ୟ ବର୍ଷ ବର୍ଷ ଧରି ପ୍ରଦୂଷିତ ହୋଇଆସୁଛି। ଏଥିଘେନି ସୁପ୍ରିମକୋର୍ଟ ବାରମ୍ବାର ତାଗିଦା କରିବା ସତ୍ତ୍ୱେ ବି ପରିସ୍ଥିତିରେ ସୁଧାର ଆସୁନାହିଁ।

ଆଗେ ଗାଁ ଗହଳରେ ସଂଖ୍ୟାଧିକ ଘର ଚାଳଛପର ଥିଲା। ତେଣୁ ନଡା ଉପରେ ବେଶ୍ ଚାହିଦା ରହୁଥିଲା। ଏହାଛଡା ଘରେ ଘରେ ବଳଦ ଗାଈ ଇତ୍ୟାଦି ରହୁଥିବାରୁ ସେମାନଙ୍କ ପାଇଁ କୁଟା ଦରକାର ହେଉଥିଲା। ତେଣୁ ଧାନକାଟିବା ସହ ଚାଷୀମାନେ ନଡା ସଂଗ୍ରହ କରୁଥିଲେ ଏବଂ ଧାନ ବେଙ୍ଗଳା ପକାଇ କୁଟା ଗଦାମାଡି ରଖୁଥିଲେ। ଏହାଛଡା ଧାନ ସଂରକ୍ଷଣ ପାଇଁ କୁଟାରେ ଓଳିଆ ତିଆରି ହେଉଥିଲା।

ଏବେ କିନ୍ତୁ ଗାଁ ଗହଳରେ ବି ପ୍ରାୟ ଚାଳଘର ଦେଖିବାକୁ ମିଳୁନାହିଁ। କୃଷି ଶ୍ରମିକ ଖଟାଇବାରେ ଅଧିକ ଖର୍ଚ୍ଚ ହେଉଥିବାରୁ କୃଷକମାନେ ଯାନ୍ତ୍ରିକ କୃଷିକୁ ଆପଣାଇ ଟ୍ରାକ୍ଟରରେ ବିଲ ହଳ କରିବାଠାରୁ ଆରମ୍ଭକରି କମ୍ବାଇନଡ୍ ହାର୍ଭେଷ୍ଟରରେ ବିଲରେ ଧାନ ଅମଳ କରି ନେଇ ଆସୁଛନ୍ତି ଏବଂ ତାହାକୁ ଅଖାରେ ଭର୍ତ୍ତିକରି ବିକ୍ରିପାଇଁ ମଣ୍ଡିକୁ ନେଉଛନ୍ତି। ଫଳରେ ନଡା ଓ କୁଟାର ଚାହିଦା କମିଯାଉଛି।



କୃଷକମାନେ କହୁଛନ୍ତି ଯେ ନଡା ଉପଯୋଗ କରି କେବଳ ଛତୁଚାଷ କରିହେଉଛି। କିନ୍ତୁ ବିଲରେ ପଡି ରହୁଥିବା ନଡା, କୁଟା ଆଦିକୁ କମ୍ପୋଷ୍ଟ ଖତରେ ପରିଣତ କରିବାକୁ କିଛି ବ୍ୟବସ୍ଥା ନାହିଁ। ତେଣୁ ଜମି ଚାଷ କରିବା ପୂର୍ବରୁ ବିଲରେ ହିଁ ନଡା କୁଟା ଆଦିକୁ ଚାଷୀମାନେ ଜାଳିବାକୁ ବାଧ୍ୟ ହେଉଛନ୍ତି।

ବିଲରେ ନଡା ଜଳାଯିବା ଫଳରେ ଚାଷଜମିର ଉର୍ବରତା ହ୍ରାସପାଉଛି। ଜିଆ ଭଳି ଯେଉଁ ଆମିଓବାମାନେ ପ୍ରାକୃତିକ ଉପାୟରେ ମାଟିକୁ ତଳ ଉପର କରି ଉର୍ବର କରୁଥିଲେ ସେମାନଙ୍କ ବଂଶ ବୁଡିଯାଉଛି। ଏଣେ ଗାଈ ବଳଦଙ୍କ ସଂଖ୍ୟା କମୁଥିବାରୁ ଚାଷଜମି ପାଇଁ ପର୍ଯ୍ୟାପ୍ତ ପରିମାଣର ଗୋବରଖତ ମିଳୁନାହିଁ। ଫଳରେ ରସାୟନିକ ସାର ଓ କୀଟନାଶକକୁ ଭରସା କରି ଚାଷକାର୍ଯ୍ୟ ଚାଲୁଛି।

ଓଡିଶାରେ ଚାଷୀମାନେ ଅଧିକ ପରିମାଣର ଧାନଚାଷ କରୁଛନ୍ତି। କିନ୍ତୁ ଆଳୁ,ପିଆଜ, ଅଦା ଭଳି ମସଲା ଜାତୀୟ ପନିପରିବା ଓ ଆଖୁ, ଡାଲି, ତୈଳବୀଜ ଭଳି ଅର୍ଥକରୀ ଫସଲ ଅଧିକ ପରିମାଣରେ ରାଜ୍ୟରେ ଚାଷ କରାଯାଉନାହିଁ। ଏଥିଲାଗି ଓଡିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ପ୍ରତି ଗାଁରେ ଯଦି ଚାଷ ଜମିଗୁଡିକର ଠିକଣା ସର୍ଭେ କରାଯାଇ କେଉଁ ଜମିରେ କେଉଁ କିସମର ଅର୍ଥକରୀ ଫସଲ ଅଧିକ ପରିମାଣରେ ଫଳାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କଲେ ରାଜ୍ୟର ଅର୍ଥନୀତି ବିକଶିତ ହେବା ସହିତ ଲୋକଙ୍କ ଆର୍ଥିକ ସମସ୍ୟା ବି ମେଣ୍ଟିପାରନ୍ତା ଏବଂ ଏଥିଯୋଗୁଁ ନଡାପୋଡି ସମସ୍ୟା ବନ୍ଦହୋଇ ବାୟୁ ପ୍ରଦୂଷଣର ଅନ୍ୟତମ ଉତ୍ସକୁ ରୋକାଯାଇ ପାରନ୍ତା ବୋଲି କୃଷି ବିଶେଷଜ୍ଞ ଓ ପରିବେଶବିଜ୍ଞାନୀମାନେ କହୁଛନ୍ତି।

## ନିଜ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିସିବିକୁ କହିଲା ଆଇସିସି



**ମୁମ୍ବାଇ,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଇପିଏଲ ଦଳ କେକେଆରରୁ ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁର ରେହମାନଙ୍କୁ ବାଦ ଦିଆଯିବା ପରେ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ (ବିସିସିଆଇ) ଓ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ଏପରିକି ଆସନ୍ତା ଟି-୨୦ ବିଶ୍ୱକପରେ ଖେଳିବାକୁ ବାଂଲାଦେଶ ଦଳ ଭାରତ ଆସିବ ନାହିଁ ବୋଲି ନିଷ୍ପତ୍ତି ନେଇଛି ଓ ନିଜର ସମସ୍ତ ମ୍ୟାଚକୁ ଶ୍ରୀଲଙ୍କାକୁ ସ୍ଥାନାନ୍ତରୀତ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ଲିଖିତଭାବେ ଜଣାଇଛି।

ବିସିବିର ଏହି ଅନୁରୋଧ ପରେ ଆଇସିସି ଅକଳରେ ପଡ଼ିଯାଇଛି। କାରଣ ଟି-୨୦ ବିଶ୍ୱକପ ଆଉ ମାତ୍ର ଏକ ମାସ ଥିବାବଳେ ଏତେ କମ ସମୟ ମଧ୍ୟରେ ମ୍ୟାଚଗୁଡ଼ିକର ସ୍ଥାନ ବଦଳାଇବା ସମ୍ଭବ ନୁହେଁ। ଏଥିପାଇଁ ସିଡୁଲିଂ, ଲଜିଷ୍ଟିକ୍ସ ଆଦି ବିଭିନ୍ନ ସମସ୍ୟା ରହିଛି। ଏଣୁ ଭାରତରେ ନ ଖେଳିବା ସଂପର୍କିତ ନିଜର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିସିବିକୁ ଅନୁରୋଧ କରିଛି ଆସିସି।

ଏକ ଜାତୀୟ ସ୍ତରର ଇଂରାଜୀ ସମ୍ବାଦପତ୍ରରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତରେ ନ ଖେଳିବାକୁ ବିସିବିର ଆନୁଷ୍ଠାନିକ ଅନୁରୋଧ ମିଳିବା ପରେ ଆଇସିସି ପକ୍ଷରୁ ଦୁବାଇ ଓ ମୁମ୍ବାଇରେ କେତେକ ବୈଠକ ଅନୁଷ୍ଠିତ ହୋଇଛି। ଏହା ସହିତ ଆଇସିସି ଉଭୟ ବିସିସିଆଇ ଓ ବିସିବି ସହ ଯୋଗାଯୋଗରେ ଅଛି। ଉଭୟ ବୋର୍ଡ ମଧ୍ୟରେ ଦେଖାଦେଇଥିବା ବିବାଦର ସମାଧାନ ପାଇଁ ମଧ୍ୟ ଆଇସିସି ଉଦ୍ୟମ କରୁଛି।

## ଓଟିଇଟି ପରୀକ୍ଷା ଦେଇପାରିବେ ୨ବର୍ଷିଆ ବିଏଡ୍ ଛାତ୍ରୀଛାତ୍ର

**ଭୁବନେଶ୍ୱର,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦେବା ପାଇଁ ସ୍ୱତନ୍ତ୍ର ଶିକ୍ଷାରେ ଦୁଇବର୍ଷିଆ ବିଏଡ୍ କରିଥିବା ଛାତ୍ରୀଛାତ୍ରଙ୍କୁ ସୁଯୋଗ ମିଳିବ। ସେମାନେ ଓଟିଇଟି ପେପର୍-୨ ପରୀକ୍ଷା ଦେଇପାରିବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦିଆଯାଇଛି। ପୂର୍ବରୁ କେବଳ ସ୍ୱତନ୍ତ୍ର ଶିକ୍ଷାରେ ବର୍ଷିକିଆ ବିଏଡ୍ କରିଥିବା ପିଲାଙ୍କୁ ଏହି ପରୀକ୍ଷା ଦେବା ପାଇଁ ସୁଯୋଗ ମିଳୁଥିଲା। ଏହି ପରିବର୍ତ୍ତନ ଫଳରେ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟରତ ଓଡ଼ିଶା ସ୍ପେଶାଲ୍ ଏଜୁକେଶନ୍ ଫେଡେରେସନ୍ (ଓଏସ୍ଏଫ୍ଇଡି)ର ସମ୍ପାଦକ ଆୟୁଷ ଚୌଧୁରୀ କହିଛନ୍ତି।

### ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ

## ନେତୃତ୍ୱ ଓ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାର ୨୩ତମ ସଂସ୍କରଣ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଅଭିଭାଷଣ ହେଉଛି ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ଏକ ପ୍ରମୁଖ ବାର୍ଷିକ କାର୍ଯ୍ୟକ୍ରମ ଯାହା କମ୍ପାନୀର ଚିନ୍ତାଧାରା ନେତୃତ୍ୱ ଏବଂ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାର ମାଧ୍ୟମ ଅଟେ। ଏହି କ୍ରମରେ ଟାଟା ଷ୍ଟିଲ୍ ଲିମିଟେଡର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ 'ନେତୃତ୍ୱ: ରୂପାନ୍ତରର କଳା' ବିଷୟବସ୍ତୁ ଉପରେ ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରିଥିଲେ।




ପ୍ରାରମ୍ଭରେ, ବୈଠକର ଅଧ୍ୟକ୍ଷତା କରି, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନାଲକୋ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳାକୁ ଜ୍ଞାନ ଆଦାନ ପ୍ରଦାନ ଏବଂ ସାମୂହିକ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରିଥିଲେ। ସେ ନାଲକୋର ସମସ୍ତ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଅଂଶୀଦାର ଏବଂ କମ୍ପାନୀର ଦୂରଦୃଷ୍ଟିସମ୍ପନ୍ନ ପ୍ରତିଷ୍ଠାତା ନେତୃତ୍ୱଙ୍କ ପ୍ରତି ସେମାନଙ୍କର ଅଭିବୃଦ୍ଧି ଯାତ୍ରାରେ ନିରନ୍ତର ଅବଦାନ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଶ୍ରୀ ସିଂହ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲକୋର ରେକର୍ଡ ପ୍ରଦର୍ଶନ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ନିମନ୍ତେ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି ପ୍ରୟାସ ଯୋଗୁଁ କମ୍ପାନୀ ଭୌତିକ, ବିକ୍ରୟ ଏବଂ ଆର୍ଥିକ କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଉନ୍ନତି ଏକ ନିରନ୍ତର ପ୍ରକ୍ରିୟା ବୋଲି ଉଲ୍ଲେଖ କରିବା ସହ ନିରନ୍ତର ଉତ୍କର୍ଷତା ପାଇଁ ଶିକ୍ଷା, ଅନୁକୂଳନ ଏବଂ ସାଂଗଠନିକ ପ୍ରତିବଦ୍ଧତା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ପ୍ରତିଷ୍ଠା ଦିବସ ଅଭିଭାଷଣ ପ୍ରଦାନ କରି, ଟି.ଭି. ନରେନ୍ଦ୍ରନ୍ ନେତୃତ୍ୱ ପାଇଁ ପରିବର୍ତ୍ତନ, ଅନୁକୂଳନ, ସ୍ଥିରତା, ନବସୃଜନ ଏବଂ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଶିଳ୍ପ କ୍ଷେତ୍ରରେ ପ୍ରତିଦିନ ନୂଆ ଚ୍ୟାଲେଞ୍ଜର ସମ୍ଭାବନା ଥାଏ, ତେଣୁ ପରିବର୍ତ୍ତନ ଅତ୍ୟାବଶ୍ୟକ, ବିଶେଷକରି ବିଶ୍ୱ ବାଣିଜ୍ୟ ଗତିଶୀଳତା ଏବଂ ଭୂରାଜନୈତିକ ପରିସ୍ଥିତି ବ୍ୟବସାୟ ପରିବେଶକୁ ପ୍ରଭାବିତ କରିଥାଏ। ନେତୃତ୍ୱର ଭୂମିକା ଉପରେ ଆଲୋକପାତ କରି ସେ କହିଥିଲେ ଯେ, ବ୍ୟବସାୟିକ ନେତୃମଣ୍ଡଳୀଙ୍କୁ ରଣନୈତିକ ଯୋଜନା ଏବଂ ସୁଚିନ୍ତିତ ବ୍ୟବସାୟିକ ବିପର୍ଯ୍ୟୟ ପରିଚାଳନା ମାଧ୍ୟମରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଆବଶ୍ୟକ।

ଅଭିବୃଦ୍ଧି ଏକାକୀ ସମ୍ଭବ ନୁହେଁ ବୋଲି ଦର୍ଶାଇବା ସହ ଶ୍ରୀ ନରେନ୍ଦ୍ରନ୍ ସାମାଜିକ ଦାୟିତ୍ୱ ଏବଂ ଦାୟିତ୍ୱବୋଧତାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରଯୁକ୍ତିବିଦ୍ୟା ବ୍ୟବହାର ବିଷୟରେ ସେ କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ଉତ୍ପାଦକତାକୁ ବୃଦ୍ଧି କରେ ଏବଂ ନିରନ୍ତର ଦକ୍ଷତା ବିକାଶ ଏବଂ ପୁନଃ କୌଶଳୀକରଣ ମାଧ୍ୟମରେ ଏହାକୁ ଗ୍ରହଣ କରିବାକୁ ପଡ଼ିବ। କାର୍ଯ୍ୟକ୍ରମ ଶେଷରେ ଡା. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଲକୋ କର୍ମଚାରୀଙ୍କ ବ୍ୟତୀତ ବିଭିନ୍ନ ଶିଳ୍ପ ସଂସ୍ଥାର ବରିଷ୍ଠ ଅଧିକାରୀ, ସରକାରୀ ପ୍ରତିନିଧି ଏବଂ ଶିକ୍ଷାନୁଷ୍ଠାନର ସଦସ୍ୟମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

ଉଲ୍ଲେଖନୀୟ ଯେ, ନାଲକୋ ୨୦୦୨ ମସିହାରୁ ପ୍ରତିଷ୍ଠା ଦିବସ ଅଭିଭାଷଣ ଶୃଙ୍ଖଳା ଆୟୋଜନ କରିଆସୁଛି, ଯାହା ବୌଦ୍ଧିକ ସମ୍ପର୍କ ପାଇଁ ଏକ ସମ୍ମାନଜନକ ମଞ୍ଚରେ ପରିଣତ ହୋଇଛି। ସଂଗଠନ ଏବଂ ବିଭିନ୍ନ ଶିଳ୍ପ ସମୁଦାୟ ମଧ୍ୟରେ ଶିକ୍ଷା, ନବସୃଜନ ଏବଂ ଆଲୋଚନାର ସଂସ୍କୃତିକୁ ଏହି କାର୍ଯ୍ୟକ୍ରମ ପ୍ରୋତ୍ସାହିତ କରୁଛି।

## ସୋନିଆ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି



**ନୂଆଦିଲ୍ଲୀ,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସକାଳେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ତୁରନ୍ତ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନେତାମାନେ ହସ୍ପିଟାଲରେ ପହଞ୍ଚିବା ଆରମ୍ଭ କରିଛନ୍ତି। ତଦାରଖ ପାଇଁ ଡାକ୍ତରଙ୍କ ଏକ ଦଳ ନିୟୋଜିତ କରାଯାଇଛି। ତଥାପି, କଂଗ୍ରେସ ଏପର୍ଯ୍ୟନ୍ତ ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ଅଫିସିଆଲ ବିବୃତ୍ତି ଜାରି କରିନାହିଁ। ଉଲ୍ଲେଖଯୋଗ୍ୟ ଯେ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ଏବଂ ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀ ବହୁତ ଦିନ ଧରି ଅସୁସ୍ଥ ଅଛନ୍ତି। ସୋନିଆ ଗାନ୍ଧୀ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ମଧ୍ୟ ହସ୍ପିଟାଲକୁ ଯାଆନ୍ତି। ଏଥର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିବା ପରେ ତାଙ୍କୁ ହସ୍ପିଟାଲରେ ତୁରନ୍ତ ଭର୍ତ୍ତି କରାଯାଇଛି। ସୋନିଆ ଗାନ୍ଧୀ ଦୀର୍ଘ ଦିନ ଧରି ରାଜନୀତିରେ ଅଛନ୍ତି। ତାଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଲଗାତାର ଦୁଇଟି ଲୋକସଭା ନିର୍ବାଚନ ଜିତିଥିଲା। ୨୦୦୦ ଦଶକରେ କଂଗ୍ରେସ ୧୬ଟି ରାଜ୍ୟରେ ଶାସନ କରିଥିଲା। ୨୦୧୭ରେ ସୋନିଆ ଗାନ୍ଧୀ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ସେ ରାଜ୍ୟସଭାର ସଦସ୍ୟ ଅଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପିୟୁସି ଦ୍ୱନ୍ଦ୍ୱ...

ନିର୍ଦ୍ଦେଶ ହୋଇଛି। ତା'ସହ ରାଜ୍ୟ ସରକାରଙ୍କ ଠାରୁ ମଧ୍ୟ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ହାଇକୋର୍ଟ।

ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ଗାଡିର ଇନ୍ଧନ ମିଳିବ ନାହିଁ ଏବଂ ସାର୍ଟିଫିକେଟ୍ ହାସଲ କରିବାକୁ ହେଲେ ସମସ୍ତ ପୁରୁଣା ଜରିମାନା ଦେବାକୁ ହେବ ବୋଲି ପରିବହନ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରିଛି। ଯାହାକୁ ଚ୍ୟାଲେଞ୍ଜ କରି ଭୁବନେଶ୍ୱରର ବାସିନ୍ଦା ସ୍ନିଗ୍ଧା ପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଦାୟର ଆବେଦନରେ ସେ ଉଲ୍ଲେଖ କରିଛନ୍ତି ଯେ, ଯଦି କେହି ଗାଡ଼ି ଚାଳକ ନିର୍ଦ୍ଦିଷ୍ଟ ସମୟ ଭିତରେ ପ୍ରଦୂଷଣ ପ୍ରମାଣପତ୍ର କରିପାରିନାହାନ୍ତି। ତେବେ ନିୟମ ଅନୁସାରେ ତାଙ୍କ ଉପରେ ଫାଇନ କରାଯାଇପାରିବ। କିନ୍ତୁ ତେଲ ଦିଆଯିବ ନାହିଁ ବୋଲି କହିବା ଆଇନସଙ୍ଗତ ନୁହେଁ।

ସେହିପରି ପୁରୁଣା ଫାଇନ୍ ଆଦାୟ କରିବା ଲାଗି କାହାକୁ ବାଧ୍ୟ କରାଯିବା ମଧ୍ୟ ବେଆଇନ ବୋଲି ଆବେଦନକାରୀ କୋର୍ଟଙ୍କୁ ଜଣାଇଛନ୍ତି। ଏଭଳି ବ୍ୟବସ୍ଥା ନା କେନ୍ଦ୍ରୀୟ ପରିବହନ ଆଇନ ନା ରାଜ୍ୟ ପରିବହନ ଆଇନରେ ରହିଛି। ତେଣୁ ଆଇନର ଉଲ୍ଲଂଘନ କରି ମନଇଚ୍ଛା କୌଣସି ନିୟମ ଲାଗୁ କରିବା ଅସମ୍ବିଧାନିକ, ତେଣୁ ଏପରି ନିୟମକୁ ରଦ୍ଦ କରିବା ଲାଗି ଆବେଦନକାରୀ ନିଜ ପିଟିସନରେ ଦର୍ଶାଇଛନ୍ତି। ଆଜି ଉକ୍ତ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ଉଭୟ ରାଜ୍ୟ ସରକାର ଓ ପରିବହନ ଆୟୁକ୍ତଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଜିଦ୍‌ରେ ଅଟଳ...

ଧାନ ସଂଗ୍ରହ ପ୍ରକ୍ରିୟାରୁ ଓହରି ଯାଇଛନ୍ତି। ମିଲର ସଂଘ ସ୍ପଷ୍ଟ କରିଛି ଯେ, ନଭେମ୍ବର ଓ ଡିସେମ୍ବରରେ ମୌଖିକ ପ୍ରତିଶ୍ରୁତି ପାଇ ସେମାନେ କାର୍ଯ୍ୟ କରିଥିଲେ, କିନ୍ତୁ ୫ ସପ୍ତାହ ପରେ ମଧ୍ୟ ସରକାରୀ ଆଦେଶନାମା ପ୍ରକାଶ ନ ପାଇବା ଦୁର୍ଭାଗ୍ୟଜନକ।

ସଂଘର ମୁଖ୍ୟ ଦାବିଗୁଡିକ ହେଉଛି ରକ୍ଷଣାବେକ୍ଷଣ ଶୁଳ୍କ ପ୍ରଦାନ, ଅତିରିକ୍ତ ପ୍ରୋତ୍ସାହନ ରାଶି, ପରିବହନ ଖର୍ଚ୍ଚ ସଂଶୋଧନ ଏବଂ ଅରୁଆ ଚାଉଳ କ୍ଷେତ୍ରରେ ୧% 'ଡ୍ରାଇଏଜ୍' ବ୍ୟବସ୍ଥାର ପୁନଃ ପ୍ରଚଳନ। ସେପଟେ ଏହି ଅଚଳାବସ୍ଥା ଯୋଗୁଁ ବିଶେଷ କରି ପଶ୍ଚିମ ଓଡ଼ିଶାର ଚାଷୀମାନେ ଧାନ ବିକ୍ରି କରିବା ନେଇ ଏବେ ଅନିଶ୍ଚିତତା ମଧ୍ୟରେ ଅଛନ୍ତି।

ତେବେ ମଣ୍ଡିରେ ଧାନ ପଡ଼ି ରହିଥିବା ବେଳେ ବର୍ଷା ଆଗମନ ଚାଷୀଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ସେହିପରି ମିଲିଂ ବନ୍ଦ ରହିଲେ ରାଜ୍ୟରେ ଚାଉଳ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ଖାଦ୍ୟ ଯୋଗାଣ ବିଭାଗ ସମାଧାନ ପାଇଁ ସମୟ ମାଗିଥିବା ବେଳେ ମିଲର ସଂଘ ଏବେ ନିଜର ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରିବାକୁ ବୈଠକ ଡକାଇଛି।

### ସ୍ମାର୍ଟ ମିଟର...

ଶକ୍ତି ସମୀକ୍ଷକମାନଙ୍କ ମତରେ ବିତରଣ କମ୍ପାନୀ ଯୋଗାଉଥିବା ମିଟରର ଦାମ ୪ହଜାର ଟଙ୍କାରୁ ଅଧିକ ହେବନାହିଁ। ସେହିଭଳି ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ବ୍ୟବସ୍ଥା ଅନୁଯାୟୀ ଯେଉଁ ହିତାଧିକାରୀ ଚାହିଁବେ ସେମାନେ ନିଜେ ମିଟର ଖରିଦ କରିପାରିବେ। ହେଲେ ବିତରଣ କମ୍ପାନୀ କୌଣସି କାରଣରୁ ହିତାଧିକାରୀଙ୍କୁ ଏଭଳି ସୁଯୋଗ ଦେଉନାହିଁ।

କିଛି ବିଦ୍ୟୁତ୍ ଉପଭୋକ୍ତା କହିଛନ୍ତି ଯେ ସ୍ମାର୍ଟ ମିଟର ସ୍ଥାପନ ସମୟରେ ସେମାନଙ୍କୁ ୫ବର୍ଷ ପାଇଁ ମିଟର ବାବଦରେ ଅର୍ଥ ଆଦାୟ ହେବ ବୋଲି କୁହାଯାଇଥିଲା। ଏବେ ୮ବର୍ଷ ପାଇଁ ଅର୍ଥ ଆଦାୟ କରାଯାଉଛି। ପୂର୍ବରୁ ବିଦ୍ୟୁତ୍ ବିଭାଗ ଯୋଗାଇଥିବା ମିଟର ବାବଦରେ ଟଙ୍କା ଗଣିଥିବା ଉପଭୋକ୍ତା ଏବେ ପୁଣିଥରେ ମିଟର ଦେୟ ଗଣୁଛନ୍ତି। ନିଜ ସୁବିଧା ପାଇଁ ସେମାନଙ୍କ ଭଲ ମିଟରକୁ ବଦଳାଇଥିବା ବିତରଣ କମ୍ପାନୀ ଏବେ ମାସକୁ ମାସ ଅର୍ଥ ଆଦାୟ କରିବାରେ ଲାଗିଛି। ଏପରିକି ବିତରଣ କମ୍ପାନୀ ହିତାଧିକାରୀଙ୍କ ଘରେ ଲଗାଉଥିବା ସ୍ମାର୍ଟ ମିଟର କେଉଁ ସଂସ୍ଥାରୁ ଆଣିଛି ଓ ଏହାର ପ୍ରକୃତ ଦର କେତେ ତାହା ସାଧାରଣ ଉପଭୋକ୍ତାଟିର ଜାଣିବାର ସାମାନ୍ୟତମ ଅବକାଶ ରହୁନାହିଁ। ତେଣୁ ବିଦ୍ୟୁତ୍ ନିୟାମକ ଆୟୋଗ ଏଥିରେ ହସ୍ତକ୍ଷେପ କରିବା ସହିତ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା କରିବାକୁ ମତପ୍ରକାଶ ପାଉଛି।

### କେନ୍ଦ୍ରାପଡ଼ା ପାଇଁ...

ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ସରକାରଙ୍କ ସହିତ ଏମ୍ଓୟୁ ସ୍ୱାକ୍ଷର କରିବାକୁ ଯାଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରବର୍ତ୍ତୀ ସମୟରେ ନିଜର ବକ୍ତବ୍ୟ ରଖିଥିଲେ। ପିପିପି ମୋଡ଼ ରେ ୪,୦୬୨ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୫୪ ମେଟ୍ରିକ୍ ଟନ୍ ପଣ୍ୟ କାରବାର କ୍ଷମତା ସଂପନ୍ନ ଏହି ବନ୍ଦର ନିର୍ମାଣ କରାଯିବ ବୋଲି ସେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଏହି ବନ୍ଦର ଦେଇ ବାର୍ଷିକ ୨୨ ମେଟ୍ରିକ୍ ଟନ୍ ମାଲ ପରିବହନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଏହି ବନ୍ଦର ଶତ ପ୍ରତିଶତ କାର୍ଯ୍ୟକ୍ଷମ ହେଲେ ୬ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଜିଲ୍ଲାର ବିକାଶକୁ ନୂଆ ଦିଶା ମିଳିବ ବୋଲି କୁହାଯାଇଥିଲା। ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ୩ଶହ ହେକ୍ଟର ଜମି ଯୋଗାଇ ଦେବେ ଏବଂ ଆବଶ୍ୟକ ହେଲେ ସରକାର ଅତିରିକ୍ତ ଜମି ଯୋଗାଇବାକୁ ମଧ୍ୟ ସହମତି ଥିବା ପ୍ରକାଶ କରାଯାଇଥିଲା। ସେହିପରି ରାସ୍ତାଘାଟ, ରେଳଯୋଗାଯୋଗ ଆଦି ଭିତ୍ତିଭୂମିର ବିକାଶ ପାଇଁ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ରାଜି ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହି ଉଚ୍ଚ ପଦାଧିକାରୀମାନେ ପ୍ରକୃତରେ ବନ୍ଦର ପାଇଁ ସ୍ଥିତି ଅନୁଧ୍ୟାନରେ ଆସିଥାନ୍ତୁ କି ଏକ ଶୀତ ସକାଳେ ନୌଯାତ୍ରା ଅନୁଭୂତି ସାଉଁଟିବାକୁ ଆସିଥାନ୍ତୁ ତାହା ହୁଏତ ସେମାନଙ୍କୁ ଜଣାଥିଲା। କିନ୍ତୁ ସେତେବେଳ ସରକାରଙ୍କର ସର୍ବେସର୍ବା ସାଜିଥିବା ଏଡ଼େ ବଡ଼ବଡ଼ ହସ୍ତୀଙ୍କ ଆଗମନ କେନ୍ଦ୍ରମନ୍ତ୍ରୀଙ୍କ ଦୃଢୋକ୍ତି ଲୋକଙ୍କ ଭିତରେ ବନ୍ଦର ହେବା ସମ୍ଭାବନାକୁ ଅଧିକ ସୁଦୃଢ଼ କରିଥିଲା। ହେଲେ ଏତେ ସବୁ ପରେ ବି ଏଯାଏ କିଛି ହେଲା ନାହିଁ। ସରକାର ବଦଳିବା ସହିତ ବିଜେପି ସରକାର କ୍ଷମତାସୀନ ହେବାର ପ୍ରାୟ ଦେଢବର୍ଷ ପରେ ବି ଆଖଡ଼ାଶାଳୀ ବନ୍ଦର କଥା ଆଉ କେହି କହୁନାହାଁନ୍ତି। ଯାହାକୁ ନେଇ ଜିଲ୍ଲାରେ ଅସନ୍ତୋଷ ମୁଣ୍ଡ ଟେକିଛି। ବରୁଣେଇ ବନ୍ଦର ଭଳି ଆଖଡ଼ାଶାଳୀରେ ବନ୍ଦର କ'ଣ କେବଳ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ପାଇଁ ଧୂଆଁବାଣ ହୋଇ ରହିଯିବ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି।

### ନାବାଳିକା...

ଉଲ୍ଲେଖଯୋଗ୍ୟ ଯେ, ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବା ପରେ ମହିଳା ଏବଂ ଶିଶୁଙ୍କ ବିରୋଧରେ ଘଟୁଥିବା ଅପରାଧର ତ୍ୱରିତ ବେଗରେ ତଦନ୍ତ ଏବଂ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଦଣ୍ଡାଦେଶ ହାର ମଧ୍ୟ ବୃଦ୍ଧି ପାଇଛି।

ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବରଗଡ଼ ଜିଲ୍ଲା ଏସପିଙ୍କ ସମେତ ସରକାରୀ ଓକିଲ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବାପରେ ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି।

### ବିଡିଓଙ୍କୁ ଆକ୍ରମଣ...

କରିବା ଦାବୀ କରି ଜିଦରେ ଅଟଳ ରହିଛନ୍ତି। ଗଣଧାରଣା ଥିବାରୁ ବିଜେଡି ନେତାମାନେ ସନ୍ଧ୍ୟାରେ ଉଠି ଯାଇଥିଲେ। ବୁଧବାର ଦିନ ପୁନର୍ବାର ଧାରଣା ଚାଲୁ ରହିବ ବୋଲି ବ୍ଲକ ବିଜେଡି ସଭାପତି ଶ୍ରୀ ରାଉତ ଘୋଷଣା କରିଥିଲେ। ସୂଚନା ଥାଉକି, ଚଳିତ ମାସ ୨ତାରିଖ ମଙ୍ଗଳବାର ଦିନ ପ୍ରାୟ ୧୧ଟା ସମୟରେ ବିଜେପି ନେତା ଶ୍ରୀ ବେହେରାଙ୍କ ସହିତ କିଛି ସରଂପଚ, ସମିତି ସଭ୍ୟ ଓ ଦଳୀୟ କର୍ମୀମାନେ ବିଡିଓଙ୍କ କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ କାମ ସଂପର୍କରେ ଆଲୋଚନା କରିବାକୁ ଯାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବିଡିଓଙ୍କ କମ୍ପୁଟର ମନିଟର ଉଠାଇ ଫିଙ୍ଗିବା ସମୟରେ ଦଳୀୟ ନେତା ଓ କର୍ମୀମାନେ ଧରି ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ଯାହାକୁ ନେଇ ବିଜେଡି ସମର୍ଥୀତ ସରଂପଚ, ସମିତି ସଭ୍ୟ ଓ ନେତାମାନେ ଅଭିଯୁକ୍ତମାନଙ୍କୁ ଗିରଫ ଦାବୀକରି ରାସ୍ତାରୋକ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ। ଏହି ଘଟଣାରେ ପଚାଂୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ବିଜେପି ନେତା ଶ୍ରୀ ବେହେରାଙ୍କ ସହ ୩୦ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ କେଶ ନଂ- ୩/୨୬ରେ ଦଫା- ୨୨୧/ ୧୩୨/ ୨୯୬/ ୧୧୫(୨)/ ୩୫୧(୨)/ ୩୫ ବିଏନଏସରେ ମାମଲା ରୁଜୁ କରି ଚୁପ ବସିଛି।

## ଜିଓଟ୍ୟୁବ୍ ନିଆଁ ଲିଭିବାର ନାଁ ଧରୁନି

**ରାଜନଗର,୬।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ୫୬ଟି ସମୁଦ୍ରକୂଳିଆ ଗାଁକୁ ସୁରକ୍ଷା ଦେବା ପାଇଁ ପେଣ୍ଠଠାରେ ୩୨କୋଟି ୯୫ଲକ୍ଷ ୯୨ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଜିଓଟ୍ୟୁବ୍‌ରେ ଚତୁର୍ଥଥର ରବିବାର ଦିନ ନିଆଁ ଲାଗିଥିଲେ ମଧ୍ୟ ଲିଭିବାର ନାଁ ଧରୁନି। ମଙ୍ଗଳବାର ଦିନ ପେଣ୍ଠ ଗ୍ରାମର ଲୋକମାନଙ୍କଠାରୁ ଅଗ୍ନିଶମ ବାହିନୀ ଖବର ପାଇ ସମୁଦ୍ର କୂଳରେ ଥିବା ଗ୍ୟାବିୟନ ବକ୍ସ ଭିତରୁ ଧୂଆଁ ବାହାରୁଥିବା ଦେଖି ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ପାଇଁ ପୁନର୍ବାର ପାଣି ସହ ଫୋମ ବ୍ୟବହାର କରିଥିଲେ। ତଟବନ୍ଧ ବିଭାଗ କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ଘଟଣାସ୍ଥଳରେ ପହଂଚି ଜେସିବି ଡକାଇ ଜଉଦିଆ ପାର୍ଶ୍ୱରୁ ଗ୍ୟାବିୟନ ବକ୍ସଗୁଡିକୁ(ପଥର) କାଢିବା ପରେ ଦୀର୍ଘ ସମୟ ଧରି ଅଗ୍ନିଶମ ବାହିନୀ ଚେଷ୍ଟା କରିବା ପରେ ନିଆଁ ଆୟତ ହୋଇଥିଲା। ସୋମବାର ସକାଳୁ ଜିଓଟ୍ୟୁବରେ ନିଆଁ ଲାଗିଥିବା ନେଇ ପେଣ୍ଠ ଗ୍ରାମବାସୀ ଅଗ୍ନିଶମ ବାହିନୀ ଓ ତଟବନ୍ଧ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ପାଣି ପକାଇ ଆୟତ ହୋଇଥିବା ଭାବି ଚାଲି ଆସିଥିଲେ। ଗ୍ୟାବିୟନ ବକ୍ସ ଭିତରେ ନିଆଁ ଲାଗିଥିବା ଦଉଡି ଜଳିଯାଇଛି। ଜିଓଟ୍ୟୁବରେ ନିଆଁ କେହି ଦୁର୍ବୃତ୍ତ ସିଗାରେଟ ଟାଣି ଗ୍ୟାବିୟନ ବକ୍ସ ଉପରେ ଜଳନ୍ତା ସିଗାରେଟକୁ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ଦୁଇଦିନ ନିଆଁ ଜଳିବା ପରେ ପୁନର୍ବାର ଅଗ୍ନିଶମ ବାହିନୀ ନିଆଁକୁ ଲିଭାଇବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

ଏନେଇ କନିଷ୍ଠ ଯନ୍ତ୍ରୀ ଇଂ ମଲ୍ଲଙ୍କୁ ପଚାରିବାରୁ ସୋମବାର ଦିନ ସକାଳୁ ପେଣ୍ଠ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ପହଂଚି ଅଗ୍ନିଶମ ବାହିନୀକୁ ଡକାଇଥିଲୁ। ଅଗ୍ନିଶମ ବାହିନୀ ୮ଘଟାଂରୁ ଉର୍ଦ୍ଧ୍ୱ ପାଣି ପକାଇବା ପରେ ରାତି ହେବାରୁ ଆଉ ଧୂଆଁ ଦେଖିବାକୁ ମିଳିନଥିଲା। ଆମେ ଚାଲି ଯାଇଥିଲୁ। ମଙ୍ଗଳବାର ସକାଳୁ ପୁନର୍ବାର ଖବର ପାଇ ପହଂଚି କିଛି କିଛି ସ୍ଥାନରେ ଧୂଆଁ ବାହାରୁଥିବା ଦେଖି ଅଗ୍ନିଶମ ବାହାନୀକୁ ଡକାଇଥିଲୁ। ସିନ୍ଥେଟିକ ଦଉଡିଗୁଡିକ ଭିତରେ ଲାଗି ଯାଇଥିବାରୁ ଜାଣିବା କଷ୍ଟକର ହେଉଛି। ଜେସିବି ସହାୟତାରେ କିଛି ପଥର କାଢିବା ପରେ ଧୂଆଁ କମିଛି। ଏହା ଏକ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି।

ଏହାବ୍ୟତୀତ ଅନେକ ସମୟରେ ଦୁର୍ବୃତମାନେ ବିଳମ୍ବିତ ରାତିରେ ନିଶାଦ୍ରବ୍ୟ ସେବନ କରିବା ସହ ସିଗାରେଟ ଟାଣି ଫୋପାଡି ଦେଉଛନ୍ତି। ସେମାନଙ୍କୁ ଜିଓଟ୍ୟୁବ ଉପରକୁ ନଆସିବା ପାଇଁ ଉପରିସ୍ଥ ଅଧିକାରୀମାନଙ୍କ ସହିତ ଆଲୋଚନା କରି ସ୍ଥାୟୀ ପ୍ରତିକାର କରାଯିବ ବୋଲି କହିଛନ୍ତି। ରାଜନଗର ସହକାରୀ ଅଗ୍ନିଶମ ଅଧିକାରୀ ରୋହିତକୁମାର ନାୟକ କହିଛନ୍ତି ଯେ, ସିନ୍ଥେଟିକ ଦଉଡିଗୁଡିକ ଭିତରେ ନିଆଁ ଲାଗିଥିବାରୁ ଆମେ ଉପରେ ଯେତେ ପାଣି ପକାଇଲେ ମଧ୍ୟ ଲାଭ ମିଳିଲା ନାହିଁ। ଆମକୁ ଦ୍ୱିତୀୟ ଦିନ ଆସିବାକୁ ପଡିଛି। ବହୁତ ଗଭୀର ଭିତରେ ନିଆଁ ଲାଗିଥିବାରୁ ପାଣି ସହ ଫୋମର ବ୍ୟବହାର କରୁଛୁ। ଆଶା ଏଥର ନିୟନ୍ତ୍ରିତ ହୋଇଯିବ। ସୂଚନା ଥାଉକି, ୨୦୧୮ମସିହାରେ ଏହି ଜିଓଟ୍ୟୁବରେ ନିଆଁଲାଗି ପୋଡି ଯାଇଥିଲା। ଦ୍ୱିତୀୟଥର ନିଆଁ ଲାଗିବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଲିଭାଇଥିଲେ ମଧ୍ୟ ୨୦ମିଟର ଜିଓଟ୍ୟୁବକୁ ଆଚ୍ଛାଦନ ବା ଘୋଡେଇ ରଖିଥିବା ଗ୍ୟାବିୟନ ବକ୍ସର ଦଉଡିଗୁଡିକ ଜଳି ଯାଇ ପଥର ଖଣ୍ଡଗୁଡିକ ବାହାରି ଯାଇଥିଲା। ତୃତୀୟ ଥର ନିଆଁ ଲାଗିବା ଘଟଣା ବିଭାଗୀୟ ଅଧିକାରୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା।

ଏବେ ଚତୁର୍ଥ ଥର ନିଆଁ ଲାଗିବା ପରେ ଜିଓଟ୍ୟୁବ ବା ସି-ୱାଲ ଅସୁରକ୍ଷିତ ହୋଇପଡିଛି। ସ୍ମରଣ ଯୋଗ୍ୟ, ୨୦୦୮ମସିହା ଅଗଷ୍ଟ ୭ ତାରିଖରେ ପେଣ୍ଠଠାରେ ସରକାର ସିୱାଲ ନିର୍ମାଣ କରିବାକୁ ଘୋଷଣା କରିଥିଲେ। ୨୦୦୯ଜାନୁଆରୀ ୩୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପୁନେର ଗାରଓୟାର ୱାଲ ଲିମିଟେଡ ଏହି କାର୍ଯ୍ୟ କରିଥିଲା। ଏହି ଯୋଜନା ଆମେରିକା, ହଲାଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜଲାଣ୍ଡରେ ସଫଳ ହେବା ପରେ ଭାରତରେ ପ୍ରଥମେ ହାଇଦ୍ରାବାଦ ଓ ପରବର୍ତ୍ତୀ ସମୟରେ ପେଣ୍ଠରେ ଦ୍ୱିତୀୟ ଥର କାର୍ଯ୍ୟକାରୀ ହୋଇଥିଲା।

## କେନ୍ଦ୍ରାପଡାରେ ଆରମ୍ଭ ହେଲା ରାଜ୍ୟସ୍ତରୀୟ ପୁସ୍ତକ ମେଳା

**କେନ୍ଦ୍ରାପଡ଼ା,୬।୧: ଏକ୍ସପ୍ରେସ୍ ନ୍ୟୁଜ୍**

୨୩ ତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳା ସ୍ଥାନୀୟ ମହିପାଳ ସ୍ଥିତ ଟେଲିକମ ପଡିଆରେ ଉଦଘାଟିତ ହୋଇଯାଇଛି। କେନ୍ଦ୍ରାପଡା ଜିଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ବଳଦେବଜୀଉଙ୍କ ଫଟୋ ଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁସ୍ତକ ମେଳାକୁ ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଜିଲାପାଳ ଲେଖକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହିତ ଲେଖାଲେଖି ଏକ କଠିନ ତଥା ଶ୍ରେଷ୍ଠ ସୃଜନକର୍ମ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାତଭାୟା ସମ୍ପର୍କରେ ଏକ ତଥ୍ୟ ଭିତ୍ତିକ ଅନୁଶୀଳନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ମୋବାଇଲ ଛାଡି ପୁସ୍ତକ ପଠନ ପ୍ରତି ଆଗ୍ରହ ପ୍ରକାଶ କରିବା ଉଚିତ୍ ବୋଲି ସେ ମଧ୍ୟ ପରାମର୍ଶ ଦେଇଥିଲେ। ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ସୁଭାଷ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକମେଳା ଉତ୍ତରପିଢି ମଧ୍ୟରେ ବହି ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ଏକ ଜାତିକୁ ସମୃଦ୍ଧ ଓ ସଂସ୍କୃତି ସମ୍ପନ୍ନ କରିଥାଏ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର ଶରତ କୁମାର ପଳିତା କେନ୍ଦ୍ରାପଡାର ସାତଭାୟା ସମଗ୍ର ବିଶ୍ୱର ଜନଜୀବନ ପାଇଁ ଏକ ବଳିଷ୍ଠ ବାର୍ତ୍ତା ବହନ କରେ ବୋଲି କହିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଆଇଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡକ୍ଟର ତାରାକାନ୍ତ ନାୟକ ସାହିତ୍ୟରେ ସାଧାରଣ ଲୋକଙ୍କ ଭାଗୀଦାରୀ ସାହିତ୍ୟକୁ କାଳଜୟୀ କରେ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ଲେଖିକା ଓ ସମ୍ପାଦିକା- "ତୀରତରଙ୍ଗ" ବନ୍ଦନା ମିଶ୍ର ଗ୍ରାମାଂଚଳର ପୁସ୍ତକମେଳା ଏକ ଆନ୍ଦୋଳନ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଇଂ ଅକ୍ଷୟ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହମ୍ମଦ୍ ଜାହିଦ ଖାଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗାଳ୍ପିକ ମାତୃଦତ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ନବଜ୍ୟୋତି ରାୟ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଲେଖକ ତ୍ରିଲୋଚନ ପ୍ରଧାନ, ଆନନ୍ଦ କୁମାର ମାଇତି, ଡିସିବି ବ୍ୟାଙ୍କ୍ ନିର୍ଦ୍ଦେଶକ ନରେନ୍ଦ୍ର ନାଥ ମିଶ୍ରଙ୍କ ପୁସ୍ତକ 'ଅମଣିଷ ଓ ଅନାନ୍ୟ ଗପ' ଓ "୫୦ଟି ଶିକ୍ଷା"ର ପାଠକାର୍ପଣ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ଏହି ଅବସରରେ କେନ୍ଦ୍ରାପଡା ପରିକ୍ରମା ସାତଭାୟା ବିଶେଷଙ୍କ ଉନ୍ମୋଚନ ହୋଇଥିଲା। ପୁସ୍ତକମେଳାରେ ୪୦ରୁ ଅଧିକ ଷ୍ଟଲରେ ପୁସ୍ତକ ଉପଲବ୍ଧ ହୋଇଛି। ଭାବଗ୍ରାହୀ କଳାନିକେତନର ପ୍ରତିଷ୍ଠାତା ବିମଳ କୁମାର ପରିଡାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ମେଳାରେ କେମ୍ପର ପ୍ରତିଷ୍ଠାତା ଡ. ବିରଜା ରାଉତରାୟ, ସାହିତ୍ୟ ସଂସଦର ପୂର୍ବତନ ସଭାପତି ତଥା ବିଶିଷ୍ଟ ଗାଳ୍ପିକ ରାମଚନ୍ଦ୍ର ବେହେରା, କବି ଅପର୍ଣ୍ଣା ମହାନ୍ତି, ତପନ ପତି, ଶୁଭାଂଶୁ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦର୍ଶିତ ଚିତ୍ର ଗ୍ୟାଲେରିକୁ ଅତିଥିମାନେ ଉଦଘାଟିତ କରିଥିଲେ। ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ରଗୁରୁ ହିମାଂଶୁ ଦାସଙ୍କ ନେତୃତ୍ୱରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାକୁ ରାଜେନ୍ଦ୍ର ମହାପାତ୍ର, ସନ୍ଦୀପ ସାହୁ, ପ୍ରଶାନ୍ତ ଆଚାର୍ଯ୍ୟ, ପ୍ରତାପ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ନ୍ୟୁ ଷ୍ଟାର ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ସ୍ୱାଇଁ, ସରୋଜକାନ୍ତ ସାହୁ, ଶିବ ଚରଣ ସାମଲ, ଧର୍ମଦର୍ଶୀ କର, ପ୍ରଦ୍ୟୁମ୍ନ ବେହୁରା, ମଞ୍ଜୁଶ୍ରୀ ଦାସ,ଅମରିନ ସାହାଦତ, ପ୍ରଫୁଲ୍ଲ କୁମାର ଜେନା, ସମାଜସେବୀ ଅଭିମନ୍ୟୁ ରାଉତ, ରଜନିକାନ୍ତ ଦାସ, ବିଚିତ୍ରା ପାଢ଼ି, ଚୌଧୁରୀ ଦୀପକ କୁମାର, ରଞ୍ଜିତ ପରିଡା, ହିମାଂଶୁ ଭୂଷଣ ପରିଡା, ନୃସିଂହ ତ୍ରିପାଠୀ, ଆଇନଜୀବୀ ମହମ୍ମଦ ମୁସ୍ତାକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ